

ପୃଷ୍ଠା ୭ | ବିବାହ ବନ୍ଧନରେ ନୀରଜ

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 298 | ଭାଗ ୩୨ | ସଂଖ୍ୟା ୨୯୮ | Bhubaneswar | Tuesday 21 January 2025 | Page 8 Rs. 4.00 | ଭୁବନେଶ୍ୱର ମଙ୍ଗଳବାର ୨୧ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## କୋଲକାତା ଲଜ୍ଜା
# ସଞ୍ଜୟଙ୍କୁ ଯାବଜ୍ଜୀବନ କାରାଦଣ୍ଡ



**କୋଲକାତା, ୨୦।୧:** ଆରଜି କର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ଦଣ୍ଡ ଶୁଣାଇଲେ ସିଆଲଦା କୋର୍ଟ। ମୃତ୍ୟୁ ଦଣ୍ଡାଦେଶ ନୁହେଁ, ଯାବଜ୍ଜୀବନ କାରାବାସ ଘୋଷଣା କଲେ କୋର୍ଟ। ମୃତ୍ୟୁ ଯାଏଁ ଜେଲ୍‌ରେ ରହିବ ସଞ୍ଜୟ। ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଅଧିନ ଦୁଷ୍କର୍ମ ଆଧାରରେ ଧାରା ୬୪, ହତ୍ୟା କରିବା ଉଦ୍ଦେଶ୍ୟରେ ଦଣ୍ଡ ଆଧାରରେ ଧାରା ୬୬, ହତ୍ୟା ଆଧାରରେ ଧାରା ୧୦୩(୧)ରେ ସଞ୍ଜୟଙ୍କୁ ଦୋଷୀ ସାବ୍ୟସ୍ତ କରିଛି ସିଆଲଦା କୋର୍ଟ। ଏଥିସହ ୫୦ ହଜାର ଟଙ୍କା ଜୋରିମାନା ଘୋଷଣା କରିଛନ୍ତି କୋର୍ଟ। ସଞ୍ଜୟଙ୍କୁ କ୍ୟାପିଟାଲ ପନିସମେଣ୍ଟ ଦେବାକୁ ଦାବି କରିଥିଲା ସିବିଆଇ ଓ ପରିବାର। ବିଚାରପତି ଅନିର୍ବାଣ ଦାସ ସିଆଲଦା କୋର୍ଟରେ ଏହି ଦଣ୍ଡାଦେଶ ଘୋଷଣା କରିଛନ୍ତି। ଏଥିସହ ପୀଡ଼ିତାଙ୍କ ପରିବାରକୁ ପଶ୍ଚିମବଙ୍ଗ ସରକାର ୧୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କହିଛନ୍ତି କୋର୍ଟ।

ସୂଚନାଯୋଗ୍ୟ, ୧୮ ଜାନୁଆରୀ ପୂର୍ବରୁ ସଞ୍ଜୟଙ୍କୁ ମୃତ୍ୟୁ ଦଣ୍ଡାଦେଶ ଶୁଣାଣି କରିବାକୁ ଘୋଷଣା କରିଥିଲେ ନ୍ୟାୟଧିଶ। ସିବିଆଇର କହିବାନୁସାରେ, ଦୁଷ୍କର୍ମ ଓ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଦଣ୍ଡ ମିଳିଥିଲେ ସୁଦ୍ଧା ପ୍ରମାଣକୁ ➪ ପୃଷ୍ଠା-୬

## କୋଣାର୍କରେ ଖଣିମନ୍ତ୍ରୀଙ୍କ ମାନସ ମନ୍ଥନ
# ଖଣିଜ ବିକାଶର ନେତୃତ୍ୱ ନେବ ଓଡ଼ିଶା: ମୁଖ୍ୟମନ୍ତ୍ରୀ

- ଭାରତ ହେବ ଗୁରୁତ୍ୱପୂର୍ଣ୍ଣ ଖଣିଜର ବିଶ୍ୱସ୍ତରୀୟ କେନ୍ଦ୍ର: କେନ୍ଦ୍ରମନ୍ତ୍ରୀ
- ଖଣିଜ ନିଲାମର ପଞ୍ଚମ ପର୍ଯ୍ୟାୟ ଆରମ୍ଭ
- ନିଲାମ ହେବ ୮ ରାଜ୍ୟର ୧୫ ଖଣିଜ ବ୍ଲକ୍

**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ଖଣି ମନ୍ତ୍ରଣାଳୟ ପକ୍ଷରୁ ଆଜିଠାରୁ ରାଜ୍ୟ ସରକାରଙ୍କ ସହଯୋଗରେ କୋଣାର୍କଠାରେ ତୃତୀୟ ଜାତୀୟ ଖଣିମନ୍ତ୍ରୀ ସମ୍ମିଳନୀ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତର ଖଣିଜ କ୍ଷେତ୍ରରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୋହରାଇବା ସହ ଆଗାମୀ ଦିନରେ ଓଡ଼ିଶା ଭାରତର ଖଣିଜ ବିକାଶର ନେତୃତ୍ୱ ନେବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟର ସମୃଦ୍ଧ ଖଣିଜ ସମ୍ପଦ ଓ ସ୍ଥାୟୀ ଖଣି ପ୍ରତି ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ଦିଗରେ ଓଡ଼ିଶା ଦେଶର ନେତୃତ୍ୱ ନେବ। ପରିବେଶ ତଥା ସାମାଜିକ-ଅର୍ଥନୈତିକ ସନ୍ତୁଳନ ବଜାୟ ରଖିବା ସହ ଖଣିଜ ସମ୍ପଦର ଅଧିକରୁ ଅଧିକ ଉପଯୋଗ ପାଇଁ ରାଜ୍ୟ ସରକାର ଉତ୍ସର୍ଗୀକୃତ ମନୋଭାବ ପୋଷଣ କରୁଛନ୍ତି।

କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ ଆତ୍ମନିର୍ଭର ଭାରତର ଲକ୍ଷ୍ୟ ହାସଲ କରିବାରେ ଭାରତର ଖଣି କ୍ଷେତ୍ରର ରୂପାନ୍ତରଣଶୀଳ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ଭିତ୍ତିଭୂମି, ଶିଳ୍ପ ଓ ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଭୂମିକା ଉପରେ ଗୁରୁତ୍ୱାରୋପ କରି କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପାଇଁ ଭାରତ ଏକ ବିଶ୍ୱସ୍ତରୀୟ କେନ୍ଦ୍ର ହେବ। ଆତ୍ମନିର୍ଭରଶୀଳତା ବୃଦ୍ଧି ଓ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ ପାଇଁ ଆମେ ୭୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ବିଦେଶୀ ଖଣିଜ ନିଲାମରେ ନେତୃତ୍ୱ ନେଇଛୁ। ସ୍ଥାୟୀ ଖଣି ଖନନ ପ୍ରଣାଳୀ ସୁନିଶ୍ଚିତ କରିବା ସହ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଅନୁସନ୍ଧାନ ଓ ନିଲାମକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ଉପରେ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ମିଳନୀରେ ଆଗାମୀ ଦିନରେ ୮ ରାଜ୍ୟର ୧୫ ଖଣିଜ ବ୍ଲକ୍ ନିଲାମ ହେବ ବୋଲି ଘୋଷଣା କରାଯାଇଛି। ଏଥିସହ ସମ୍ମିଳନୀରେ ଖଣି ବନ୍ଦ ଉପରେ ଶ୍ରେଷ୍ଠ ଅଭ୍ୟାସ ପୁସ୍ତିକା, ସର୍ବନିମ୍ନ ପରିବେଶ ଏବଂ ସାମାଜିକ ପ୍ରଭାବ ସହ ପ୍ରଭାବଶାଳୀ ଖଣି ବନ୍ଦ ପାଇଁ ରଣନୀତି ଏବଂ ରାଜ୍ୟମାନଙ୍କ ସର୍ବୋତ୍ତମ ଅଭ୍ୟାସ ପୁସ୍ତିକା ଉନ୍ମୋଚିତ ହୋଇଥିଲା।



ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଓ ଶ୍ରୀ ମାଝୀ ମାଇନିଂ ଟେନାମେଣ୍ଟ ସିଷ୍ଟମ (ଏମଟିଏସ)ର ଶୁଭାରମ୍ଭ କରିଛନ୍ତି। ଏହି ଉନ୍ନତ ଡିଜିଟାଲ ପ୍ଲାଟଫର୍ମ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା, ସ୍ୱଚ୍ଛତା ବୃଦ୍ଧି କରିବା ଏବଂ ଖଣିଜ ସମ୍ପଦ ପରିଚାଳନାରେ ଦକ୍ଷତା ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇଛି। ସମ୍ମିଳନୀରେ ଗ୍ରାଫାଇଟ୍, ଟଙ୍ଗଷ୍ଟନ, ବିରଳ ପୃଥିବୀ ତତ୍ତ୍ୱ (ଆରଇଇ) ଓ ନିକେଲ ଭଳି ଅତ୍ୟାବଶ୍ୟକ ଖଣିଜ ପଦାର୍ଥ ସମେତ ୮ଟି ରାଜ୍ୟର ୧୫ଟି ବ୍ଲକକୁ ନେଇ ପଞ୍ଚମ ପର୍ଯ୍ୟାୟ ଖଣି ନିଲାମ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ଖଣି ମନ୍ତ୍ରଣାଳୟ ସଚିବ ଭି.ଏଲ. କାନ୍ତାରାଓ ➪ ପୃଷ୍ଠା-୬

## ଆମେରିକାରେ
# ଟ୍ରମ୍ପ ୨.୦ ଆରମ୍ଭ



**ୱାଶିଂଟନ,୨୦।୧:** ବିଶ୍ୱର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ରର ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି ଡୋନାଲ୍ଡ ଟ୍ରମ୍ପ। ସେ ୪୭ତମ ରାଷ୍ଟ୍ରପତି ଭାବେ ଭାରତୀୟ ସମୟ ରାତି ୧୦ ଟା ୩୦ରେ ଶପଥ ନେଇଥିଲେ । ତାଙ୍କୁ ଶପଥ ପାଠ କରାଇଥିଲେ ମୁଖ୍ୟ ବିଚାରପତି ଜନ ରବର୍ଟସ। ଆଉ ଆଜିଠାରୁ ଆରମ୍ଭ ହୋଇଛି ଟ୍ରମ୍ପ ୨.୦ ଶାସନ। ଆମେରିକା ରାଜନୀତିରେ ଏହି ଚେହେରା, କୌଣସି ଚମତ୍କାରଠୁ କମ ନୁହେଁ। ଗତବର୍ଷ ଦ୍ୱିତୀୟ ଥର ପାଇଁ ନିର୍ବାଚନ ଜିଣି ସେ ଅସମ୍ଭବକୁ ସମ୍ଭବ କରିଥିଲେ । ଏଥିସହିତ ଦେଶର ୫୦ତମ ଉପରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି ଜେଡି ଭେନ୍ସ। ଶପଥ ପରେ ସାରା ବିଶ୍ୱକୁ ସମ୍ବୋଧନ କରିଥିଲେ

- ଆମେରିକାର ସ୍ୱର୍ଣ୍ଣିମ ଯୁଗ ଆରମ୍ଭ: ଟ୍ରମ୍ପ
- ପ୍ରଥମ ଥର ପାଇଁ ପାର୍ଲାମେଣ୍ଟ ଭିତରେ ହେଲା ଶପଥ ଉତ୍ସବ
- ଆତଙ୍କୀ ସୂଚୀରେ ରହିଲା ଡ୍ରଗ୍ସ କାରବାର
- ମେକ୍ସିକୋ ସୀମାରେ ଜରୁରୀ ପରିସ୍ଥିତି ଘୋଷଣା
- ଘନିଷ୍ଠ ବନ୍ଧୁଙ୍କୁ ଶୁଭେଚ୍ଛା ଜଣାଇଲେ ମୋଦି
- ଟ୍ରମ୍ପ ଶାସନରେ ଲାଭବାନ ହେବ ଭାରତ

ଟ୍ରମ୍ପ। ସେ କହିଥିଲେ ଯେ, ବିଶ୍ୱ ଏବେ ଆଉ ଆମେରିକାକୁ ବ୍ୟବହାର କରିପାରିବ ନାହିଁ। କାରଣ ଏବେ ଆମେରିକାର ସ୍ୱର୍ଣ୍ଣିମ ଯୁଗ ଆରମ୍ଭ ହୋଇଛି। ପୂର୍ବ ସରକାରକୁ ସମାଲୋଚନା କରି ସେ କହିଥିଲେ ଯେ, ବାଇଡେନ ପ୍ରଶାସନ ବିପର୍ଯ୍ୟୟ ମୁକାବିଲାରେ ଫେଲ ମାରିଥିଲା। ଆମେରିକା ବିଶ୍ୱର ମହାନ ରାଷ୍ଟ୍ରରେ ପରିଣତ ହେବ ବୋଲି ସେ କହିଥିଲେ। ବାଇଡେନ ଆଇନର ଅପବ୍ୟବହାର କରିଥିଲେ। ମୋ ଜୀବନ କୌଣସି ମତେ ବଞ୍ଚିଗଲା। ଆମେରିକାକୁ ମହାନ ରାଷ୍ଟ୍ର ଭାବେ ଗଢିବାକୁ ମୁଁ ବଞ୍ଚିଗଲି। ଏଥିସହ ଏଣିକି ଆମେରିକାକୁ ଅନୁପ୍ରବେଶ ବନ୍ଦ ହେବ ବୋଲି ସେ କହିଥିଲେ। ଦେଶର ସୁରକ୍ଷା ମୋର ପ୍ରାଥମିକତା ବୋଲି କହିବା ସହ ବିଦେଶୀ ଆତଙ୍କୀ ସଂଗଠନକୁ ସଫା କରିଦିଆଯିବ ବୋଲି ଚେତାବନୀ ଦେଇଥିଲେ ଟ୍ରମ୍ପ। ଏହି ପରିପ୍ରେକ୍ଷୀରେ ସେ ମେକ୍ସିକୋ ସୀମାରେ ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା କରିଛନ୍ତି। ମେକ୍ସିକୋ ସୀମାକୁ ଅଧିକ ସେନା ପଠାଇବାକୁ ମଧ୍ୟ ସେ ଘୋଷଣା କରିଛନ୍ତି। ଡ୍ରଗ କାରବାରକୁ ଆତଙ୍କୀ ସୂଚୀରେ ରଖିବା ସହ ଡ୍ରିଲ-ବେବି-ଡ୍ରିଲ ନୀତି ଘୋଷଣା ➪ ପୃଷ୍ଠା-୬

# ଗ୍ରୋଥ ଇଞ୍ଜିନକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

- ମନ୍ତ୍ରୀ ପରିଷଦ ବୈଠକରେ ସବୁ ବିଭାଗର ହେଲା ସମୀକ୍ଷା
- ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ନିର୍ଦ୍ଦେଶ
- ସମୟ ସୀମା ମଧ୍ୟରେ ବଜେଟ ଅର୍ଥ ଖର୍ଚ୍ଚ କରିବାକୁ ପରାମର୍ଶ
- ଚିରାଚରିତ ଧାରାରୁ ବାହାରି ନୂଆ ଯୋଜନା କରନ୍ତୁ ସଚିବ



**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ଖାରବେଳ ଭବନଠାରେ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ର କନକ ବର୍ଦ୍ଧନ ସିଂହଦେଓ ଓ ସମସ୍ତ ବିଭାଗର ମନ୍ତ୍ରୀମାନଙ୍କ ଉପସ୍ଥିତିରେ ବିଭାଗଗୁଡ଼ିକର କାର୍ଯ୍ୟ ସମୀକ୍ଷା କରିଥିଲେ। ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଜନାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକୁ ବ୍ୟାପକ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ବଜେଟ ୨୦୨୪-୨୫ ମୁତାବକ ଅଦ୍ୟାବଧି ହୋଇଥିବା ଖର୍ଚ୍ଚ ଉପରେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଥିଲେ। ଯେଉଁସବୁ ବିଭାଗରେ ଖର୍ଚ୍ଚ କମ୍ ହୋଇଛି, ସେହିସବୁ ବିଭାଗକୁ ଖର୍ଚ୍ଚ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ସମସ୍ତ ବିଭାଗମାନଙ୍କୁ ମଧ୍ୟ ଅନୁରୂପ ଭାବେ ଆଗାମୀ ବଜେଟ ପୂର୍ବରୁ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କାର୍ଯ୍ୟ କରି ଖର୍ଚ୍ଚ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସ୍ୱାସ୍ଥ୍ୟ ସେବା ଓ ଭିତ୍ତିଭୂମିର ଉନ୍ନତି, ସାମାଜିକ ସୁରକ୍ଷା, ➪ ପୃଷ୍ଠା-୬

# ଖଣି ଅଧିକାରୀଙ୍କୁ ମାରି ଗୋଡ଼ାଉଛନ୍ତି ବାଲି ମାଫିଆ



- ଟ୍ରକ ଚଢ଼ାଇଦେବାକୁ ଉଦ୍ୟମ
- ଥାନାର ଦ୍ୱାରସ୍ଥ ଖଣି ଅଧିକାରୀ

**ଭଣ୍ଡାରିପୋଖରୀ,୨୦।୧(ସଂଚାର ବ୍ୟୁରୋ):** ବାଲି ଚୋରା କାରବାର କରୁଥିବା ମାଫିଆମାନେ କେତେ ଭୟଙ୍କର ତାହାର ଏକ ଦୃଶ୍ୟ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ୍ ନେରେଡା ଅଞ୍ଚଳରେ। ଏଠାରେ ବୈତରଣୀ ନଦୀରୁ ବାଲି ଚୋରି କରୁଥିବା ମାଫିଆମାନେ ଖାଲି ନାଲିଆଖି ଦେଖାଇନାହାନ୍ତି, ବରଂ ଜିଲ୍ଲା ଖଣି ଉପନିର୍ଦ୍ଦେଶକଙ୍କୁ ବି ଗାଡ଼ି ଚଢାଇ ମାରିଦେବାର ଧମକ ଦେବାରୁ ସେ ଜୀବନ ନେଇ ପଳାଇ ଆସିବାରେ ସକ୍ଷମ ହୋଇଛି। ଏ ସଂକ୍ରାନ୍ତରେ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ଦଳାଇ ଭଣ୍ଡାରୀପୋଖରୀ ଥାନାରେ ଏଫ୍‌ଆଇଆର ରୁଜୁ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ ନେରେଡ଼ା ଅଞ୍ଚଳରେ ଚୋରା ବାଲି ପରିବହନ ହେଉଥିବାର ସୂଚନା ପାଇବା ପରେ ଦଳବଳ ସହ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ସମୟରେ ସେ ଗୋଟିଏ ହାଇୱା ଗାଡ଼ିକୁ ଧରିଥିଲେ। ଗାଡ଼ିରେ ଲେଖାଥିବା ଫୋନ୍ ନମ୍ବରରେ ମାଲିକଙ୍କୁ ଯୋଗାଯୋଗ କରିବାରୁ ସେ ପହଞ୍ଚୁଛି ବୋଲି ବାରମ୍ବାର କହିଥିଲେ। ଶ୍ରୀ ଦଳାଇ ହାଇୱା ଡ୍ରାଇଭରକୁ ଗାଡ଼ିର ଚାବି ମାଗିଥିଲେ ମଧ୍ୟ ସେ ଏଥିପ୍ରତି ଖାତିର୍ କରିନଥିଲା, ବରଂ ➪ ପୃଷ୍ଠା-୬

# ଫେମିନା ଫୋର୍ବ୍ସରେ ଜୟନ୍ତୀ ବୁରୁଦା



**ମାଲକାନଗିରି,୨୦।୧(ସଂଚାର ବ୍ୟୁରୋ):** ଫୋର୍ବ୍ସ ମାଗାଜିନ୍ ପରେ ଏବେ ଫେମିନା ପତ୍ରିକାରେ ସ୍ଥାନ ପାଇଛନ୍ତି ଆଦିବାସୀ ଯୁବତୀ ଜୟନ୍ତୀ ବରୁଦା । ଦେଶର ପ୍ରସିଦ୍ଧ ତଥା ସର୍ବପୁରାତନନ ମହିଳା ସମ୍ପର୍କିତ ଇଂରାଜୀ ମାଗାଜିନ୍ ଫେମିନାରେ ବିଗ୍ ଷ୍ଟୋରୀ ସେଗମେଣ୍ଟରେ ଜୟନ୍ତୀଙ୍କ ପ୍ରେରଣାଦାୟୀ କାହାଣୀ ସ୍ଥାନ ପାଇଛି । କୋମଳମତି ଝିଅଙ୍କୁ ଋତୁସ୍ରାବ ସମ୍ପର୍କରେ ଅବଗତ କରାଇବା ସହ ମାଗଣାରେ ସାନିଟାରି ପ୍ୟାଡ ବାଣ୍ଟିବା, ଆଦିବାସୀଙ୍କୁ ଶିକ୍ଷା ଓ ସାମାଜିକ ଅଧିକାର ପ୍ରଦାନ ଲାଗି ସଙ୍ଘର୍ଷ କରି ଆସୁଛନ୍ତି ଜୟନ୍ତୀ । ଏବେ ତାଙ୍କ କାହାଣୀ ଫେମିନା ମାଗାଜିନରେ ପ୍ରକାଶ ପାଇବା ପରେ ଚାରି ଆଡୁ ଛୁଟିଛି ପ୍ରଶଂସାର ସୁଅ । ମାର୍ଚ୍ଚ, ୨୦୨୪ରେ ଜୟନ୍ତୀଙ୍କ ସଙ୍ଘର୍ଷମୟ କାହାଣୀ ଫୋର୍ବସ୍ ପତ୍ରିକାରେ ସ୍ଥାନ ପାଇଥିଲା । ଏବେ ଫେମିନାର ୨୦୨୪ ଡିସେମ୍ବର ସଂସ୍କରଣରେ ତାଙ୍କ ନାଁ ପ୍ରକାଶ ପାଇବା ପରେ ବେଶ ଖୁସି ହୋଇଛନ୍ତି। ଏହା ଆଗକୁ ଆଦିବାସୀଙ୍କ ସେବା କରିବା ଦିଗରେ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି ଜୟନ୍ତୀ । ବଡ଼ ଦିଦି ସଙ୍ଗଠନ ସହ ଅଦରକାରୀ ବହି ସଂଗ୍ରହ କରି ପିଲାଙ୍କ ପାଠପଢା ପାଇଁ ଓପନ ଲାଇବ୍ରେରୀ ଚଳାଉଛନ୍ତି ଜୟନ୍ତୀ । ଗାଁକୁ ଗାଁ ଯାଇ ଆଦିବାସୀ ଯୁବକ ଯୁବତୀଙ୍କୁ ମୋବାଇଲ ଓ ➪ ପୃଷ୍ଠା-୬

# ବନ୍ଧୁକ ମୁନରେ ଲୁଟିନେଲେ ଦେଢ଼କୋଟିର ସୁନା ଅଳଙ୍କାର



**ସୁନ୍ଦରଗଡ଼,୨୦।୧(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ହେମଗିରି ଥାନା ସସୁନ୍ଦରା ବରପାଲିରେ ଏକ ବଡ଼ ଧରଣର ଡକାୟତି ଘଟଣା ଘଟିଛି। ଘର ଲୋକଙ୍କୁ ବାନ୍ଧି ଲୁଟେରାମାନେ ପାଖାପାଖି ଦେଢ଼ କୋଟି ଟଙ୍କା ମୂଲ୍ୟର ସୁନା ଅଳଙ୍କାର ସହ ନଗଦ ୨ ଲକ୍ଷ ଟଙ୍କା ଲୁଟିନେଇଛନ୍ତି। ଏପରି ଲୁଟର ଶିକାର ହୋଇଛନ୍ତି ବରପାଲିର ନିଖିଲ ଅଗ୍ରୱାଲ। ଦୁର୍ବୃତ୍ତମାନେ ନିଖିଲ ଓ ତାଙ୍କ ପରିବାରକୁ ଏକ ଘର ଭିତରେ ପୂରାଇ ବାନ୍ଧିବା ସହ ବନ୍ଧୁକ ଓ ଭୁଜାଲି ଦେଖାଇ ଭୟଭୀତ କରାଇଥିଲେ। ପରେ ଆଲମିରା ଖୋଲି ପ୍ରାୟ ୧.୫ କେଜି ସୁନା, ଏକ କେଜି ରୁପା ଓ ନଗଦ ୨ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଖବର ପାଇ ଘଟଣାସ୍ଥଳରେ ପୁଲିସ ଓ ସାଇଣ୍ଟିଫିସ ଟିମ ପହଞ୍ଚି ଘଟଣାର ତଦନ୍ତ କରୁଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଦୁର୍ବୃତ୍ତମାନଙ୍କ ସମ୍ପର୍କରେ କିଛି ବି ସୂଚନା ପାଇପାରି ନ ଥିବା ଜଣାପଡ଼ିଛି।

# ଜଙ୍ଗଲୀ ଫଳ ଖାଇ ୮ ଛାତ୍ରଛାତ୍ରୀ ଗୁରୁତର

**ରାୟଗଡ଼ା,୨୦।୧(ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ ବରିଗୁଡ଼ା ବିଦ୍ୟାଳୟର ୮ ଜଣ ଛାତ୍ରଛାତ୍ରୀ ଜଙ୍ଗଲୀ ଫଳ ଖାଇ ଗୁରୁତର ଭାବେ ଅସୁସ୍ଥ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ ବିଦ୍ୟାଳୟ ଛୁଟି ହେବା ପରେ ଉକ୍ତ ଛାତ୍ରଛାତ୍ରୀମାନେ ଘରକୁ ଫେରିବା ସମୟରେ ବାୟୋ ଡିଜେଲ୍‌ରୁ ପ୍ରସ୍ତୁତ ହେଉଥିବା ଫଳ ଜାଟ୍ରୋଫାକୁ ଖାଇବା ଫଳ ଭାବି ଖାଇଦେଇଥିଲେ। ତେବେ ଖାଇବାର ଅଳ୍ପ ସମୟ ମଧ୍ୟରେ ସେମାନେ ପେଟ ଯନ୍ତ୍ରଣାରେ ଛଟପଟହେବା ସହ ବାନ୍ତି କରିଥିଲେ। ଏହାପରେ ସେମାନେ ନିଜ ପରିବାର ଲୋକଙ୍କୁ ଉକ୍ତ ଫଳ ସମ୍ପର୍କରେ ଜଣାଇଥିଲେ। ➪ ପୃଷ୍ଠା-୬

# ପାୱାରଫୁଲ୍ କମ୍ୟୁନିକେସନ୍ ଏଏସ୍‌ଆଇ



ଓଡ଼ିଶା ପୁଲିସ୍ କମ୍ୟୁନିକେସନ୍ ବିଭାଗର ଜଣେ ଏଏସ୍‌ଆଇଙ୍କୁ ନେଇ ପୁଲିସ୍ ମହଲାରେ ଚର୍ଚ୍ଚା ଚାଲିଛି। ସେ ଯାହାକୁ ଯେଉଁଠି ଚାହିଁଲେ ସେଠାରେ ପୋଷ୍ଟିଂ କରୁଛନ୍ତି। ଖାଲି ସେତିକି ନୁହେଁ, ତାଙ୍କ ଇସାରାରେ ଚାଲୁଛି ପୂରା ବିଭାଗ। କଥାଟି ଅଡୁଆ ଲାଗିଲେ ବି ସତ। ଗତ କିଛି ଦିନ ତଳେ ଜଣେ ଅଫିସରଙ୍କୁ କୋରାପୁଟ୍ ଟ୍ରାନ୍ସଫର କରିବେ ବୋଲି ଧମକ ଦେଇଥିଲେ। ଆଉ ଜଣଙ୍କୁ ମୟୂରଭଞ୍ଜ। ସେମାନେ ତାଙ୍କ କଥାକୁ ହାଲୁକା ଭାବେ ନେଇଥିଲେ। ହେଲେ ଏହା ସତ ହୋଇଛି। ଯେଉଁମାନଙ୍କର ଟ୍ରାନ୍ସଫର ହୋଇଛି, ସେମାନେ ଏସ୍‌ଏସ୍‌ଆଇଠାରୁ ଉଚ୍ଚପଦସ୍ଥ ଅଧିକାରୀ। ଏହି ଦୁଇ ଘଟଣା ଏବେ ଓଡ଼ିଶା ପୁଲିସ୍‌ରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଏସ୍‌ଆଇ ବାବୁ ଜଣଙ୍କ ୨୦୦୯ ମସିହାଠାରୁ ଗୋଟିଏ ଜାଗାରେ ରହିଛନ୍ତି। ସବୁଠାରୁ ବଡ଼ କଥା ହେଲା ବାବୁଙ୍କ ପରକୀୟା ପ୍ରୀତିକୁ ନେଇ ବିବାଦକୁ ଆସିଥିଲେ। ପରକୀୟା ପ୍ରୀତି କଥା ତାଙ୍କ ସ୍ତ୍ରୀ ଜାଣିବା ପରେ ପ୍ରତିବାଦ କରିଥିଲେ। ଏଏସ୍‌ଆଇ ବାବୁ ଜଣଙ୍କ ତାଙ୍କ ସ୍ତ୍ରୀଙ୍କୁ ନିସ୍ଠୁକ ମାଡ଼ ମାରି ଘରୁ ବାହାର କରିଦେଇଥିଲେ। ଏନେଇ ସେ ଇନ୍‌ଫୋସିଟି ଥାନାରେ ଏକ ମାମଲା ରୁଜୁ କରିଥିଲେ। ହେଲେ ବାବୁଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା। ଏବେ ତାଙ୍କ ସ୍ତ୍ରୀ ନ୍ୟାୟ ପାଇଁ ବାର ଦୁଆର ବୁଲୁଛନ୍ତି। ଏଏସ୍‌ଆଇ ବାବୁ ଜଣଙ୍କ ପାୱାରଫୁଲ୍ ହୋଇଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କାହାର ଦମ୍ ପାଉନି। ■



## କାନ ଡେରିଥା

କୋଭିଡ ଆଳରେ ସାର୍ଟ
ପୋଡିଲେ
ତଦନ୍ତ ସରି ନଥିଲା
ନବ ଦାସ ମିଷ୍ଟ୍ରି ବାଟବଣା ପାଇଁ
ସବୁ ତ ପ୍ରସ୍ତୁତ ଥିଲା
କାହା ଇଙ୍ଗିତରେ ହେଲା...
କିଏ ସେ ଜାଣିଛି କାହିଁକି
ପୋଡ଼ିଲେ
ସେଥିପାଇଁ ଏଠି ପାଲା!

■ ଦେବାଶିଷ

# ରିଲ୍ ନାୟକ ନୁହେଁ, ରିଅଲ୍ ନାୟକ ମୋହନ

**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ରାଜ୍ୟରେ ନୂଆ ସରକାରକୁ ଛ' ମାସ ପୂରିଥିବା ବେଳେ ରିଅଲ ସରକାରକୁ ପାଖରୁ ଦେଖି ଲୋକେ ଖୁସି। ୨୫ ବର୍ଷ ଧରି ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଫଟୋରେ ଦେଖୁଥିବାବେଳେ ଏବକାର ମୁଖ୍ୟମନ୍ତ୍ରୀଙ୍କୁ ଅତି ନିକଟରେ ଦେଖୁଛନ୍ତି। ସିଧାସଳଖ କଥା ବି ହେଉଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଧାରଣ ଲୋକଙ୍କ ନିକଟକୁ ଯିବା ସହିତ ଗୋଟି ଗୋଟି କରି ନିର୍ବାଚନୀ ପ୍ରତିଶ୍ରୁତି ବି ପୂରଣ କରିବାରେ ଲାଗିଛନ୍ତି।

ସରକାର ଗଠନର ଛ' ମାସ ମଧ୍ୟରେ ରାଜ୍ୟବାସୀଙ୍କୁ ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତିକୁ ମୋହନ ସରକାର ପୂରଣ କରିଛନ୍ତି। ପ୍ରଥମ ତଥା ବଡ଼ ପ୍ରତିଶ୍ରୁତି ଭାବେ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିଛନ୍ତି। ଏବେ ରତ୍ନଭଣ୍ଡାର ମରାମତି ସହିତ ଗଚ୍ଛିତ ଗହଣାର ଗଣତି ମଣତି ପାଇଁ ପ୍ରସ୍ତୁତି ଚାଲିଛି। ଏହାପରେ ମହିଳାମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ସୁଭଦ୍ରା ଯୋଜନାରେ କୋଟିଏରୁ ଅଧିକ ମହିଳାଙ୍କୁ ସାମିଲ କରି ସହାୟତା ଅର୍ଥ ପ୍ରଦାନ କରିଛନ୍ତି। ଏହି ଯୋଜନା ଆଗାମୀ ୫ ବର୍ଷ ପାଇଁ ଜାରି ରହିବ ଓ ନିୟମିତ ଭାବେ ନୂତନ ପଞ୍ଜିକରଣ ବି ହେବ।

- ପାଖରେ ପାଇ ଲୋକେ ଖୁସ୍
- ବଡ଼ ପ୍ରତିଶ୍ରୁତି ପୂରଣ କରି ମୋହନ ବି ଖୁସ୍

ଆଉ ଗୋଟିଏ ବଡ଼ ପ୍ରତିଶ୍ରୁତି ଭାବେ ମୋହନ ସରକାର ଚାଷୀମାନଙ୍କୁ ଧାନର ଉପରେ କୁଇଣ୍ଟାଲ ପିଛା ୧୦୦ ଟଙ୍କାର ସବସିଡି ଘୋଷଣା କରିଥିଲେ ବି ତାହା ପୂରଣ କରିବାରେ ସମର୍ଥ ହୋଇନଥିଲେ। ସେହିଭଳି ବୟସ୍କ ଭିନ୍ନକ୍ଷମ ଭତ୍ତାଧାରୀମାନଙ୍କୁ ପ୍ରତିଶ୍ରୁତି ମୁତାବକ ୩୫୦୦ ଟଙ୍କାର



ଇନ୍‌ପୁଟ୍ ସବସିଡି ବାବଦରେ ୮୦୦ ଟଙ୍କା ପ୍ରଦାନ କରୁଛନ୍ତି । ଫଳରେ ଚାଷୀମାନେ ସରକାରଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦରରେ ଧାନ ବିକ୍ରି କରୁଛନ୍ତି। ପୂର୍ବରୁ କୁଇଣ୍ଟାଲ ପିଛା ଧାନ ଦର ୨୩୦୦ ଟଙ୍କା ରହିଥିଲା। ବିଜେଡି ସରକାର ଏହା ଭତ୍ତା ପ୍ରଦାନ ଆରମ୍ଭ ହୋଇଛି। ୮୦ ବର୍ଷ ବୟସରୁ ଅଧିକ ବର୍ଷର ସମସ୍ତ ବ୍ୟକ୍ତି ଏବଂ ୮୦ ପ୍ରତିଶତ କିମ୍ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମମାନଙ୍କୁ ମାସିକ ୩୫୦୦ ଟଙ୍କାର ଭତ୍ତା ପ୍ରଦାନ କରାଯାଉଛି।

ମୁଖ୍ୟମନ୍ତ୍ରୀ ମୋହନ ➪ ପୃଷ୍ଠା-୬

### ମୁଗ ଚାଷୀଙ୍କୁ ଅଣଦେଖା କରୁଛି ପ୍ରଶାସନ

# ସମୟ ଗଡୁଛି ହେଲେ ମିଳୁନି ବିହନ

**କେନ୍ଦ୍ରାପଡ଼ା, ୨୦।୧ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଚାଷୀଙ୍କୁ ଅଦିନିଆ ବର୍ଷା କନ୍ଦେଇ ଦେଇଯାଇଥିବା ବେଳେ ପୁନର୍ବାର କିଭଳି ଅଣ୍ଟାସଳଖି ଛିଡା ହେବ ସେନେଇ ଚିନ୍ତାରେ ଥିବା ବେଳେ ଚାଷୀଙ୍କ ପ୍ରତି ପ୍ରଶାସନ କିଛୁ ଆନ୍ତରିକତା ଦେଖାଉ ନାହିଁ । କାରଣ ଧାନ ଚାଷ ପରେ ଡାଲି ଜାତୀୟ ଫସଲ ମୁଗ ଏବଂ ବିରି ଫସଲ ଜିଲ୍ଲାରେ ପ୍ରମୁଖ ଫସଲ ଭାବେ ଦେଖାଯାଏ । କିନ୍ତୁ କେନ୍ଦ୍ରାପଡା ଜିଲ୍ଲା କୃଷି ବିଭାଗ ଚାଷୀଙ୍କୁ ଏପର୍ଯ୍ୟନ୍ତ ମୁଗ, ବିରି ବିହନ ଯୋଗାଇ ଦେଇନି। ଯାହାକୁ ନେଇ ଏବେ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ଚାଷୀଙ୍କ ମନରେ ଅସନ୍ତୋଷ ଦେଖା ଦେଇଛି। ଚାଷୀମାନେ ସରକାରୀ ମୁଗ ଏବଂ ବିରି ବିହନକୁ ଚାହିଁ ଚାହିଁ ନ ମିଳିବାରୁ ଖୋଲା ମାର୍କେଟରୁ ଶେଷରେ ଚଢ଼ା ଦରରେ ମୁଗ ବିହନ କିଣିବାକୁ ବାଧ୍ୟ ହେଉଛନ୍ତି । ଗତ ଡ଼ିସେମ୍ବର ମାସରୁ ବିଭିନ୍ନ ବ୍ଲକ୍‌କୁ ଶହ ଶହ କୁଇଣ୍ଟାଲ ମୁଗ ବିହନ ଆସିବା ସହ ଗୋଦାମ ଗୃହରେ ଗଛିତ ଥିବା ଜଣାପଡିଛି । ଏହି ମୁଗ ବିହନ ବିତରଣ ଦାୟିତ୍ୱ ଏକ ଏନଜିଓ ସଂସ୍ଥା ନେଇଥିବା ବେଳେ ଏ ପର୍ଯ୍ୟନ୍ତ ବିହନ ବିତରଣ ହୋଇ ପାରିନାହିଁ ।

ମାର୍ଶାଘାଇ ବ୍ଲକ ଚାଷୀଙ୍କ ଅଭିଯୋଗ ଅନୁଯାୟୀ ଚଳିତ ବର୍ଷ ଏକ ଏନଜିଓ ମୁଗ ବିହନ ବିତରଣ ଦାୟିତ୍ୱ ନେଇଥିବା ଜଣାପଡିଛି। ତେବେ କୃଷି ବିଭାଗର କୃଷକସାଥି, ଗ୍ରାମ୍ୟକୃଷି କର୍ମଚାରୀ ଭଳି କୃଷି ବିଭାଗର ଫିଲ୍ଡ କର୍ମଚାରୀ ଥିବା ସତ୍ୱେ ଏନଜିଓକୁ ଦାୟିତ୍ୱ କାହିଁକି ଏବଂ କେଉଁ କାରଣରେ ଦିଆଯାଇଛି । ମୁଗ ବିହନ ବିତରଣ ବିଳମ୍ବ ହେଉଥିବାରୁ ସରକାରୀ ମୁଗ ବିହନ ଚାଷୀଙ୍କୁ ଦିଆ ନ ଯାଇ ବାଟମାରଣା ହେବାର ଆଶଙ୍କା ସୃଷ୍ଟି ହୋଇଛି । କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ କୁମାର ରାୟ ଏବଂ ମାର୍ଶାଘାଇ ଜିଲ୍ଲା କୃଷି ଅଧିକାରୀ ହେମନ୍ତ କୁମାର ସାମଲ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ମୁଗ ବିହନ ବିତରଣ କରିବାକୁ ଚାଷୀମାନେ ଦାବୀ କରିଛନ୍ତି ।

**ଚଢ଼ା ଦରରେ କିଣୁଛି ଚାଷୀ**

**ବଣ୍ଟନ ଦାୟିତ୍ୱରେ କାହିଁକି ବେସରକାରୀ ସଂସ୍ଥା ?**



### କୁମ୍ଭୀର ଗଣନା ପାଇଁ ଭିତରକନିକା ବନ୍ଦ ପ୍ରହସନ

# ସାଧାରଣ ପର୍ଯ୍ୟଟକଙ୍କୁ ନା, ବଡ଼ବଡ଼ିଆଙ୍କୁ ହଁ

**ରାଜନଗର, ୨୦।୧ (ସଂଚାର ବ୍ୟୁରୋ):** ବିଶ୍ୱ ପ୍ରସିଦ୍ଧ ଭିତରକନିକା ପରିଭ୍ରମଣ ପାଇଁ ବନବିଭାଗ ପକ୍ଷରୁ ୯ଦିନ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଚଳିତମାସ ୧୪ରୁ ୨୨ ତାରିଖ ପର୍ଯ୍ୟନ୍ତ ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଭିତରକନିକା ପ୍ରବେଶକୁ ବାରଣ କରାଯାଇଛି। ଏହି ସମୟସୀମା ମଧ୍ୟରେ ଭିତରକନିକାକୁ ଆସିଥିବା ବିଦେଶାଗତ ପକ୍ଷୀ ଏବଂ ଜାତୀୟ ଉଦ୍ୟାନର ପ୍ରବାହିତ ନଦୀ ନାଳ ମାନଙ୍କରେ ବସବାସ କରୁଥିବା ବଉଳା କୁମ୍ଭୀର ମାନଙ୍କର ଗଣନା କାର୍ଯ୍ୟ କରାଯିବା ପାଇଁ ଏହି ନିଷେଧାଜ୍ଞା ଜାରି କରାଯାଇଛି। କିନ୍ତୁ ପେଣ୍ଠ ବେଳାଭୂମିରେ ଚାଲିଥିବା ଇକୋ ରିଟ୍ରିଟରେ ଭିଆଇପିମାନେ ବିଳାସବ୍ୟସନ ପାଇଁ ସମୟ କାଟୁଛନ୍ତି। ଏହି ବ୍ୟୟବ୍ୟହୁଳ ଇକୋରିଟ୍ରିଟର ମଜା ନେଉଥିବା ଭିଆଇପିଙ୍କ ପାଇଁ ବନବିଭାଗ ସବୁ କଟକଣାକୁ ଫୁ କରି ପରିଭ୍ରମଣ ପାଇଁ ଜଳ ଓ ସ୍ଥଳପଥରେ ଅନୁମତି ଦେବାକୁ ନେଇ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି।



ପ୍ରକୃତିକୁ ଉପଭୋଗ କରିବା ପାଇଁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ବନବିଭାଗ ନୋଟିସ ମାଧ୍ୟମରେ କଟକଣା ଜାରି କରିଥିବା ବେଳେ ଭିଆଇପି ମାନଙ୍କୁ କେଉଁ ଆଧାରରେ ପରିଭ୍ରମଣ ପାଇଁ ସୁଯୋଗ ଦିଆଯାଉଛି ବୋଲି ସାଧାରଣ ପର୍ଯ୍ୟଟକମାନେ ପ୍ରଶ୍ନ କରିଛନ୍ତି। ପର୍ଯ୍ୟଟକମାନଙ୍କ ନୌକାବିହାର ସମୟରେ ସେମାନଙ୍କ ବ୍ୟବହୃତ ବୋଟ ଯୋଗୁଁ କୁମ୍ଭୀରମାନେ ନଦୀକୂଳକୁ ଆସିନଥାନ୍ତି। ଶୀତୁଆ ସମୟରେ ସେମାନେ ବହୁ ସଂଖ୍ୟାରେ ଜଳସ୍ଥିର ଥିବା ବେଳେ ଖରାପୋଇଁବା ପାଇଁ କୂଳ ଏବଂ ନଦୀପଠା ମାନଙ୍କରେ ଦେଖିବାକୁ ମିଳିଥାନ୍ତି। ତେଣୁ କୁମ୍ଭୀର ମାନଙ୍କର ଗଣନା ପୂର୍ବରୁ ନଦୀ ଓ ନାଳର ଜଳକୁ ସ୍ଥିର ରଖିବା ପାଇଁ ବନବିଭାଗ ପକ୍ଷରୁ ଏହି ନିଷେଧାଜ୍ଞା ଜାରି କରାଯାଇଥାଏ। କିନ୍ତୁ ଇକୋ ରିଟ୍ରିଟର ଭିଆଇପି ପର୍ଯ୍ୟଟକଙ୍କ ପାଇଁ ଏଭଳି ବିଚିତ୍ର ନୀତିକୁ ସାଧାରଣରେ ବିରୋଧ କରାଯାଇଛି।

## ଇଜତମା ଅଞ୍ଚଳ ପରିଦର୍ଶନ ସହ ସମୀକ୍ଷା କଲେ ବିଧାୟକ



**କେନ୍ଦ୍ରାପଡ଼ା, ୨୦।୧ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଚଉଦକୁଲାଟ ଠାରେ ହେବାକୁ ଥିବା ଇଜତମା ଅଂଚଳ ପରିଦର୍ଶନ କରି କମିଟିର ସଦସ୍ୟ ମାନଙ୍କ ସହିତ ପ୍ରସ୍ତୁତି ସଂପର୍କରେ ସମୀକ୍ଷା କରିଥିଲେ । ବିଧାୟକ ଶ୍ରୀ ବେହେରା ସୋମବାର ସଂନ୍ଧ୍ୟା ୫ଟା ସମୟରେ ଇଜତମା ସ୍ଥାନରେ ପହଁଚି ରାସ୍ତା, ପାଣି, ବିଦ୍ୟୁତ୍, ପରିମଳ, ଗାଡି ରହିଣୀ ସ୍ଥାନ, ଭକ୍ତ ମାନଙ୍କ ଆଶ୍ରୟ ସ୍ଥଳୀ ବିଭିନ୍ନ ସ୍ଥାନ ପରିଦର୍ଶନ କରି ସମୀକ୍ଷା କରିଥିଲେ । ଇଜତମା କମିଟିର ସଭାପତି ମହମ୍ମଦ ଆବତାବ ଆଲାମ ଓ ଅନ୍ୟ ପ୍ରତିନିଧି ମାନଙ୍କ ସହ ଆଲୋଚନା କରି ଅସ୍ଥାୟୀ ରାସ୍ତା ନିର୍ମାଣ, ପାନୀୟ ଜଳ ପାଇପ ସଂଯୋଗ ସଂପର୍କରେ ଆଲୋଚନା କରିଥିଲେ । କେତେକ କାର୍ଯ୍ୟରେ ବିଳମ୍ବ ହେବାରୁ ତୁରନ୍ତ ଏହି କାର୍ଯ୍ୟ ଗୁଡିକୁ ସାରିବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି । ତାଙ୍କର ଏହି ଆଲୋଚନା ସମୟରେ ସ୍ଥାନୀୟ ଅଂଚଳର ସରପଂଚ, ସମିତିସଭ୍ୟ ଏବଂ ସ୍ଥାନୀୟ ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଗରିବ ବ୍ରାହ୍ମଣ ପିଲାଙ୍କ ସାମୂହିକ ବ୍ରତ ଉପନୟନ

**କେନ୍ଦ୍ରାପଡ଼ା, ୨୦।୧ (ସଂଚାର ବ୍ୟୁରୋ) :** ତୁଳସୀ କ୍ଷେତ୍ର ପଣ୍ଡିତ ସଭା ଆନୁକୁଲ୍ୟରେ ୫ ଜଣ ଅନାଥ ବ୍ରାହ୍ମଣ ପିଲାଙ୍କ ସାମୁହିକ ବ୍ରତ ଉପନୟନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ସୋମବାର କେନ୍ଦ୍ରାପଡା ପୌରାଂଚଳର ତଳ ବାରଙ୍ଗ ଗୋପୀନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ସାମୁହିକ ବ୍ରତ ଉପନୟନରେ ଦିପ୍ତି ରଞ୍ଜନ, ଦିବ୍ୟ ଦର୍ଶନ ପତି, ଲକ୍ଷ୍ମୀକାନ୍ତ ତ୍ରିପାଠି, ସଂଜୟ ଦିକ୍ଷିତ୍, ସୁଧାଂଶୁ ଶେଖର ପଣ୍ଡା ପ୍ରମୁଖ ବ୍ରହ୍ମଚାରୀ ଭାବେ ବ୍ରତ ଉପନୟନ କରିଥିଲେ । ପଣ୍ଡିତ ସଭାର ସଭାପତି ପଣ୍ଡିତ ଧ୍ରୁବ ଚରଣ ପଣ୍ଡା ଓ ସଂପାଦକ ପଣ୍ଡିତ ସତ୍ୟ ନାରାୟଣ ପତିଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନ ରେ ଅନୁଷ୍ଠିତ ଏହି ବ୍ରତ କାର୍ଯ୍ୟରେ ଗୋପୀନାଥଜୀଉ ଯୁବକ ସଂଘ ଓ ସ୍ଥାନୀୟ ଗ୍ରାମବାସୀ ମାନେ ସଂପୂର୍ଣ୍ଣ ସହଯୋଗ କରିଥିଲେ । ନୃସିଂହ ଚରଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।



## ଜିଲ୍ଲାପାଳଙ୍କୁ ଭେଟିଲେ କୃଷି ସମବାୟ ସମିତି ସମ୍ପାଦକ



**କେନ୍ଦ୍ରାପଡ଼ା, ୨୦।୧ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟରତ ଥିବା ୧୨୧ ଟି କୃଷି ସମବାୟ ସମିତିର ସଂପାଦକ ମାନେ ଜିଲ୍ଲାପାଳଙ୍କୁ ଭେଟି ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିବା ଜଣାପଡିଛି । ଜିଲ୍ଲା ସଂପାଦକ ସଂଘର ସଭାପତି ବୈରାଗୀ ଚରଣ ସାହୁଙ୍କ ନେତୃତ୍ୱରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଭେଟି ଧାନକିଣା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିବା ସହ ଚାଷୀ ମାନଙ୍କର ଉତୋରତର ଉନ୍ନତି ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ପଦକ୍ଷେପ ସଂପର୍କରେ ସଂପାଦକ ମାନଙ୍କୁ ଯତ୍ନବାନ ହେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଚାଷୀ ମାନଙ୍କର ଯେପରି କୌଣସି ଅସୁବିଧା ନ ହୁଏ ସେ ଦିଗରେ ସମସ୍ତେ ସଚେତନ ରହିବା ଆବଶ୍ୟକ । ଅନ୍ୟ ମାନଙ୍କ ମଧ୍ୟରେ ନୀଳମଣି ପ୍ରଧାନ, ଅସୀତ କୁମାର ବେହୁରିଆ, ଶ୍ରୀହର୍ଷ ମହାନ୍ତି, ବିଜୟ କୁମାର ବାରିକ, ସେକ ସକିଲ ଅହେମଦ, କାଳନ୍ଦୀ ବିଶ୍ୱାଳ, ସୁବୋଧ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

## ପାର୍ବତୀଙ୍କୁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସହାୟତା

**ମହାକାଳପଡ଼ା, ୨୦।୧ (ସଂଚାର ବ୍ୟୁରୋ):** ଖାଦ୍ୟ, ବସ୍ତ୍ର ଓ ବାସଗୃହ ମଣିଷର ମୌଳିକ ଆବଶ୍ୟକତା ଅଟେ। ଯଦି ଏପରି କିଛି ବି ସୁବିଧା କାହା ଜୀବନ ରେ ନ ଥାଏ ତେବେ ସେ କିପରି ବଞ୍ଚିବ। ଯେତେବେଳେ ଭୋକ ହେବ ସେ କଣ ଖାଇବ? ରହିବ କେଉଁଠି? ଏହିପରି ଜଣେ ମହିଳା ଅଛନ୍ତି। ଯାହାଙ୍କ ନାମ ପାର୍ବତୀ ସିଂ। ସେ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ବଉଳକଣୀ ପଂଚାୟତ ର ସିଂ ପଡ଼ା ଗ୍ରାମରେ ରୁହନ୍ତି। ତାଙ୍କ ସ୍ୱାମୀ ଆଉ ଦୁନିଆଁ ରେ ନାହାନ୍ତି। ସେ ଯେଉଁ ଘରେ ରୁହନ୍ତି ତାହା ଘର କି କୁକୁଡ଼ା ଭାଡ଼ି ଦେଖିଲେ ଅନୁଭବ ହେବ। ଚାଳ ଛପର ଦୀର୍ଘ ଦିନ ହେଲା ହୋଇନି। ବସ୍ତ୍ର କହିଲେ ଶାଢ଼ୀ ର ରଙ୍ଗ ବି ନାହିଁ। ଖାଦ୍ୟ ଅଭାବ ଯୋଗୁଁ ସେ ଯାଇ ଧାନ ବିଲରେ ମୂଷା କାଟି ଛାଡ଼ି ଦେଇଥିବା ଧାନକୁ ସଂଗ୍ରହ କରି ଜୀବିକା ନିର୍ବାହ କରନ୍ତି। ଅନ୍ୟ ସମୟରେ ବିଲ ରୁ ମାଛ ଧରି ନଚେତ୍ ଶାଗ ତୋଳି ଜୀବନ ଅତିବାହିତ କରନ୍ତି।



ଏପରି ଖବର ପ୍ରଚାରିତ ପରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପାର୍ବତୀ ମାଉସୀ ଙ୍କ ପାଇଁ ଦୁଇ ମାସ ର ରାସନ ସାମଗ୍ରୀ ଯୋଗାଇ ଦିଆଯାଇଛି। ଅନ୍ୟାନ୍ୟ ସାମଗ୍ରୀ ଯଥା ଶୀତ ବସ୍ତ୍ର କମ୍ବଳ, ଶାଢ଼ୀ ଯୋଗାଇ ଦିଆଯାଇଛି। ତାଙ୍କର ଘରକୁ ପାଲ ପକାଇ ସମ୍ପୂର୍ଣ୍ଣ ଘୋଡାଇ ଦେଇଥିଲେ ଟ୍ରଷ୍ଟର କର୍ମକର୍ତ୍ତା। ଏ ସବୁ ଜିନିଷ ପାଇବା ପରେ ପାର୍ବତୀ ମାଉସୀ ଖୁସୀରେ କହିଥିଲା ସତରେ ଜଗନ୍ନାଥଙ୍କ ଲୋକେ ମୋ ଘରକୁ ଆସିଛନ୍ତି । ଆଜିର କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଶ୍ରୀଯୁକ୍ତ ଦମନ ମହାନ୍ତିଙ୍କ ବାର୍ତ୍ତା ଥିଲା ହେ ମହାପ୍ରଭୁ ଜଗନ୍ନାଥ ଆମ ସଙ୍ଗଠନକୁ ଏହିପରି ସସକ୍ତ କର ଯେ ଆମେ ଏହିପରି ଦୁଃଖି ଓ ଅଭାବୀ ଲୋକ ମାନଂକ ନିକଟ ରେ ପହଞ୍ଚି ସେବା ପ୍ରଦାନ କରିବୁ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟରେ ନିରାକାର ତ୍ରୀପାଠୀ, ପ୍ରଶାନ୍ତ କୁମାର ଦାଶ, କାଳନ୍ଦୀ ମଲ୍ଲିକ, ବଳରାମ ଦାସ, ରିଳିଆ ସାହୁ, ସୁରେନ୍ଦ୍ର ଶତପଥୀ, ଦେବେନ୍ଦ୍ର କୁମାର ସାହୁ, ଶଶିକାନ୍ତ ବେହେରା, ବୈଭବ ମାହାନ୍ତି ଓ ନିଗମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନକଲି ଭତ୍ତା ହିତାଧୀକାରୀଙ୍କ ନାମରେ ଏତଲା ପରେବି ପୁଲିସ ନୀରବ

**ଆଳି, ୨୦।୧ (ସଂଚାର ବ୍ୟୁରୋ):** ଆଳି ବ୍ଲକ୍ ଅନ୍ତର୍ଗତ ଅର୍ଗଳ ପଞ୍ଚାୟତ ନକଲି ଭତ୍ତା ହିତାଧିକାରୀଙ୍କ ନାମରେ ଏତଲା ଦେବାର ଏକ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ପୋଲିସ ହାତ ଖାଲି । ଭେଣ୍ଡିଆ ଭତ୍ତା କେଳେଙ୍କାରି ହାତେଇ ଥିବା ଘଟଣାର ଗୁମର ଖୋଲି ସାମ୍ବାଦିକ ସମ୍ମିଳନୀ କରିଛି ବିଜେପି । ଏହି ସାମ୍ବାଦିକ ସମ୍ମିଳନୀ ଜରିଆରେ ବିଜେଡି ବିରୁଦ୍ଧରେ ଗୁରୁତର ଆରପ ଲଗାଇବା ସହ ଏହାର ତଦନ୍ତ କରିବାକୁ ପ୍ରଶାସନକୁ ନିବେଦନ କରିଥିଲା । ଏହାକୁ ଗୁରୁତର ସହ ଜିଲ୍ଲା ପ୍ରଶାସନ ନେଇ ସମସ୍ତଙ୍କ ଭତ୍ତା ବନ୍ଦ କରି ତଦନ୍ତ ଆରମ୍ଭ କରିଥିଲା । ଘନ ଘନ ତଦନ୍ତ ପରେ ୬୫ ଜଣ ଅଯୋଗ୍ୟ ବୋଲି ଜାଣିବାକୁ ପାଇଥଲା ପ୍ରଶାସନ। ଏମାନଙ୍କ ବୟସ କାହାର ୩୫ ଥିବା ବେଳେ କାହାର ବୟସ ୪୫ ବର୍ଷ ବୟସ ହୋଇଥିଲା । ଯାହା ଚଞ୍ଚକତା କରି ନକଲି ପ୍ରମାଣପତ୍ର ଦ୍ୱାରା ୯ ମାସର ଭତ୍ତା ହାତେଇ ଥିବା ସ୍ପଷ୍ଟ ଜଣାପଡ଼ିଥିଲା । ଏହି କେଳେଙ୍କାରୀ ଘଟଣାରେ ବିଜେପି ଏମାନଙ୍କ କଳା କାରନାମା ଭଣ୍ଡୁର କରିଥିଲା । ଅନ୍ୟପଟେ ଡିସେମ୍ବର ୧୩ ତାରିଖ ରେ ୬୫ଜଣଙ୍କ ନାମରେ ଆଳି ଥାନରେ ବିଡ଼ିଓ ମିନତି ଜଗଦେବ ଏତେଲା ଦେବା ସହ ୯ ମାସର ଭତ୍ତା ଅର୍ଥରାଶି ଫେରସ୍ତ କରିବାକୁ କହିଥିଲେ। କିନ୍ତୁ ଘଟଣାକୁ ମାସେରୁ ଅଧିକ ସମୟ ବିତି ଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ପୋଲିସ କାହାରିକୁ ଧରି ନାହିଁ। ସତେ ଯେମିତି ସେସବୁକୁ ପାସୁରି ଦେଇଛି ଆଳି ପୋଲିସ । ଯାହାକି ପୋଲିସ ର କାର୍ଯ୍ୟ ଦକ୍ଷତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।





## ୩୭ତମ ମାନସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

**ମାର୍ଶାଘାଇ, ୨୦।୧ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ରଙ୍ଗାଳ ଖେଳ ପଡିଆରେ ୩୭ ତମ ବାର୍ଷିକ ମାନସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଘାଟିତ ହୋଇଛି। ଉଦଘାଟନ ମ୍ୟାଚରେ କଟକ ସୋଲାର କ୍ଲବ କେନ୍ଦ୍ରାପଡ଼ା ର ବାଲାବାବା ଟିମ କୁ ହରାଇଛି । ପ୍ରଥମେ ବ୍ୟାଟିଂ କରି ସୋଲାର କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୪୬ ରନ କରିଥିଲା । ଦ୍ୱିତୀୟରେ ବ୍ୟାଟିଂ କରି ବାଲାବାବା ଟିମ ୯ ଉଇକେଟ ହରାଇ ୧୨୩ ରନ କରିପାରିଥିଲା। ସୋଲାର ଟିମ ର ଦୀପକ ବେହେରା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ସମାଜସେବୀ ବନସ କୁମାର ପରିଡା ଏବଂ ଭରତ ଚନ୍ଦ୍ର ଲେଙ୍କା ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ।

### ଜିଲ୍ଲାସ୍ତରୀୟ ମକର ମହୋତ୍ସବ ଶେଷ ସନ୍ଧ୍ୟା

# କଣ୍ଠଶିଳ୍ପୀଙ୍କ ଗୀତରେ ଝୁମିଲେ ଦର୍ଶକ

**ମାର୍ଶାଘାଇ, ୨୦।୧ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଜଳପୋକ ପଞ୍ଚାୟତ ପକ୍ଷୋଟ ପଡିଆରେ ଅନୁଷ୍ଠିତ ହେଉଥିବା ଜିଲ୍ଲାସ୍ତରୀୟ ଦଶମ ବାର୍ଷିକ ମକର ମହୋତ୍ସବ ସୋମବାର ଉଦଯାପିତ ହୋଇଛି । ସିନେ ଅଭିନେତ୍ରୀ ଶିବାନୀ, ଭୂମିକା, ଦିବ୍ୟା, ଅଭିନେତା ଶୈଳେନ୍ଦ୍ର, କମେଡିଆନ ଗୁଲୁଆଙ୍କ ଭଳି କଳାକାରଙ୍କ ସହିତ ଇଣ୍ଡିଆନ ଆଇଡିଲ ପ୍ରତିଯୋଗୀ କଣ୍ଠଶିଳ୍ପୀ ଜ୍ୟୋତିପ୍ରକାଶ, ସତ୍ୟଜିତ, କୁଳଦୀପ ପଟ୍ଟନାୟକ, ପ୍ରଦୀପ ପଲାଇ, ପ୍ରସିଦ୍ଧ ଆର୍ଯ୍ୟାନ ଡ୍ୟାନ୍ସ ଗ୍ରୁପ ସମେତ ବହୁ କଳାକାର ଯୋଗଦେଇ ଲୋକମାନଙ୍କର ମନୋରଞ୍ଜନ କରିଥିଲେ । ନୂଆ ଓଡ଼ିଆ ଫିଲ୍ମ 'ଭାଇ'ର କଳାକାର ଟିମ ଯୋଗଦେଇ ଫିଲ୍ମର ଟ୍ରେଲର ପ୍ରସାରଣ କରିଥିଲେ। ମହୋତ୍ସବ ପଡିଆରେ ପସରା ମେଲିଥିବା ଶତାଧିକ ଦୋକାନରେ ଘରକରଣା ସାମଗ୍ରୀ କିଣାବିକା କରିଥିଲେ । ପ୍ରାୟ କୋଡିଏଟି ଷ୍ଟଲରେ ସରକାରୀ ପ୍ରକଳ୍ପର ନମୁନା ପ୍ରଦର୍ଶନୀ ହୋଇଥିଲା ।

ଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଜିଲ୍ଲାପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଗରଦପୁର ଅଧ୍ୟକ୍ଷା ଅଭୟ ମହାରାଜ, ଜିଲ୍ଲା ପରିଷଦ ସଦସ୍ୟ ପ୍ରମୋଦ କୁମାର ରଥ, ଶିକ୍ଷାବିତ ସମାଜସେବୀ ଅଜୟ ରାଉତ, ରବି ସାମଲ,ବାଲେଶ୍ୱର ଜିଲ୍ଲାପରିଷଦ ର ପ୍ରାକ୍ତନ ଅଧ୍ୟକ୍ଷ ସନ୍ତୋଷ କୁମାର ଶତପଥୀ, ଅରକ୍ଷିତ ସାମନ୍ତରାୟ, ନୃସିଂହ ଚରଣ ସ୍ୱାଇଁ, ପୂର୍ବତନ ସରପଞ୍ଚ ଅଜୟ ରାଉତ, ବିଜୟ ପଟ୍ଟନାୟକ ପ୍ରମୁଖ ବିଭିନ୍ନ ସନ୍ଧ୍ୟାରେ ଅତିଥି ଭାବେ ଯୋଗଦେଇଥିଲେ। ସଭାପତି ମୃତ୍ୟୁଞ୍ଜୟ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଅମରେନ୍ଦ୍ର ରାଉତ ବାର୍ଷିକ ବିବରଣୀ ପାଠ ଏବଂ ଧନ୍ୟବାଦ ଦେଇଥିଲେ । କମିଟି ସଦସ୍ୟ ପ୍ରିୟରଞ୍ଜନ ପରିଡା, ଶିଭାଶିଷ ମହାନ୍ତି, ଦେବପ୍ରସାଦ ଲେଙ୍କା, ଦୀପନ, ବୁଲୁ, ବିପିନ, ଚିକୁ, ସଞ୍ଜୟ ପ୍ରଧାନ, ବିଶୁ, ବାପୁ, ଲିପୁ, ଜନ,ଗୁଡୁ, କାଳିଆଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।



## ୨୧ରେ ମହାକାଳପଡ଼ାରେ ଭୀମଭୋଇ ଭିନ୍ନକ୍ଷମ ଶିବିର

**ମହାକାଳପଡ଼ା, ୨୦।୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଆସନ୍ତା ଜାନୁଆରୀ ୨୧ ତାରିଖ ମଙ୍ଗଳବାର ଦିନ ଭୀମଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇନଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଡାକ୍ତରୀ ଦଳ ଉପସ୍ଥିତ ରହି ଡାକ୍ତରୀ ପରୀକ୍ଷା କରାଯାଇ ପ୍ରମାଣପତ୍ର ପ୍ରଦାନ ସହ ବିଭିନ୍ନ ଉପକରଣ ଦେବା ନିମନ୍ତେ ନିର୍ଦ୍ଧାରଣ କରାଯିବ। ଯେଉଁ ମାନେ ଭିନ୍ନକ୍ଷମ ପ୍ରମାଣପତ୍ର ଆବେଦନ କରିଛନ୍ତି ସେମାନେ ତାହାର ଅବିକଳ ନକଲ କପି ସହିତ, ଆଧାର କାର୍ଡ ଓ ଫଟୋ କପି ସାଙ୍ଗରେ ନେଇକି ଯିବା ପାଇଁ ସୂଚନା ଦିଆଯାଇଛି।

## ୨୭ରେ ବଗଡ଼ା ଶିରିଡ଼ି ସାଇ ମନ୍ଦିରର ୪ର୍ଥ ବାର୍ଷିକ ଉତ୍ସବ



**କେନ୍ଦ୍ରାପଡ଼ା, ୨୦।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଗୋପଛକ ନିକଟସ୍ଥ ବଗଡ଼ା ପଞ୍ଚାୟତର ବଡ଼ନାଇଁପୁର ଗ୍ରାମରେ ସାଇ ମନ୍ଦିରର ବାର୍ଷିକ ଉତ୍ସବ ଆସନ୍ତା ୨୭ ତାରିଖ ସୋମବାର ଦିନ ମହାଆଡ଼ମ୍ବରରେ ପାଳନ ହେବାକୁ ଯାଉଛି। ଏହି ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ସାଇମନ୍ଦିର ପ୍ରାଗଣରେ କରାଯାଇଥିଲା। ଏହି ବୈଠକରେ ୨୭ ତାରିଖରେ ଯଜ୍ଞ ଆରମ୍ଭ ହୋଇ ସେହିଦିନ ପୂର୍ଣ୍ଣାହୁତି କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏବଂ ଏହି ଦିନ ମଧ୍ୟାହ୍ନରେ ଭୋଜିର ଆୟୋଜନ କରାଯାଇଛି।

## ଯୁବ ସମାଜସେବୀ ଅମରଙ୍କ ଦେହାନ୍ତରେ ଶୋକ

**ମହାକାଳପଡ଼ା, ୨୦।୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ଗୁହାଳକଣି ଗ୍ରାମର ମନମୋହନ ଲେଙ୍କାଙ୍କ କନିଷ୍ଠ ପୁତ୍ର ଅମର ଲେଙ୍କା ଙ୍କ ଗତକାଲି ରାତିରେ ଦେହାନ୍ତ ହେଇଯାଇଛି। ମହାକାଳପଡ଼ା ମାଟି ଜଣେ ଲଢୁଆ ସମାଜସେବୀକୁ ହରାଇଛି। ଗତକାଲି ରାତିରେ ତାଙ୍କର ଆକସ୍ମିକ ମୃତ୍ୟୁ ସମଗ୍ର ମହାକାଳପଡ଼ା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଅମର ଜଣେ ଯୁବ ସମାଜସେବୀ ହିସାବରେ ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ। ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ଓ ସରକାରୀ ସହାୟତା ସାଧାରଣ ଲୋକଙ୍କ ପାଖରେ ପହଞ୍ଚେଇବାର ସେ ପ୍ରୟାସ କରୁଥିଲେ। ମହାକାଳପଡ଼ା ୟୁଥ୍ ଗ୍ରୁପ୍ ର ଜଣେ ଆଗଧାଡ଼ିର ସଦସ୍ୟ ରହି ଲୋକମାନଙ୍କ ପାଇଁ ସାହାରା ବନୁଥିଲେ। ଘରର ଏକମାତ୍ର ରୋଜଗାରିଆ ପୁଅ ଥିଲେ ଅମର। ତାଙ୍କର ଦେହାନ୍ତ ପରେ ପରିବାର ଏଥିରେ ଭାଙ୍ଗି ପଡ଼ିଛନ୍ତି। ମହାକାଳପଡ଼ା ୟୁଥ୍ ଗ୍ରୁପ୍ ତରଫରୁ ବିଭୂତି ରାଉତ,ବିଘ୍ନେଶ ସେଠୀ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ମହାକାଳପଡ଼ା ବିଧାୟକ, ଚିତ୍ତରଞ୍ଜନ ଦାସ ଓ ଅନେକ ବ୍ୟକ୍ତି ବିଶେଷ ଅମରଙ୍କ ଦେହାନ୍ତରେ ଶୋକ ପ୍ରକାଶ କରିଛନ୍ତି। ଅମରଙ୍କ ଦେହାନ୍ତ ମହାକାଳପଡ଼ା ମାଟି ପାଣି ଏକ ଅପୁରଣୀୟ କ୍ଷତି।



# ଚାଷୀଙ୍କ କାମରେ ଲାଗୁନାହିଁ ଜଳସେଚନ ପ୍ରକଳ୍ପ

**ରାଜକନିକା, ୨୦।୧ (ସଂଚାର ବ୍ୟୁରୋ) :** କୃଷକର ଉନ୍ନତି ନିମନ୍ତେ ସରକାର କରୁଛନ୍ତି ବିଭିନ୍ନ ପ୍ରକଳ୍ପ, ଚାଷୀ ଯେଭଳି ସେଥିରୁ ଲାଭ ଉଠାଇ ପାରିବେ ସେଥିପାଇଁ ଚାଷୀଙ୍କୁ ମଧ୍ୟ ଅଗ୍ରାଧିକାର ଦେଉଛନ୍ତି । କିନ୍ତୁ ସରକାରୀ ବାବୁ ମାନଙ୍କ ଅପାରଗତା କାରଣରୁ ବହୁ ପ୍ରକଳ୍ପ ଚାଷୀଙ୍କ କାମରେ ଆସି ପାରୁନାହିଁ । ଫଳରେ ପ୍ରକଳ୍ପ ଥାଇ ବି ନଥିଲା ଭଳି ମନେ ହେଉଛି। ଏମିତି ଏକ ପ୍ରକଳ୍ପ ନିର୍ମାଣ ହେଉଛି ରାଜକନିକା ବ୍ଲକ ଅଧିନସ୍ଥ ଦେଉଳତରା ଖରସସ୍ରୋତା ନିଦୀରେ ।

ଜଳ ସମ୍ପଦ ବିଭାଗ ଅଧିନ ପାର୍ବତୀ ଗିରି ବୃହତ ଉଠା ଜଳସେଚନ ଏଇ ପ୍ରକଳ୍ପ ମୁରାଦପୁର,ସିହୋପଡା, ନମତାର,ଦେଉଳତାର,ଉଜାଙ୍ଗ, ହବଳଗଣ୍ଡ ପ୍ରମୂଖ ଗାଁ ୧୨ଶହ ହେକ୍ଟର ଚାଷଜମିକୁ ପାଣି ଦେବାର କ୍ଷମତା ରଖି ଗତ ୨୦୧୯ ମାର୍ଚ୍ଚ ୧୫ରେ ମୁଖ୍ୟମନ୍ତ୍ରୀ ଭିଡ଼ିଓ କନଫ୍ରେସ ମାଧ୍ୟମରେ ଉଦଘାଟନ ହେବାର ବର୍ଷକ ପରେ ବି ବାରଗୁଣ୍ଠ ଜମିକୁ ପାଣି ଦେବା ପାଇଁ ମଧ୍ୟ ସକ୍ଷମ ହୋଇପାରି ନାହିଁ । ପ୍ରକଳ୍ପ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟଶୈଳୀ ଯୋଗୁଁ ତ୍ରୁଟି ପୂର୍ଣ୍ଣ ଭାବେ ବିଛା ଯାଇଥିବା ପାଇପ ଓ ପଏଣ୍ଟ ଗୁଡ଼ିକ ଅନାବଶ୍ୟକ ସ୍ଥାନରେ ବସା ଯାଇଥିବାରୁ ପ୍ରବାହିତ ଜଳ ଖାଲୁଆ ନାଳକୁ ବହି ଯାଉଛି । ଡ଼ିପ ଆଉ ମଧ୍ୟମ କିସମ ଜମିକୁ ପାଣି ଯାଇପାରୁ ନାହିଁ । ଫଳରେ ଚଳିତ ଖରିଫ ଚାଷରେ ବର୍ଷା ଭାବ ଯୋଗୁଁ ଉପୁଜିଥିବା ସମସ୍ୟା ବଢ଼ି ବଢ଼ି ଚାଲିଛି । ଧାନତଳି ଜଳିଗଲାଣି ବେଉଷଣ ଧାନ କିଆରି ଫାଟି ଆଁ ବିଲରେ ଗୋରୁ ଚରିବା ଭଳି ଅଭାବନୀୟ ସ୍ଥିତି ଉପୁଜିଥିବା ବେଳେ ବୃହତ ଉଠା ଜଳସେଚନ ପ୍ରକଳ୍ପଟି ଥାଇବି କୌଣସି କାମରେ ଲାଗିପାରୁନାହିଁ । କେବେ ପ୍ରକଳ୍ପ ପୁନାଙ୍ଗ କାର୍ଯ୍ୟକ୍ଷମ ହେବ ତାହାବି ସେନ୍ଦହତୀତ । ଅନ୍ତତଃ ପକ୍ଷେ ନିଅଣ୍ଟିଆ ବର୍ଷା ପ୍ରଭାହିତ ଚାଷ ଜମିରେ ପ୍ରକଳ୍ପର ଜଳ ଛଡ଼ା ଗଲେ ଚାଷୀ ଉପକୃତ ହୋଇପାରନ୍ତେ , ଚାଷ କାର୍ଯ୍ୟ ବି ସୁରୁଖୁରୁରେ ଚାଲିପାରିଥାନ୍ତା ।



କେବେଳ ବାରଶହ ହେକ୍ଟର ଜମିକୁ ପାଣି ଦେବାର କାଗଜ କଲମରେ ପ୍ରଚାର ସର୍ବସ୍ୱ କରାଇ ପ୍ରକଳ୍ପ ଥାଇ ନଥିବାର ବିକଳ ଚେହେରା ଚାଷୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଆଣି ଦେବା ବେଳେ ସରକାରଙ୍କ ୨୫କୋଟିର ଏଇ ପ୍ରକଳ୍ପ କେଉଁ କାମ ପାଇଁ ମଧ୍ୟ ଆଲୋଚନା ହେଉଛି । ବିଭିନ୍ନ ସମୟରେ ଧାର କରଜ କରି ଚାଷ କରିଥିବା ବେଳେ ବର୍ଷକର ଦାନା ସଂଗ୍ରହ କରି ନ ପାରିବାରୁ ଗ୍ଲାନି ଚାଷୀଙ୍କୁ ମର୍ମାହତ କରିଛି ତୁରନ୍ତ ଏଥିପ୍ରତି ପଦେକ୍ଷପ ନେବାକୁ ପଶ୍ଚିମ କନିକାର ସମସ୍ତ ଚାଷୀ ଦାବି କରିଛନ୍ତି ।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ଶିବିର

**ପଟ୍ଟାମୁଣ୍ଡାଇ, ୨୦।୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବାଳିକା ଆତ୍ମ ସୁରକ୍ଷା ତାଲିମ ଶିବିର ୮ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପଟ୍ଟାମୁଣ୍ଡାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା ଡ଼ ରାଜଲକ୍ଷ୍ମୀ ମହାନ୍ତି ଉଦଘାଟନ କରିଥିଲେ। ୮ଦିନ ଧରି ଚାଲିଥିବା ଏହି ଶିବିର ରେ ୨୬୮ଜଣ ଛାତ୍ରୀ ଭାଗ ନେଇ ତାଲିମ ଗ୍ରହଣ କରିଥିଲେ । ପ୍ରଶିକ୍ଷିକା ଭାବେ ଲିପ୍ସାରାଣୀ ଖୁଣ୍ଟିଆ ଓ ପ୍ରୀତିପ୍ରଭା ରାଉତ ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ । ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା ଡ଼ ରାଜଲକ୍ଷ୍ମୀ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ଅଧ୍ୟାପିକା ରିତା ଦାସ, ଅଧ୍ୟାପିକା ସୁକାନ୍ତୀ ଲେଙ୍କା, ଅଧ୍ୟାପିକା ଭାରତୀ ଦାସ ଅଧ୍ୟାପିକା ମଧୁଲିତା ମହାନ୍ତି, ଅଧ୍ୟାପିକା ଅନ୍ନପୂର୍ଣ୍ଣା ଦାସ ଓ ଅଧ୍ୟାପିକା ଅର୍ଚ୍ଚନା ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବାଳିକା ଆତ୍ମସୁରକ୍ଷାର ଆବଶ୍ୟକତା, ଗୁରୁତ୍ୱ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ପ୍ରଶିକ୍ଷଣ ଶିବିର ସଂଯୋଜିକା ଅଧ୍ୟାପିକା ଅଳକା ସାହୁ ସ୍ୱାଗତଭାଷଣ ଓ ଅଧ୍ୟାପିକା ସୁକାନ୍ତୀ ଲେଙ୍କା ଅତିଥିପରିଚୟ ପ୍ରଦାନ କରିଥିଲେ। ଏଇ ଅବସରରେ ପ୍ରଶିକ୍ଷଣ ଶିବିର ରେ ଭାଗ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ମଞ୍ଜୁଲତା ଜେନା ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ରାଜଲକ୍ଷ୍ମୀ ହାତୀ, ଲମ୍ବୋଦର ପାଢ଼ୀ,ସୁଧାଂଶୁ ରଞ୍ଜନ ସାମଲ, ମନୋଜ ରାଉତ, ନିହାର ରଞ୍ଜନ ସାମନ୍ତରାୟ, ରଜତ ରାଉତ ଙ୍କ ସମେତ ପଟ୍ଟାମୁଣ୍ଡାଇ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଯୋଗ ଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।




## ଗଭୀର ସମୁଦ୍ରରେ ଜାଲ ଉଠାଇବା ବେଳେ ମାଲିକ ନିଖୋଜ

**ରାଜନଗର, ୨୦।୧ (ସଂଚାର ବ୍ୟୁରୋ):** ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଶିକାରପାହି ଗାଁର ଅରବିନ୍ଦ ପାତ୍ର (୩୮ବର୍ଷ) ଗତକାଲି ବିଳମ୍ବିତ ରାତ୍ରିରେ ତାଳଚୁଆ ଘାଟରୁ ନିଜ ବୋଟକୁ ଚଳାଇ ଗଭୀର ସମୁଦ୍ରକୁ ମାଛ ମାରିବାକୁ ସାଙ୍ଗରେ ଅନ୍ୟ ୫ଜଣ ମତ୍ସ୍ୟଜିବୀଙ୍କୁ ସାଥିରେ ନେଇ ଯାଇଥିଲେ। ସେହି ସମୟରେ ସାତଭାୟା କୂଳଠାରୁ ୮ କିମି ଦୂର ସମୁଦ୍ର ମଧ୍ୟରେ ମାଛ ଧରୁଥିଲେ। ଜାଲ ବୋଟକୁ ଉଠାଇବା ବେଳେ ଅରବିନ୍ଦ ସମୁଦ୍ରକୁ ଖସି ପଡ଼ିଥିଲେ। ଶବ୍ଦ ଶୁଣି ବୋଟରେ ଥିବା ଅନ୍ୟ ମତ୍ସ୍ୟଜିବୀମାନେ ଅରବିନ୍ଦକୁ ପାଇନଥିବା ବେଳେ ସେ ବ୍ୟବହାର କରିଥିବା ଟର୍ଚ୍ଚଟି ଜଳୁଥିବା ଅବସ୍ଥାରେ ପାଣିରେ ଭାସୁଥିବା ଦେଖିଥିଲେ। ପରେ ଅନ୍ଧାର ରାତି ଏବଂ ଗଭୀର ସମୁଦ୍ର ଭିତରେ ଖୋଜାଖୋଜି କରିଥିଲେ ମଧ୍ୟ ଅରବିନ୍ଦର କୌଣସି ପତା ପାଇନଥିଲେ।

## କଂଗ୍ରେସ ପରି ତାଙ୍କ ଯୁବ କଂଗ୍ରେସ ଏବେ ସମ୍ପୂର୍ଣ୍ଣ ଦିଶାହୀନ

### ପରିଚୟ ସଙ୍କଟରୁ ବର୍ତ୍ତିବା ପାଇଁ କଂଗ୍ରେସ କରୁଛି ପ୍ରୟାସ



**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ଓଡ଼ିଶାରେ କଂଗ୍ରେସର ଶାଖାକୁ କେନ୍ଦ୍ରୀୟ କମିଟି ବନ୍ଦ କରି ଦେଇଛନ୍ତି। ଏଠାରେ କଂଗ୍ରେସର ନାଁ ଅଛି ସଙ୍ଗଠନ, ନାଁ ଅଛନ୍ତି ସଭାପତି, ନାଁ ଅଛି କୌଣସି କାର୍ଯ୍ୟକାରିଣୀ। ଗୋଟିଏ ବାକ୍ୟରେ କହିବାକୁ ଗଲେ ଓଡ଼ିଶାରେ କଂଗ୍ରେସ ସମ୍ପୂର୍ଣ୍ଣ ସ୍ଥାଣୁ ପାଲଟିଯାଇଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା କହିଛନ୍ତି। ଶ୍ରୀ ପଣ୍ଡା କହିଛନ୍ତି ଯେ, ପ୍ରଦେଶ କଂଗ୍ରେସ ପରି ତାଙ୍କ ଯୁବ କଂଗ୍ରେସ ଏବେ ସମ୍ପୂର୍ଣ୍ଣ ଦିଶାହୀନ। ସେମାନେ ଏବେବି ଯୁବକ ଓ ବରିଷ୍ଠ ମଧ୍ୟରେ ତାରତାମ୍ୟ ଜାଣିପାରୁନାହାନ୍ତି। ସେମାନଙ୍କ ପାଇଁ ରାହୁଲ ଗାନ୍ଧୀ ଏବେବି ଯୁବକ। ରାହୁଲ ଗାନ୍ଧୀଙ୍କୁ ପ୍ରତିଷ୍ଠିତ କରାଇବା ପାଇଁ କଂଗ୍ରେସ ଅନେକ ଯୁବନେତାଙ୍କ ତଂଟି ଚିପିଛି। ତାଙ୍କ ଦଳରେ ଆଉ ନୂଆପିଢ଼ି ମଧ୍ୟ ନାହାନ୍ତି। ପ୍ରଦେଶ କଂଗ୍ରେସ କମିଟିର ଗୋଷ୍ଠୀକନ୍ଦଳ ଏବେ ସାରା ଓଡ଼ିଶା ଦେଖୁଛି। ନିଜ ଦଳ ଭିତରେ ଥିବା ଅସନ୍ତୋଷକୁ ସେମାନେ ଏପର୍ଯ୍ୟନ୍ତ ସମାଧାନ କରିପାରୁ ନ ଥିବାବେଳେ ସମାବେଶ କରିବା ଅତ୍ୟନ୍ତ ହାସ୍ୟାସ୍ପଦ। ନିଜ ଦଳ ଭିତର ଅସନ୍ତୋଷକୁ ଜାହିର କରିବା, ପରିଚୟ ସଙ୍କଟରୁ ବର୍ତ୍ତିବା ଓ ନିଜର ଅସ୍ତିତ୍ୱ ଜାହିର କରିବା ପାଇଁ କଂଗ୍ରେସ ପକ୍ଷରୁ ଆଜି ସମାବେଶ କରାଯାଉଛି। ଏହି କାର୍ଯ୍ୟକ୍ରମ କେବଳ ନାମକୁ ମାତ୍ର କରାଯାଉଛି ବୋଲି ସେମାନଙ୍କ ହାତଗଣତି ସଂଖ୍ୟାରୁ ଜଣାପଡୁଛି। କଂଗ୍ରେସ ଆଗେ ନିଜେ ଜାଣିବା ଦରକାର ଯେ, ଦଳ ଆଉ ଓଡ଼ିଶାରେ କାମ କରିବ କି ନାହିଁ? ଯଦି କାମ କରିବ ତେବେ ଦଳର କିଏ କାର୍ଯ୍ୟକାରିଣୀ ସଦସ୍ୟ ହେବ, କିଏ ସଭାପତି ହେବ ଆଉ କେଉଁମାନେ ଅନ୍ୟାନ୍ୟ ଦାୟିତ୍ୱରେ ରହିବେ ସେନେଇ ନିଷ୍ପତି ନେବା ଆବଶ୍ୟକ। ଓଡ଼ିଶାରେ କଂଗ୍ରେସ ଦଳ ୫୫ ବର୍ଷ ଧରି କ୍ଷମତାସୀନ ଥିଲା। ଏହି ସମୟ ମଧ୍ୟରେ ସେମାନେ ଓଡ଼ିଶା ପାଇଁ ଯାହା କରିଥିଲେ, ମାତ୍ର ୫ବର୍ଷରେ ଓଡ଼ିଶାରେ ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ତା'ଠାରୁ ଢ଼େର ଅଧିକା କାମ କରି ଦେଖାଇବ। ଏହାର ହିସାବ ଆଗାମୀ ସାଧାରଣ ନିର୍ବାଚନରେ ଲୋକେ କଂଗ୍ରେସକୁ ଦେଇଦେବେ। ମୁଣ୍ଡ ନ ଥିବା ଗଣ୍ଡି ଯେପରି କୌଣସି ନିର୍ଦ୍ଦେଶ ନ ପାଇ ଦିଶାହୀନ ହୋଇଯାଏ, ଶରୀରର ଅଙ୍ଗପ୍ରତ୍ୟଙ୍ଗମାନେ କ'ଣ କରିବେ ଆଉ ନ କରିବେ ତାହା ଜାଣିପାରନ୍ତି ନାହିଁ ଓଡ଼ିଶାରେ କଂଗ୍ରେସର ଅବସ୍ଥାରେ ଏବେ ସେହିପରି ହୋଇଯାଇଛି। ତେଣୁ ଓଡ଼ିଶା କଂଗ୍ରେସର କୌଣସି କାର୍ଯ୍ୟକ୍ରମକୁ ଗୁରୁତ୍ୱର ସହ ନେବା ଆବଶ୍ୟକ ନାହିଁ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

### ଏନଇପି ପାଇଁ ଆସିଲା ଗାଇଡ୍‌ଲାଇନ୍

# ବିଦ୍ୟାରମ୍ଭ ପାଇଁ ସର୍ବନିମ୍ନ ବୟସ ୬ ବର୍ଷ

**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)-୨୦୨୦ ଲାଗୁ କରାଯାଇଥିବା ବେଳେ ଖୁବ୍‌ଶୀଘ୍ର ରାଜ୍ୟରେ ଏହା ଲାଗୁ କରାଯିବା ସକାଶେ ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଏହି କ୍ରମରେ ଆଜି ବିଭାଗ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଏହି ଗାଇଡ୍‌ଲାଇନ୍ ଅନୁସାରେ କୌଣସି ଛାତ୍ରଛାତ୍ରୀ ସେମାନଙ୍କ ବିଦ୍ୟାରମ୍ଭ ପ୍ରକ୍ରିୟା ଆରମ୍ଭ କରିବା ସକାଶେ ସର୍ବନିମ୍ନ ୬ ବର୍ଷ ପୂରଣ କରିଥିବା ଦରକାର। ବିଜ୍ଞପ୍ତି ଅନୁଯାୟୀ, ସେପ୍ଟେମ୍ବର ୧ ସୁଦ୍ଧା ୬ ବର୍ଷରୁ ଅଧିକ ବୟସ ହୋଇଥିଲେ କୌଣସି ପିଲା ପ୍ରଥମ ଶ୍ରେଣୀରେ ଆଡମିଶନ୍ କରିପାରିବେ। ଆହୁରି ମଧ୍ୟ ପ୍ରତି ସ୍କୁଲରେ ଶିଶୁ ବାଟିକା ଖୋଲାଯିବା କଥା ମଧ୍ୟ କୁହାଯାଇଛି, ଯେଉଁଥିରେ ୫ରୁ ୬ ବର୍ଷର ଶିଶୁ ପାଠ ପଢ଼ିବେ।

### ସଚେତନତା ପାଇଁ ଆଜିଠୁ ତିନିଦିନିଆ କର୍ମଶାଳା



ଅନ୍ୟପକ୍ଷରେ ଏନ୍‌ଇପିର କାର୍ଯ୍ୟକାରିତାକୁ ରାଜ୍ୟରେ ସୁଗମ କରିବା ସକାଶେ ଆସନ୍ତାକାଲିଠାରୁ ଏଠାରେ ଏକ ତିନିଦିନିଆ ଜାତୀୟ କର୍ମଶାଳା ଅନୁଷ୍ଠିତ ହେବ। ଆସନ୍ତା ୨୩ରେ ଉଦ୍‌ଯାପିତ ହେବାକୁ ଥିବା ଏହି କର୍ମଶାଳା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଉଦଘାଟିତ ହେବ। କର୍ମଶାଳା ରାଜ୍ୟର ଶିକ୍ଷା ଗୋଷ୍ଠୀଙ୍କୁ ସଚେତନ କରିବ ସହ ରାଜ୍ୟରେ ଏନ୍‌ଇପିର ପର୍ଯ୍ୟାୟକ୍ରମେ କାର୍ଯ୍ୟକାରିତା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବ।

ଏନ୍‌ଇପି ପାଇଁ ଗତବର୍ଷ ସେପ୍ଟେମ୍ବରରେ ନିପୁଣ ଓଡ଼ିଶା ଯୋଜନା ଆରମ୍ଭ ହୋଇଥିଲା। ଏଥିସହ ରାଜ୍ୟ ସରକାର ପିଏମ୍‌ଶ୍ରୀ ଯୋଜନାକୁ କାର୍ଯ୍ୟକାରୀ କରି ରାଜ୍ୟର ବିଦ୍ୟାଳୟଗୁଡ଼ିକୁ ଏନ୍‌ଇପି କାର୍ଯ୍ୟାନ୍ୱୟନ ପାଇଁ ଆଦର୍ଶ ବିଦ୍ୟାଳୟ ଭାବେ ଉନ୍ନୀତ କରୁଛନ୍ତି। ସମ୍ପୃକ୍ତ ଶିକ୍ଷାବର୍ଷ ସେପ୍ଟେମ୍ବର ୧ରୁ ପ୍ରଥମ ଶ୍ରେଣୀ ପାଇଁ ନାମଲେଖା ବୟସକୁ ସଂଶୋଧନ କରି ୬ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ କରାଯାଇଛି। ସେହିପରି ଏନ୍‌ଇପିର ପରିକଳ୍ପନା ଅନୁଯାୟୀ, ୫ ବର୍ଷ ଓ ଉର୍ଦ୍ଧ୍ୱ ବୟସର ପିଲାମାନଙ୍କ ପାଇଁ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ନିମନ୍ତେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ 'ଶିଶୁ ବାଟିକା' ଖୋଲିବା ନେଇ ଗତ ୨୦ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି ।

ସେହିପରି ୨୦୨୫-୨୬ ଶିକ୍ଷାବର୍ଷରୁ ପର୍ଯ୍ୟାୟକ୍ରମେ ରାଜ୍ୟ ପାଠ୍ୟକ୍ରମ ରୂପରେଖର ସଂଶୋଧନ ଆରମ୍ଭ କରାଯିବ। ପ୍ରଥମ ପର୍ଯ୍ୟାୟରେ ଜାତୀୟ ପାଠ୍ୟକ୍ରମ ରୂପରେଖ ଢାଞ୍ଚାରେ ରାଜ୍ୟ ପ୍ରସଙ୍ଗୀକରଣ ସହ ପ୍ରାରମ୍ଭିକ ପର୍ଯ୍ୟାୟକୁ ଗ୍ରହଣ କରାଯିବ। ଏନଇପି-୨୦୨୦ ଅନୁସାରେ, ଶିଶୁର ପ୍ରଥମ ୧୫ ବର୍ଷ ଶିକ୍ଷା ( ୩-୧୮ ବର୍ଷ ବୟସ) ପର୍ଯ୍ୟାୟ କ୍ରମେ ୫+୩+୩+୪ ଭିତ୍ତିରେ ପରିବର୍ତ୍ତନ କରାଯିବ। ପ୍ରାରମ୍ଭିକ ପର୍ଯ୍ୟାୟ (ଦୁଇ ଭାଗରେ, ଅର୍ଥାତ୍ ୩ ବର୍ଷ ଅଙ୍ଗନବାଡ଼ି, ୨ ବର୍ଷ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ, ବୟସ ୩ ବର୍ଷରୁ ୮ ବର୍ଷ), ପ୍ରସ୍ତୁତି ପର୍ଯ୍ୟାୟ (୩ ବର୍ଷ ଅର୍ଥାତ୍ ତୃତୀୟ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ, ବୟସ ୮ ବର୍ଷରୁ ୧୧ ବର୍ଷ), ମଧ୍ୟ ପର୍ଯ୍ୟାୟ (ତିନି ବର୍ଷ ଅର୍ଥାତ୍ ଷଷ୍ଠରୁ ଅଷ୍ଟମ ଶ୍ରେଣୀ, ବୟସ ୧୧ ବର୍ଷରୁ ୧୪ ବର୍ଷ), ମାଧ୍ୟମିକ ପର୍ଯ୍ୟାୟ (ଚାରି ବର୍ଷ ଅର୍ଥାତ୍ ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ, ବୟସ ୧୪ ବର୍ଷରୁ ୧୮ ବର୍ଷ)। ନୀତି କାର୍ଯ୍ୟାନ୍ୱୟନର ପ୍ରଥମ ଭାଗରେ ଶିକ୍ଷାର ପ୍ରାରମ୍ଭିକ ପର୍ଯ୍ୟାୟ ପରିବର୍ତ୍ତନ ଉପରେ ଧ୍ୟାନ ଦିଆଯିବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରସ୍ତୁତି, ମଧ୍ୟ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ କାର୍ଯ୍ୟାନ୍ୱୟନ ଆରମ୍ଭ କରାଯିବ। ପୂର୍ବରୁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯାଇଛି। ରାଜ୍ୟରେ ଏନଇପି କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ସଂକ୍ରାନ୍ତରେ ଏହି ଟାସ୍କ ଫୋର୍ସ ପରାମର୍ଶ ଦେଇଥିଲା। ଏବେ ଭୋପାଳର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଷ୍ଟିୟରିଂ କମିଟି ଗଠନ କରାଯାଇଛି, ଯେଉଁ କମିଟି ସ୍ଥାନୀୟ ପରିପ୍ରେକ୍ଷୀରେ ଜାତୀୟ ପାଠ୍ୟକ୍ରମ ରୂପରେଖ ଅନୁସାରେ ରାଜ୍ୟ ପାଠ୍ୟକ୍ରମ ରୂପରେଖ ପ୍ରସ୍ତୁତ କରିବ।

## ପାଣିରେ ବିଷ କାହାର ଦୋଷ ?

**କଣାସ,୨୦।୧(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକରେ ବ୍ୟାପିଚାଲିଛି ଝାଡାବାନ୍ତି। ଗୋପିନାଥପୁର, ଗଡିଶାଗଡା, ଜାମଳଗଡା, ପାଣ୍ଡିଆକେରା, ଚୁପରିଂ ଓ କାଦୁଆଘାଟ ପଞ୍ଚାୟତର ଶତାଧିକ ଲୋକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାଇରିଆ ରୋଗୀଙ୍କ ଭିଡ ଲାଗିରହିଛି। ଗୋଟିଏ ବେଡ ଖାଲି ନହେଉଣୁ ଆଉ ଗୋଟେ ବେଡରେ ପହଞ୍ଚିଯାଉଛନ୍ତି ରୋଗୀ। ପିଲାଠାରୁ ବୟସ୍କ ଯାଏଁ ସମସ୍ତେ ପ୍ରଦୂଷିତ ଦୟା ନଦୀ ଉପରେ ନିର୍ଭର କରୁଛନ୍ତି। ସକାଳର ଶୌଚଠାରୁ ରୋଷେଇ ପାଇଁ ଏହି ନଦୀ ପାଣି ହିଁ ଲୋକଙ୍କ ଭରସା ପାଲଟିଛି। ପାଣି ଟ୍ୟାଙ୍କର ଆସୁଥିଲେ ବି ଏହା ପର୍ଯ୍ୟାପ୍ତ ହେଉନାହିଁ। ଦିନକୁ ଦିନ ପରିସ୍ଥିତି ଖରାପ ହେଉଥିବାବେଳେ ଏବେ ପ୍ରଶାସନ ସକ୍ରିୟ ହୋଇଛି। ରାଜନେତାବି ଗାଁ ଗାଁ ବୁଲି ଲୋକଙ୍କୁ ଭେଟୁଛନ୍ତି। ନରାଜରୁ ପାଣି ଛାଡିବା ପ୍ରକ୍ରିୟା ଆରମ୍ଭ ହୋଇଛି, ପ୍ରଦୂଷିତ ପାଣି ପ୍ରବାହିତ ହୋଇଯିବ, ସମସ୍ୟାରେ ସୁଧାର ଆସିବ ବୋଲି କହିଛନ୍ତି ପୁରୀ ସାଂସଦ ଓ ପୂର୍ବ ସରକାରଙ୍କ ମୁଣ୍ଡ ଉପରେ ଅଠା ବୋଳିଛନ୍ତି । ତେବେ ଝାଡାବାନ୍ତିରେ କେତେ ଜଣଙ୍କର ମୃତ୍ୟୁ ହୋଇଛି ତାହା କହୁନାହିଁ ଜିଲ୍ଲା ପ୍ରଶାସନ। ଏଥିପାଇଁ ଆହୁରି ସମୟ ଲାଗିବ ବୋଲି କୁହାଯାଇଛି ।



## ମାଣ୍ଡିଆ କ୍ରୟର ସମୀକ୍ଷା କଲେ କୃଷି ସଚିବ

### ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ନିର୍ଦ୍ଦେଶ



**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ଆଜି କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶ୍ରୀ ଅନ୍ନ ଅଭିଯାନ ଅଧିନରେ ମାଣ୍ଡିଆ କ୍ରୟ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ କୃଷି ଭବନଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ଚଳିତ ବର୍ଷ ଚାଷୀମାନଙ୍କୁ ମାଣ୍ଡିଆର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୪୨୯୦ ଟଙ୍କା ସହ ରାଜ୍ୟ ସରକାରଙ୍କ ଅତିରିକ୍ତ ପ୍ରୋତ୍ସାହନ ରାଶି ୨୧୦ ଟଙ୍କା ମିଶି କୁଇଣ୍ଟାଲ ପିଛା ସର୍ବମୋଟ ୪୫୦୦ ଟଙ୍କା ପ୍ରଦାନ କରାଯିବ ବୋଲି ସରକାର ଘୋଷଣା କରିସାରିଛନ୍ତି। ଚାଷୀ ତଥା ଜନସାଧାରଣଙ୍କୁ ଏନେଇ ସଚେତନ କରିବା ଓ ଜିଲ୍ଲାନୁଯାୟୀ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସଚେତନତା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି। ଏହି ଅବସରରେ ମାଣ୍ଡିଆ କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଡ ପାଢ଼ୀ ପରାମର୍ଶ ଦେବା ସହ ଚାଷୀମାନେ ଯେପରି ସେମାନଙ୍କ ପ୍ରାପ୍ୟ ପାଇବାରୁ ବଞ୍ଚିତ ନ ହୁଅନ୍ତି, ସେ ଦିଗରେ ପଦକ୍ଷେପ ନେବାକୁ ଡ. ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପ୍ରାପ୍ୟ ପ୍ରଦାନରେ କୌଣସି ପ୍ରକାର ଅନିୟମିତତା ଦୃଷ୍ଟିଗୋଚର ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ସେ କହିଛନ୍ତି। ବୈଠକରେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀଙ୍କ ସମେତ ଯୋଗାଣ ବିଭାଗ, ଆଦିବାସୀ ଉନ୍ନୟନ ବିଭାଗ, କୃଷି ବିଭାଗ ଓ ଶ୍ରୀ ଅନ୍ନ ଅଭିଯାନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ।

## ମିଳିମିଶି ଚଳୁ କରିଦେଲେ କୋଟି କୋଟି ଟଙ୍କା

**ବ୍ରହ୍ମପୁର,୨୦।୧(ସଂଚାର ବ୍ୟୁରୋ):** ମହାନଗର ନିଗମରେ ଚୁକ୍ତିନାମାକୁ ଉଲଂଘନ କରି କୋଟି କୋଟି ଟଙ୍କା ବାଟମାରଣା ହୋଇଥିବା ଅଭିଯୋଗ । ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ ଓ ଏହାର ପରିଚାଳନା ନାଁରେ ଦୁର୍ନୀତି । ୨୦୧୮ରେ ପୁଣେ ସ୍ଥିତ ମାୟୋ ଭେସେଲ୍ସ ପ୍ରାଇଭେଟ୍ ଲିମିଟେଡ଼ ଓ ଗ୍ରୀନ ସର୍କଲ ପ୍ରାଇଭେଟ୍ ଲିମିଟେଡ଼ ଏହି ଚୁକ୍ତି ସ୍ୱାକ୍ଷର କରିଥିଲେ। ହେଲେ ୬ବର୍ଷ ତଳେ ପୂର୍ବ ସରକାରଙ୍କ ସମୟରେ ହୋଇଥିବା ଚୁକ୍ତିନାମାକୁ ବ୍ରହ୍ମପୁର ମହାନଗର ନିଗମ ଓ ଅନ୍ୟ ଅଂଶୀଦାର କମ୍ପାନି ଶ୍ରୀକୃପା ସର୍ଭିସେସ ପ୍ରାଇଭେଟ୍ ଲିମିଟେଡ଼ ଖିଲାପ କରିଥିବା ଅଭିଯୋଗ ଆଣିଛନ୍ତି ଚୁକ୍ତି କରିଥିବା ପୁଣେ କମ୍ପାନି । ପ୍ରକଳ୍ପ ନାଁରେ କୋଟି କୋଟି ଟଙ୍କା ଲୁଟିଛନ୍ତି, ଯାହାର ହିସାବ କାହା ପାଖରେ ନାହିଁ। ବାରମ୍ବାର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଜଣାଇ ନିରାଶ ହେବା ପରେ ଅଦାଲତର ଆଶ୍ରୟ ନେଇଛି କମ୍ପାନି। ଚୁକ୍ତିନାମା ଅନୁସାରେ ଏହି ପ୍ରକଳ୍ପ ପାଇଁ ମାୟୋ ଭେସେଲ୍ସ ଯନ୍ତ୍ରପାତି, ପରିଚାଳନା କେନ୍ଦ୍ର ଡିଜାଇନ୍ କରିବା କଥା ଗ୍ରୀନ୍ ସର୍କଲ ଏହାର ପରିଚାଳନା କରିବାର ଦାୟିତ୍ୱ ନେବ ଶ୍ରୀକୃପା ସର୍ଭିସ କେବଳ ଅର୍ଥ ନିବେଶ କରିବ ବୋଲି ଚୁକ୍ତି ହୋଇଥିଲା ୨୦ବର୍ଷ ଧରି ଚାଲିବାକୁ ଥିବା ଏହି ପ୍ରକଳ୍ପ ପାଇଁ ୧୩୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା ଯନ୍ତ୍ରପାତି ସ୍ଥାପନ ହୋଇ ୬ ମାସ ମଧ୍ୟରେ ଏହାର ପରୀକ୍ଷଣ ପାଇଁ ନିଷ୍ପତି ନିଆଯାଇଥିଲା

● କଟକ ସହରରେ ଜବରଦଖଲ ଉଚ୍ଛେଦ

## ହଟିଲା ୨୦ରୁ ଉର୍ଦ୍ଧ୍ୱ ବେଆଇନ ନିର୍ମାଣ

**କଟକ,୨୦।୧(ସଂଚାର ବ୍ୟୁରୋ):** କଟକ ସହରରେ ପୁଣି ଥରେ ଜବର ଦଖଲ ଉଚ୍ଛେଦ ହୋଇଛି। ସ୍ଥାନୀୟ ଖାନନଗର ପେଟ୍ରୋଲ ପମ୍ପଠାରୁ ମାଛ ଗୋଦାମ ପର୍ଯ୍ୟନ୍ତ ରାସ୍ତା ଉପରକୁ ମଡ଼ାଇ ହୋଇଥିବା ବେଆଇନ ନିର୍ମାଣକୁ କଟକ ମହାନଗର ନିଗମ ପକ୍ଷରୁ ହଟାଯିବା ସକାଶେ ଏହି ଅଭିଯାନ ଆରମ୍ଭ ହୋଇଛି। ପୂର୍ତ୍ତ ବିଭାଗ ଅଧୀନସ୍ଥ ଏକ ପ୍ରକଳ୍ପ କାର୍ଯ୍ୟ ପାଇଁ ଏହି ଉଚ୍ଛେଦ ହଟାଯାଉଥିବା ଜଣାପଡ଼ିଛି। ଏହି ପ୍ରକ୍ରିୟାରେ ଆଜି ପ୍ରଶାସନ ପକ୍ଷରୁ ୨୦ଟି ବେଆଇନ ନିର୍ମାଣକୁ ହଟାଯାଇଛି। ବହୁ ବର୍ଷ ପୁରୁଣା ଘରଗୁଡ଼ିକର ସରକାରୀ ଜମିରେ ଥିବା ବେଆଇନ ନିର୍ମାଣ ଅଂଶଗୁଡିକ ଭଙ୍ଗାଯାଇଛି। ଏହି ଉଚ୍ଛେଦ ପ୍ରକ୍ରିୟାରେ ସିଏମସି ଏନଫର୍ସମେଣ୍ଟ ଟିମ୍, କମିଶନରେଟ ପୁଲିସ ସାମିଲ ହୋଇଥିଲେ। ସିଏମସିର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିବା ବେଳେ ଏହି ଉଚ୍ଛେଦ ପ୍ରକ୍ରିୟା ଆଗକୁ ଜାରି ରହିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ପ୍ରଭାବିତ ବାସିନ୍ଦାମାନେ ଏପରି ଜବରଦଖଲ ଉଚ୍ଛେଦ ପୂର୍ବରୁ ଆଉ କିଛି ସମୟ ମହଲତ ଦେବାର ଆବଶ୍ୟକତା ଥିଲା ବୋଲି କହିଛନ୍ତି। ସେମାନଙ୍କ କହିବା କଥା ଯେ ସହରରେ କୌଣସି ପ୍ରକାର ଉନ୍ନତିମୂଳକ କିମ୍ବା ବିକାଶ ପ୍ରକ୍ରିୟାକୁ ସେମାନେ ବିରୋଧ କରୁନାହାନ୍ତି। କିନ୍ତୁ ବେଆଇନ ନିର୍ମାଣ ଭାଙ୍ଗିବା ସକାଶେ ଯଥେଷ୍ଟ ସମୟ ପୂର୍ବରୁ ନୋଟିସ୍ ଦିଆଯିବା ଉଚିତ ଥିଲା। ଅନ୍ୟପକ୍ଷରେ ବେଆଇନ ନିର୍ମାଣ କରିଥିବା ବ୍ୟକ୍ତିବିଶେଷଙ୍କୁ ଯଥେଷ୍ଟ ପୂର୍ବରୁ ଏନେଇ ସୂଚନା ଦିଆଯାଇଥିଲା ବୋଲି ସିଏମ୍‌ସି ସ୍ପଷ୍ଟ କରିଛି।

ସୁରକ୍ଷିତ ନୁହେଁ ରାଜଧାନୀ ରାଜରାସ୍ତା



## ବନ୍ଧାହେଲେ ମଧ୍ୟରାତ୍ରୀ ଲୁଟେରା

**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ସୁନିଲ କୁମାର ସାହୁ ଙ୍କର ଏତଲା ଆଧାରରେ ନୟପଲ୍ଲୀ ଥାନା ପୁଲିସ ତଦନ୍ତ କରି ସମ୍ପୃକ୍ତି ଥିବା ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ତା ୧ରିଖ ମଧ୍ୟରାତ୍ରି ପ୍ରାୟ ୧ରେ ଅଭିଯୋଗକାରୀ ତାଙ୍କର କାର୍ଯ୍ୟ ରୁ ଘରକୁ ସ୍କୁଟି ଯୋଗେ ଫେରୁଥିଲେ। ସେହି ସମୟରେ ଦୁଇ ଅଭିଯୁକ୍ତ ଓ ତାଙ୍କର ଅନ୍ୟ ଜଣେ ସହଯୋଗୀ ଗୋଟିଏ ସ୍କୁଟି ରେ ଘଟଣା ସ୍ଥଳ କୁ ଆସିଥିଲେ ଓ ସୁନିଲ ଙ୍କୁ ଏକ କଟୁରି ରେ ଆକ୍ରମଣ କରିବା ସହ ତାଙ୍କର ମୋବାଇଲ ଫୋନ, ବ୍ୟାଗ ଓ ପର୍ସ ଲୁଟ କରି ଏକାମ୍ର କାନନ ପାର୍ଶ୍ୱକୁ ଚାଲି ଯାଇଥିଲେ। ଏନେଇ ଅଭିଯୋଗକାରୀ ନୟପଲ୍ଲୀ ଥାନା ରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ସମୟରେ ମୈତ୍ରୀ ବିହାର ଥାନାଧିକାରୀ ଙ୍କ ଠାରୁ ଖବର ପାଇ ମୈତ୍ରୀବିହାର ଥାନା କେସ ନଂ ୫୬୪/୨୦୨୪ ରେ ସମ୍ପୃକ୍ତ ଥିବା ଅଭିଯୋଗରେ ଅଭିଯୁକ୍ତ ପ୍ରଣବ ନାୟକ ଓରଫ ପ୍ରିତେଶ କୁ ପଚରା ଉଚରା ବେଳେ ସେ ନିଜର ଅପରାଧ ସ୍ୱୀକାର କରିବା ସହ ଅଭିଯୁକ୍ତଙ୍କ ସହିତ ମିଳିତ ଭାବରେ ଲୁଟ ରେ ସମ୍ପୃକ୍ତ ଥିବା ଦର୍ଶାଇଥିଲେ। ଅଧିକ ତଦନ୍ତ ସମୟରେ ଅଭିଯୁକ୍ତ ମାନେ ମିଳିତ ଭାବରେ ଏକ ସ୍କୁଟି କୁ ବ୍ୟବହାର କରି ଏହି ଘଟଣା ପୂର୍ବରୁ ଗତ ବର୍ଷ ଡିସେମ୍ବର ମାସରେ ଡିଏଭି ସ୍କୁଲ ଓ ଈଶାନେଶ୍ୱର ମନ୍ଦିର ଡିଫେନ୍ସ କଲୋନୀ ନିକଟରୁ ଦୁଇ ଜଣ ବ୍ୟକ୍ତି ଙ୍କୁ କଟୁରି ଦେଖାଇ ସେମାନଙ୍କର ମୋବାଇଲ ଫୋନ ଲୁଟ କରିଥିବା ପ୍ରକାଶ କରିଥିଲେ। ଅଭିଯୁକ୍ତ ମାନେ ଲୁଟ କରିସାରିବା ପରେ ଲୁଟ ମୋବାଇଲ କୁ ଅଭିଯୁକ୍ତ ଦୁହେଁ ସେମାନଙ୍କର ହେପାଜତରେ ରଖିଥିଲେ ଓ ଲୁଟ ଟଙ୍କା ରେ ବିଳାସପୂର୍ଣ ଜୀବନ ଅତିବାହିତ କରୁଥିଲେ। ଏହି ମାମଲାର ତଦନ୍ତ ଜାରି ରହିଥିବା ବେଳେ ଆଜି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନୟପଲ୍ଲୀ ଥାନା ପୁଲିସ ଚଢାଉ ଜରିଆରେ ଦୁଇ ଅଭିଯୁକ୍ତ ଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ତଲାସି ବେଳେ ପୁଲିସ ଅଭିଯୁକ୍ତ ଙ୍କ ହେପାଜତରୁ ୨ଟି ମୋବାଇଲ ଫୋନ, ଗୋଟିଏ କଟୁରି, ଗୋଟିଏ ରଡ ଓ ଏକ ସ୍କୁଟି ଜବତ କରିଥିଲେ। ପଚରା ଉଚରା ବେଳେ ଅଭିଯୁକ୍ତ ଦୁହେଁ ସେମାନଙ୍କର ଅପରାଧ ସ୍ୱୀକାର କରିଥିଲେ।

## ଜାତୀୟ ଉଠାଦୋକାନୀ ଦିବସ ପାଳିଲା ବ୍ୟବସାୟୀ ମହାସଂଘ



**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ଆଜି ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘ ପକ୍ଷରୁ ଆଜି ସ୍ଥାନୀୟ ଇଞ୍ଜିନିୟରିଂ ଆସୋସିଏସନଠାରେ ଜାତୀୟ ଉଠାଦୋକାନୀ ଦିବସ ପାଳିତ ହୋଇଛି। ଏଥିରେ ଅତିଥି ଭାବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଭୁବନେଶ୍ୱର ମେୟର୍ ସୁଲୋଚନା ଦାସ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ପବିତ୍ର ମୋହନ କାନୁନଗୋ, ପ୍ରଫେସର୍ ଡିଭି ରମଣା, ଶର୍ମିଳା ପଟ୍ଟନାୟକ, ସଚଳା ଦାସ ଓ ରୁଦ୍ର ନାରାୟଣ ସାମନ୍ତରାୟ ଯୋଗଦେଇ ବାର୍ଷିକ ପତ୍ରିକା 'ବଞ୍ଚିବାର ଆଶା'ର ନୂତନ ସଂସ୍କରଣ ଓ କ୍ୟାଲେଣ୍ଡର୍ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଅତିଥିଗଣ ଉଠା ବ୍ୟବସାୟୀଙ୍କର ବିଭିନ୍ନ ସମସ୍ୟା ଓ ସେଗୁଡ଼ିକର ସମାଧାନ ବିଷୟରେ ଆଲୋଚନା କରିଥିଲେ। ଏଥିସହ ଗତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଭଲ ଫଳାଫଳ କରିଥିବାରୁ ୨ ଜଣ ଉଠା ବ୍ୟବସାୟୀଙ୍କ ପୁଅଙ୍କୁ ପ୍ରୋଫେସର୍ ରମଣା ପୁରସ୍କୃତ କରିଥିଲେ। ଏହା ପୂର୍ବରୁ ସକାଳ ୯ଟାରୁ ଉଠା ବ୍ୟବସାୟୀମାନଙ୍କର ଏକ ବିଶାଳ ପଦଯାତ୍ରା ୟୁନିଟ୍ ୯ରୁ ଆରମ୍ଭ ହୋଇ ଆସୋସିଏସନଠାରେ ପହଞ୍ଚିଥିଲା। ସଂଘ ସଭାପତି ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ମନୋଜ କୁମାର ସ୍ୱାଇଁ, ଉପସଭାପତି ମାନସ କୁମାର ମିଶ୍ର ଓ ଧୀରେନ୍ଦ୍ର କୁମାର, କୋଷାଧ୍ୟକ୍ଷ ମନମୋହନ ପଣ୍ଡା ତଥା ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହଯୋଗରେ ସଂଘର ଉପଦେଷ୍ଟା ପ୍ରମୋଦ କୁମାର ମହାପାତ୍ର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନସୂୟା ପ୍ରଧାନ ଓ ନାରାୟଣ ସୁତାର ସହଯୋଗ କରିଥିଲେ।

### ସମସ୍ୟା ଘେରରେ କେଦାରନାଥ ରାୟ ସରକାରୀ ବିଦ୍ୟାଳୟ

## ମଧ୍ୟାହ୍ନ ଭୋଜନରେ ପୋକ, ଛାତରୁ ଗଳୁଛି ପାଣି



**ଜଟଣୀ,୨୦।୧(ସଂଚାର ବ୍ୟୁରୋ):** ଶିଶୁ ଖାଉଛନ୍ତ ନିମ୍ନମାନର ଖାଦ୍ୟ। ଅଭାବରେ ପଡ଼ି ନୁହେଁ, ବରଂ ସରକାର ଯୋଗାଉଛନ୍ତି ଏଭଳି ଖାଦ୍ୟ। ମଧ୍ୟାହ୍ନ ଭୋଜନରୁ ବାହାରୁଛି ପୋକ, କଳା ଭାତ। ଏଭଳି ଅଭିଯୋଗ ଜଟଣୀ ବିକାଶନଗରର ସ୍ଥିତ କେଦାରନାଥ ରାୟ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଆସୁଛି। ପୁଷ୍ଟିକର ଖାଦ୍ୟ ଯୋଗାଇବା ସହ ଡ୍ରପ୍ ଆଉଟ୍ ହାର କମାଇବା ପାଇଁ ଏଭଳି ଏକ ବ୍ୟବସ୍ଥା କରାଯାଇଥିବା ବେଳେ, ଏଥିରେ ଏଭଳି ସାଂଘାତିକ ଅଭିଯୋଗ କେବଳ ସରକାରୀ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିନାହିଁ, ବରଂ ପୁଣି ଥରେ ଡ୍ରପ୍ ଆଉଟ୍ ହାର ବଢ଼ାଇବା ପାଇଁ ବାଟ ଖୋଲିଛି। ୧୯୭୯ ମସିହାରେ ବିକାଶନଗରଠାରେ ଏହି ବିଦ୍ୟାଳୟ ନିର୍ମାଣ କରାଯାଇଥିଲା। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୪୧ ପିଲା ପାଠ ପଢୁଛନ୍ତି। ଏଥିପାଇଁ ପ୍ରଧାନଶିକ୍ଷକଙ୍କ ସମେତ ୪ ଜଣ ଶିକ୍ଷକଶିକ୍ଷୟିତ୍ରୀ ନିୟୋଜିତ ହୋଇଛନ୍ତି। ହେଲେ ବିଦ୍ୟାଳୟଟି ଯାବତୀୟ ସମସ୍ୟା ଦେଇ ଗତି କରୁଛି। ମଧ୍ୟାହ୍ନଭୋଜନରେ ପିଲାମାନଙ୍କୁ ନିମ୍ନମାନର ଖାଦ୍ୟ ଦିଆ ଯାଉଥିବା ବେଳେ ଅନେକ ସମୟରେ ରନ୍ଧା ଖାଦ୍ୟରୁ ପୋକ ବାହାରୁଥିବା ନେଇ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଶସ୍ତାରେ ଚାଉଳ ଆଣି ରନ୍ଧା ଯାଉଥିବାରୁ ଖାଦ୍ୟର ମାନ ପ୍ରଭାବିତ ହୋଇଥିବା ଅଭିଯୋଗ ହୋଇଛି। ମଧ୍ୟାହ୍ନ ଭୋଜନ ସ୍କୁଲ୍‌ରେ ହିଁ ରନ୍ଧା ହେଉଛି। ତରକାରି ମଧ୍ୟ ସମ୍ପୂର୍ଣ୍ଣ ପାଣିଆ ବୋଲି ଅଭିଯୋଗ ହୋଇଛି। ସ୍କୁଲ ପଛପଟେ ପାଚେରି ନଥିବାରୁ ଅସାମାଜିକ ବ୍ୟକ୍ତି ଏହା ଭିତରକୁ ଅବାଧ ପ୍ରବେଶ କରୁଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏଠାରେ ମଦ୍ୟପାନର ଆସର ଜମୁଛି।

### ବାଲି ଚୋରାଚାଲଣ ବେଳେ ଧରପଗଡ଼

## ୫ ଲକ୍ଷ ୩୦ ହଜାର ଟଙ୍କାର ଫାଇନ ଆଦାୟ

କଳାହାଣ୍ଡି ଜିଲାର ବିଭିନ୍ନ ତହସିଲରେ ବେଆଇନ ଭାବେ ବାଲି ଓ ପଥର ଚୋରାଚାଲାଣ ରୋକିବା ପାଇଁ ଜିଲା ମାଇନିଂ(ଖଣି) ବିଭାଗ ଅଣ୍ଟା ଭିଡିଛି। ଜିଲାରେ ଏସବୁ ରୋକିବା ପାଇଁ ଆକ୍ସନ ମୁଡକୁ ଓହ୍ଲାଇଛି ଖଣି ବିଭାଗ। ଏଥିପାଇଁ ଜିଲାରେ ଖଣି ବିଭାଗ ସମେତ ରାଜସ୍ୱ ବିଭାଗ ଓ ପୋଲିସ କର୍ମଚାରୀଙ୍କୁ ନେଇଁ ୨ଟି ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି। ରବିବାର ରାତିରେ ଭବାନୀପାଟଣା ତହସିଲରେ ଚଢାଉ ସମୟରେ ୪ଟି ଟ୍ରାକ୍ଟର ଠାରୁ ୯୦ ହଜାର ଟଙ୍କା ଫାଇନ ଆଦାୟ କରାଯାଇଥିବାବେଳେ ୨ ଟି ହାଇଓ୍ୱା ଠାରୁ ୨ ଲକ୍ଷ ଟଙ୍କା ଫାଇନ ଆଦାୟ କରାଯାଇଛି । ସେହିପରି ସୋମବାର ଥୁଆମୁଲ ରାମପୁର ତହସିଲରେ ଚଢାଉ କରାଯାଇ ୩ଟି ଟ୍ରାକ୍ଟରରୁ ୧ଲକ୍ଷ ୨୦ ହଜାର ଓ ଗୋଟିଏ ହାଇଓ୍ୱା ଠାରୁ ୧ଲକ୍ଷ ୨୦ ହଜାର ଟଙ୍କା ଫାଇନ ଆଦାୟ କରାଯାଇଛି । ଏହାସହ କଳମପୁର ତହସିଲ ଅଞ୍ଚଳରେ ଗୋଟିଏ ଟ୍ରାକ୍ଟରକୁ ଜବତ କରାଯାଇ ସ୍ଥାନୀୟ ଥାନାରେ ଜିମା ଦିଆଯାଇଛି । ସମୁଦାୟ ୭ଟି ଟ୍ରାକ୍ଟର ଓ ୩ଟି ହାଇଓ୍ୱାରୁ ୫ଲକ୍ଷ ୩୦ହଜାର ଫାଇନ ଆଦାୟ କରାଯାଇଛି । ଭବାନୀପାଟଣା ତହସିଲ ଅଞ୍ଚଳରେ ଚଢ଼ାଉରେ କଳାହାଣ୍ଡି ଖଣି ଉପନିର୍ଦ୍ଦେଶକ ବିଶ୍ୱନାଥ ସୋରେନ ଓ ତାଙ୍କ ଟିମ୍ ସ୍ଥାନୀୟ ତହସିଲାଦାର ଶୁଭସ୍ମିତା ମିଶ୍ର ଓ ତାଙ୍କ ଟିମ୍ ସମେତ ପୋଲିସ କର୍ମଚାରୀ ସାମିଲ ଥିଲେ ।

### ପ୍ରତିବାଦ ସ୍ୱରକୁ ଚାପିପାରିବନି ସରକାର

# ମୂଲ୍ୟବୃଦ୍ଧି, ବେକାରୀ ବିରୋଧରେ ଗର୍ଜିଲା କଂଗ୍ରେସ



**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ରାଜ୍ୟରେ ଦିନକୁ ଦିନ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟୁଥିବା ବେଳେ କ୍ଷମତାକୁ ଆସିଥିବା ବିଜେପି ବେକାରୀ ସମସ୍ୟା ଦୂର କରିବାରେ ବିଫଳ ହୋଇଥିବା ଦର୍ଶାଇ ଆଜି କଂଗ୍ରେସ ପକ୍ଷରୁ ରାଜଧାନୀରେ ବିରାଟ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସୋମବାର ଓଡ଼ିଶା ପ୍ରଦେଶ କଂଗ୍ରେସର ଯୁବ ଶାଖା ସ୍ଥାନୀୟ ଲୋୟର ପିଏମଜିରେ ଏହି ପ୍ରତିବାଦ ପ୍ରଦର୍ଶନ କରିଥିଲା। ଶହ ଶହ ଯୁବ କଂଗ୍ରେସ କର୍ମୀ ଏଥିରେ ଯୋଗଦେଇ ସ୍ଲୋଗାନ ଦେବା ସହ ସରକାର ନିଜ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଥିବା ଦର୍ଶାଇ ଏ ଦିଗରେ ତୁରନ୍ତ ଠୋସ୍ ପଦକ୍ଷେପ ନେବାକୁ ଦାବି କରିଥିଲେ। ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ଉଦୟ ଭାନୁ ଚିବ୍ ଏହି ପ୍ରତିବାଦରେ ଅଂଶଗ୍ରହଣ କରିଥିଲେ। ଉଦୟ ଭାନୁ ଚିବ୍‌ଙ୍କ ନେତୃତ୍ୱରେ ଦଳର ଅନେକ ଯୁବକ ସକାଳେ ଏକାଠି ହୋଇଥିଲେ। ଆନ୍ଦୋଳନକାରୀମାନେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ସରକାରୀ କ୍ୱାର୍ଟର୍ସ ଆଡ଼କୁ ଯାଉଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇଥିଲା। ପରେ ସେମାନେ ପ୍ରତିବାଦର ପ୍ରତୀକ ସ୍ୱରୂପ ପ୍ଲାକାର୍ଡ ମଧ୍ୟ ଦେଖାଇଥିଲେ। ସେମାନଙ୍କ ଏହି ପ୍ରତିବାଦ ସଭା ଦୀର୍ଘ ସମୟ ଧରି ଚାଲିଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେଇ କଂଗ୍ରେସର ପ୍ରମୁଖ ନେତା ତଥା ଜୟପୁର ବିଧାୟକ ଭାଷଣ ଦେଇ ମୋହନ ସରକାର କ୍ଷମତାକୁ ଆସିବା ପୂର୍ବରୁ ରାଜ୍ୟର ଯୁବକଯୁବତୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଜେପିର ପ୍ରମୁଖ ନିର୍ବାଚନୀ ପ୍ରତିଶ୍ରୁତିରେ ଏହା ଅନ୍ୟତମ ଥିଲା। କିନ୍ତୁ ଏହି ଦଳ କ୍ଷମତା ହାସଲ କରି ୬ ମାସ ଉପଭୋଗ କରିସାରିଥିଲେମଧ୍ୟ ରାଜ୍ୟର ଯୁବତଯୁବତୀଙ୍କ ପାଇଁ ଚାକିରି ଯୋଗାଇଦେବାରେ ବିଫଳ ହୋଇଛନ୍ତି। ଏହି ଅବସରରେ ଶ୍ରୀ ଚିବ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜଣେ ଛାୟା ମୁଖ୍ୟମନ୍ତ୍ରୀ ବୋଲି କହିବା ସହ ସେ କେବଳ କେନ୍ଦ୍ରୀୟ ନେତୃତ୍ୱଙ୍କ ଇସାରାରେ କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି। ତାଙ୍କ କହିବାନୁସାରେ, ମୁଖ୍ୟମନ୍ତ୍ରୀ କେବଳ ଅନୁଗତ ଭାବେ କାର୍ଯ୍ୟ ନ କରି ରାଜ୍ୟର ଯୁବକଯୁବତୀଙ୍କ ନିଯୁକ୍ତି ପାଇଁ ବ୍ୟାପପ ସୁଯୋଗ ସୃଷ୍ଟି କରିବା ସହ ଅତ୍ୟାବଶ୍ୟକ ସାମଗ୍ରୀର ଦର ହ୍ରାସ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏହାଛଡ଼ା ସେ କହିଥିଲେଯେ ରାଜ୍ୟବାସୀ କଦାପି ଜଣେ କାଠକଣ୍ଢେଇ ସାଜିଥିବା ମୁଖ୍ୟମନ୍ତ୍ରୀ ଚାହାଁନ୍ତି ନାହିଁ। ଯୁବପିଢ଼ି ପାଇଁ ଚାକିରି ସୁଯୋଗ ସୃଷ୍ଟି କରିବା ଭଳି ମୁଖ୍ୟମନ୍ତ୍ରୀ ରାଜ୍ୟବାସୀ ଚାହାଁନ୍ତି ବୋଲି ଶ୍ରୀ ଚିବ୍ କହିବା ସହ ବିଜେପି ସରକାର କଦାପି କଂଗ୍ରେସର ସ୍ୱରକୁ ଚାପିପାରିବ ବୋଲି ମଧ୍ୟ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏପରି ଉଦ୍ୟମ କଲେ ଆଗାମୀ ଦିନରେ କଂଗ୍ରେସ ତା'ର ଆଭିମୁଖ୍ୟକୁ ଆହୁରି ଜୋର୍‌ଦାର କରିବ ବୋଲି ସେ କହିଛନ୍ତି। ଏହି ପ୍ରତିବାଦ ସଭାରେ ଯୋଗଦେଇଥିବା ଯୁବ କଂଗ୍ରେସର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବା ସକାଶେ ଉଦ୍ୟତ ହେଉଥିବା ସମୟରେ ସେମାନଙ୍କ ପୁଲିସ୍ ସହ ଧସ୍ତାଧସ୍ତି ହୋଇଥିଲା। ସୂଚନାଯୋଗ୍ୟ ଯେ ଗତ ୬ ତାରିଖରେ ବିଜେଡି ନେତା ଏବଂ କର୍ମୀମାନେ 'ଅତ୍ୟାବଶ୍ୟକୀୟ ସାମଗ୍ରୀର ଆକାଶଛୁଆଁ ମୂଲ୍ୟ' ପ୍ରତିବାଦରେ ଭୁବନେଶ୍ୱରରେ ରାସ୍ତାକୁ ଓହ୍ଲାଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ବିଜେପି ସରକାର ମୂଲ୍ୟ ବୃଦ୍ଧିକୁ ରୋକିବାରେ ବିଫଳ ହୋଇଛି। ପ୍ଲାକାର୍ଡ ଏବଂ ବ୍ୟାନର ଧରି ବିକ୍ଷୋଭକାରୀମାନେ ଲୋୟର ପିଏମଜିରେ ଏକାଠି ହୋଇ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ ଏବଂ ମୋହନ ମାଝୀ ସରକାର ଗରିବ ଏବଂ ମଧ୍ୟବିତ୍ତ ବର୍ଗଙ୍କ ଜୀବନକୁ ପଙ୍ଗୁ କରୁଥିବା ଅଭିଯୋଗ କରିଥିଲେ।

## ପ୍ଲାନେଟୋରିୟମରେ ଦେଖିହେବ ଗ୍ରହପୁଞ୍ଜ ପ୍ୟାରେଡ୍

**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ଆସନ୍ତାକାଲିଠାରୁ ୩୧ ତାରିଖ ପର୍ଯ୍ୟନ୍ତ ସୌର ଜଗତର ମଙ୍ଗଳ, ଶୁକ୍ର, ବୃହସ୍ପତି, ଶନି, ନେପଚୁନ୍ ଓ ୟୁରେନସ୍ ସମେତ ୬ଟି ଗ୍ରହଙ୍କୁ ନେଇ ଏକ ବିରଳ ମହଜାଗତିକ ଦୃଶ୍ୟ ଦେଖିବାକୁ ମିଳିବ। ଏହି ଗ୍ରହଗୁଡ଼ିକ ଏକ ସରଳ ରେଖାରେ ରହିବା ଦ୍ୱାରା ଆକାଶରେ ଏକ ସୁନ୍ଦର ଦୃଶ୍ୟ ଦେଖିବାର ସୁଯୋଗ ମିଳିବ। ମଙ୍ଗଳ, ଶୁକ୍ର, ବୃହସ୍ପତି ଓ ଶନି ଭଳି ଗ୍ରହ ଏକ ସରଳରେଖାରେ ରହି ସୁନ୍ଦର ଦୃଶ୍ୟ ସୃଷ୍ଟି କରିବେ ଓ ଏଗୁଡିଙ୍କୁ ଖାଲି ଆଖିରେ ଦେଖିହେବ। ସେହିଭଳି ଦୂରବୀକ୍ଷଣ ଯନ୍ତ୍ର ଓ ଟେଲିସ୍କୋପ୍ ମାଧ୍ୟମରେ ନେପଚୁନ୍ ଓ ୟୁରେନ୍ସ ଦୃଶ୍ୟମାନ ହେବେ। ସାଧାରଣ ଲୋକେ ଏହି ଦୃଶ୍ୟକୁ ଉପଭୋଗ କରିବା ସକାଶେ ସ୍ଥାନୀୟ ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ବିଜ୍ଞାନ ଓ କାରିଗରୀ ବିଭାଗ ଅଧୀନରେ ଥିବା ଏହି ପ୍ଲାନେଟୋରିୟମରେ ଏହି ବିରଳ ଦୃଶ୍ୟ ଦେଖିବାକୁ ମିଳିପାରିବ। ସୋମବାର ବ୍ୟତୀତ ଅନ୍ୟ ଦିନଗୁଡ଼ିକରେ ସନ୍ଧ୍ୟା ସାଢ଼େ ୫ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ଜନସାଧାରଣ ଏହି ବିରଳ ଦୃଶ୍ୟ ଦେଖିପାରିବେ।

ଜୀବନ ଅମୃତ ଅନୁଚିନ୍ତା

ସଫଳତା-ଧର୍ମ, ଅର୍ଥ, କାମ, ମୋକ୍ଷ ଏ ଚାରିଟି କ୍ଷେତ୍ରରେ ସଫଳତା ପାଇବା ପାଇଁ ଯିଏ ପ୍ରସ୍ତୁତ ନକରେ ତା'ର ଜୀବନ ବୃଥା ହୋଇଯାଏ। ସେ ଏକ ଅଲୋଡ଼ା ବୋଝ ପରି ହୋଇଥାଏ।

SANCHAR
ସଂଚାର

୪ ମଙ୍ଗଳବାର ୨୧ ଜାନୁଆରୀ ୨୦୨୫, ଭୁବନେଶ୍ୱର
Tuesday 21 January 2025 Bhubaneswar

# ଗାଜାରେ ଅସ୍ତ୍ରବିରତି

ଦୀର୍ଘ ୧୫ ମାସ ପରେ ଇସ୍ରାଏଲ-ହମାସ ଯୁଦ୍ଧରେ ବିରାମ ଲାଗିଛି। ଏହାକୁ ପୂର୍ଣ୍ଣଚ୍ଛେଦ ବୋଲି କୁହାଯାଇନପାରେ। କିନ୍ତୁ ଅନ୍ତତପକ୍ଷେ ବର୍ତ୍ତମାନ ପାଇଁ ଉଭୟ ଇସ୍ରାଏଲ ଏବଂ ପାଲେଷ୍ଟାଇନବାସୀ ଶାନ୍ତିରେ ନିଶ୍ୱାସ ମାରିଛନ୍ତି। ଉଭୟ ପକ୍ଷ ମଧ୍ୟରେ ରବିବାରଠାରୁ ଅସ୍ତ୍ରବିରତି ଚୁକ୍ତି କାର୍ଯ୍ୟକାରୀ ହୋଇଛି। ବିଶ୍ୱର ଶାନ୍ତିକାମୀ ସଭ୍ୟ ରାଷ୍ଟ୍ରମାନଙ୍କ ପାଇଁ ଏହା ଏକ ଆଶ୍ୱସ୍ତିର ବିଷୟ। ଏହି ଯୁଦ୍ଧରେ କାହାର ବିଜୟ ହେଲା ତାହା ବଡ଼ କଥା ହେଲା। ବଡ଼ କଥା ହେଲା ଯୁଦ୍ଧରେ ୫୦ହଜାରରୁ ଅଧିକ ବ୍ୟକ୍ତି ପ୍ରାଣ ହରାଇଲେ। ସେମାନଙ୍କ ମଧ୍ୟରେ ଅନେକ ନିରୀହ ବ୍ୟକ୍ତି ବିଶେଷ କରି ଅନେକ ମହିଳା ଓ ଶିଶୁ ପ୍ରାଣ ହରାଇଛନ୍ତି। ଗୋଟିଏ ଯୁଦ୍ଧ ହେଲେ ଏଭଳି ଅନେକ ନିରୀହ ବ୍ୟକ୍ତି ବିନା ଦୋଷରେ ପ୍ରାଣ ହରାନ୍ତି। ଏହି ଯୁଦ୍ଧ ବିରତି ଲାଗି ଆମେରିକା, କାତାର ଏବଂ ଇଜିପ୍ଟ ମଧ୍ୟସ୍ଥତା କରିଥିଲେ। ଚୁକ୍ତିନାମା ଅନୁଯାୟୀ ଉଭୟ ପକ୍ଷ ବନ୍ଦୀ ପ୍ରତ୍ୟର୍ପଣ କରିଛନ୍ତି। ଏହା ସହିତ ହମାସ ଭଳି ଏକ କୁଖ୍ୟାତ ଆତଙ୍କୀ ସଙ୍ଗଠନକୁ ଉଚିତ ଶିକ୍ଷା ମିଳିଛି। ଆଶା କରାଯାଉଛି ଆଗାମୀ ବହୁ ବର୍ଷ ପର୍ଯ୍ୟନ୍ତ ହମାସ ଆଉ ଇସ୍ରାଏଲ ବିରୋଧରେ ମଥାଉଠାଣ କରିବାକୁ ସାହସ କରିବ ନାହିଁ। ୨୦୨୩ ଅକ୍ଟୋବର ୭ରେ ହମାସ ପ୍ରଥମେ ଇସ୍ରାଏଲରେ ଅନୁପ୍ରବେଶ କରି ନରହତ୍ୟା କରିଥିଲା। ଏହାର ଜବାବରେ ଇସ୍ରାଏଲ ହମାସ ବିରୋଧରେ ଗାଜାକୁ ଟାର୍ଗେଟ କରିଥିଲା। ୧୫ ମାସ ଭିତରେ ଇସ୍ରାଏଲର ବୋମା ମାଡ଼ରେ ଗାଜା ଏକ ପ୍ରକାର ଧ୍ୱଂସସ୍ତୂପରେ ପରିଣତ ହୋଇଛି। ଏବେ ଇସ୍ରାଏଲ ଏବଂ ହେଜବୁଲ୍ଲା, ହୁଦି ଏବଂ ଇରାନ ମଧ୍ୟରେ ଲଢ଼େଇ ଜାରି ରହିଛି। ଏହାର ତୁରନ୍ତ ଅନ୍ତ ହେବା ଉଚିତ। ସାମରିକ ଦୃଷ୍ଟିରୁ ଇସ୍ରାଏଲର ମୁକାବିଲା କରିବା ସହଜ ନୁହେଁ। ଇସ୍ରାଏଲ ଚାରିପଟେ ଶକ୍ତିଶାଳି ଶତ୍ରୁ ରହିଛନ୍ତି। ସେମାନେ ସମସ୍ତେ ମୌଳବାଦୀ ରାଷ୍ଟ୍ର। ଇସ୍ରାଏଲ ଉପରେ ସେମାନେ ସବୁ ବେଳେ ରକ୍ତ ଚାଉଳ ଚୋବାଉଥାଆନ୍ତି। କିନ୍ତୁ ଇସ୍ରାଏଲ ନିଜକୁ ଏତେ ଶକ୍ତିଶାଳି କରିଛି ଯେ, ସେମାନେ ମିଳିତ ଭାବେ ଆକ୍ରମଣ କଲେବି ଇସ୍ରାଏଲର କିଛି କ୍ଷତି କରିପାରିବେ ନାହିଁ। କାରଣ ଇସ୍ରାଏଲ ସେନା ଅତ୍ୟାଧୁନୀକ ଜ୍ଞାନ କୌଶଳରେ ସମୃଦ୍ଧ। ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର ସହ ଏହା ଅତ୍ୟାଧୁନୀକ ଟେକ୍ନୋଲୋଜିରେ ସମୃଦ୍ଧ। ଏହାର ଡ୍ରୋନ ସିଷ୍ଟମ ବିଶ୍ୱରେ ସର୍ବଶ୍ରେଷ୍ଠ। ଏହା ସହିତ ଇସ୍ରାଏଲର ଗୁଇନ୍ଦା ବ୍ୟବସ୍ଥା ସହ ବିଶ୍ୱର ଅନ୍ୟ କେହି ସମକକ୍ଷ ନୁହଁନ୍ତି। ଶତ୍ରୁ ପକ୍ଷରୁ ସଠିକ ଅବସ୍ଥିତି ଜାଣିବା ପାଇଁ ଏହାର ଗୁଇନ୍ଦା ବାହିନୀ ସକ୍ଷମ। ଏଥିପାଇଁ ନିକଟରେ ଇସ୍ରାଏଲ ସେନା ଉଭୟ ହମାସ ଓ ହେଜବୁଲ୍ଲା ଭଳି କୁଖ୍ୟାତ ଆତଙ୍କବାଦୀ ସଙ୍ଗଠନର ଅନେକ ଟପ ନେତାଙ୍କୁ ନିପାତ କରିବାରେ ସଫଳ ହୋଇଛି। ଇରାନରେ ଲୁଚିଥିବା ହେଜବୁଲ୍ଲା ନେତାଙ୍କୁ ଏହା ଟାର୍ଗେଟ କରି ଏଥିରେ ସଫଳ ହୋଇଛି। ଲେବାନନରେ ହେଜବୁଲ୍ଲା ସଙ୍ଗଠନର ଅନେକ ଟପ ଲିଡର ପ୍ରାଣ ହରାଇଛନ୍ତି। ସେମାନଙ୍କର ଅନେକ ଗୁପ୍ତ ଆଡ୍ଡା ଧ୍ୱଂସ ହୋଇଛି। ବିରୁଟରେ ଲୁଚିଥିବା ହେଜବୁଲ୍ଲା ମୁଖ୍ୟ ଇସ୍ରାଏଲର ଡ୍ରୋନ ଆକ୍ରମଣରେ ନିହତ ହୋଇଛନ୍ତି। ଏବେ ଏଥିରେ ଆଉ ଏକ ବଡ଼ ସଫଳତା ମିଳିଛି। ଇସ୍ରାଏଲର ଡ୍ରୋନ ଆକ୍ରମଣରେ ହମାସ ମୁଖ୍ୟ ସିନୱାର ନିହତ ହୋଇଥିଲା। ଏହା ସମଗ୍ର ବିଶ୍ୱ ପାଇଁ ଏକ ଆଶ୍ୱସ୍ତିର ବିଷୟ। କାରଣ ସିନୱାର କେବଳ ଇସ୍ରାଏଲ ପାଇଁ ନୁହେଁ, ସମଗ୍ର ମାନବ ସମାଜ ପାଇଁ ଥିଲା ଏକ ବଡ଼ ବିପଦ। ତାକୁ ନିପାତ କରି ଇସ୍ରାଏଲ ସାରା ମାନବ ସମାଜର ଉପକାର କରିଛି। ଏହା ଜାରି ରହିବା ଉଚିତ। ମାନବିକତା ବିରୋଧୀ ପ୍ରତ୍ୟେକ ସଙ୍ଗଠନର ନେତାଙ୍କୁ ଏଭଳି ନିପାତ କରାଯିବା ଉଚିତ। ଏବେ ଇରାନର ପାଳି। ଇସ୍ରାଏଲ ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଆହୁରି ସଂଘାତିକ ହୋଇଛି। ଗତ ବର୍ଷ ଇସ୍ରାଏଲରେ ହମାସର ଅନୁପ୍ରବେଶ ଏବଂ ନିରୀହ ଲୋକଙ୍କୁ ହତ୍ୟା ପରେ ସୁପ୍ତ ଆଗ୍ନେୟଗିରି ସକ୍ରିୟ ହୋଇଥିଲା। ହମାସକୁ ସମର୍ଥନ କରି ଲେବାନନ, ସିରିୟା ଓ ଇରାନ ଇସ୍ରାଏଲ ବିରୋଧରେ ଏକ ହୋଇଛନ୍ତି। ହମାସର ବଡ଼ ସମର୍ଥକ ହେଲା ଇରାନ। ଇରାନର ସାହାଯ୍ୟ ସହଯୋଗରେ ପ୍ରତିଷ୍ଠିତ ହୋଇଥିବା ଆତଙ୍କବାଦୀ ସଙ୍ଗଠନ ହେଲା ହେଜବୁଲ୍ଲା। ଇସ୍ରାଏଲର ପଡ଼ୋଶୀ ଲେବାନନ ହେଉଛି ଏହାର ମୁଖ୍ୟ କେନ୍ଦ୍ର। ସେଠାରୁ ହେଜବୁଲ୍ଲା ନିଜ ଅପରେସନ ନିୟନ୍ତ୍ରଣ କରିଥାଏ। ଗାଜା ଉପରେ ଇସ୍ରାଏଲର ଆକ୍ରମଣ ପରେ ହେଜବୁଲ୍ଲା ବିନା କାରଣରେ ଇସ୍ରାଏଲ ଉପରେ ରକେଟ ମାଡ଼ କରି ଚାଲିଥିଲା। ଶେଷରେ ଇସ୍ରାଏଲ ଏହାର ଜବାବ ଦେବାକୁ ନିଷ୍ପତ୍ତି ନେଲା। ଇସ୍ରାଏଲର ଆକ୍ରମଣରେ ହେଜବୁଲ୍ଲା ସଙ୍ଗଠନର ମୁଖ୍ୟ ହସନ ନସରଲ୍ଲା ସମେତ ୭ଜଣ ଟପ କମାଣ୍ଡର ନିହତ ହୋଇଛନ୍ତି। ୧୪ଶହରୁ ଅଧିକ ଲେବାନନ ନାଗରିକ ପ୍ରାଣ ହରାଇଛନ୍ତି। ହେଜବୁଲ୍ଲାର ଅନେକ ଗୁପ୍ତ ଆଡ୍ଡା ଏବଂ ଅସ୍ତ୍ରାଗାର ଧ୍ୱଂସ ପାଇଛି। ଏଥିରେ ବ୍ୟଥିତ ହୋଇଛି ଇରାନ। କିଛି ଦିନ ତଳେ ଇରାନ ପକ୍ଷରୁ ଇସ୍ରାଏଲ ଉପରେ ବଡ଼ ଧରଣର ଆକ୍ରମଣ ହୋଇଛି। ତେଲଆଭିଭ ଓ ଇରାନର ଅନ୍ୟ ସହର ଉପରେ ଇରାନ ୨୦୦ରୁ ଅଧିକ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହା ସହିତ ତେଲଆଭିଭରେ ଇରାନ ସମର୍ôଥତ ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇବା ଫଳରେ ୪ଜଣ ଇସ୍ରାଏଲୀ ନାଗରିକ ନିହତ ହୋଇଛନ୍ତି। ଇସ୍ରାଏଲ ଏହାର ଜବାବ ଦେବାକୁ ପ୍ରସ୍ତୁତ ହେଉଛି। ଖୁବ ଶୀଘ୍ର ଇସ୍ରାଏଲ ଲେବାନନରେ ସ୍ଥଳ ପଥରେ ପ୍ରବେଶ କରିବ ବୋଲି ସୂଚନା ଦେଇଛି। ଏହା ସହିତ ଇରାନ ଉପରେ ଇସ୍ରାଏଲ ମଧ ବଡ଼ ଧରଣର କ୍ଷେପଣାସ୍ତ୍ର ଆକ୍ରମଣ କରିବ। ଲେବାନନରେ ଇସ୍ରାଏଲ ଯେପରି ଆଖିବୁଜା ଆକ୍ରମଣ କରୁଛି, ଇରାନ ଓ ସିରିୟା ଉପରେ ମଧ ଅନୁରୂପ ଆକ୍ରମଣ କରିପାରେ। ସ୍ଥଳ ପଥରେ ଇରାନ ଉପରେ ଆକ୍ରମଣ ସମ୍ଭବ ନହୋଇପାରେ। କିନ୍ତୁ ଇସ୍ରାଏଲ ନିକଟରେ ବିପୁଳ ପରିମାଣର କ୍ଷେପଣାସ୍ତ୍ର ମହଜୁଦ ରହିଛି। ଇସ୍ରାଏଲର ଗୁପ୍ତଚର ବିଶ୍ୱରେ ସର୍ବଶ୍ରେଷ୍ଠ। ଏହାର ଡିଫେନ୍ସ ଟେକ୍ନୋଲୋଜି ମଧ ବେଶ ଉନ୍ନତ। ଏହାର ମୁକାବିଲା କରିବା ଇରାନ ପକ୍ଷରେ ସମ୍ଭବ ନୁହେଁ। ଇରାନ ହେଉଛି ଆମେରିକାର ଶତ୍ରୁ। ତେଣୁ ଇରାନ ବିରୋଧରେ ଆମେରିକା ଇସ୍ରାଏଲକୁ ସମର୍ଥନ ଏବଂ ସହାୟତା କରୁଛି। ଏବେ ଇସ୍ରାଏଲ ମାଧମରେ ଆମେରିକା ଇରାନ ଉପରେ ପ୍ରତିଶୋଧ ନେବାକୁ ଚାହିଁବ। ତେଣୁ ଇସ୍ରାଏଲକୁ ସାମରିକ ଏବଂ ଆର୍ôଥôକ ସହାୟତା ଦେବାକୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଘୋଷଣା କରିଛନ୍ତି। ତେଣୁ ମଧପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଆଗକୁ ଆହୁରି ଜଟିଳ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏବେ ହମାସ ସହ ଶାନ୍ତି ଚୁକ୍ତି ପରେ ଇରାନ, ସିରିଆ ଏବଂ ଇରାନ ଇସ୍ରାଏଲ ସହ ଶାନ୍ତି କଥାବାର୍ତ୍ତା ପାଇଁ ଆଗେଇ ଆସିବେ ବୋଲି ଆଶା କରାଯାଉଛି।

# ଶତ୍ରୁ ଭାବରେ ସାଧନା

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ପ୍ରତିହିଂସା ପରାୟଣତା, ଯୌନାତୁରତା, ପ୍ରେମ, ହିଂସା, ପ୍ରକୃତି ଓ ପରିବେଶକୁ ଭଲ ପାଇବା, ଶଠତା ଓ ଠକାମି - ଏସବୁ ପ୍ରବୃତ୍ତି ମଣିଷ ସୃଷ୍ଟି ଠାରୁ ଆଜିଯାଏଁ ବଳବତ୍ତର ହୋଇ ରହିଛି। ସେଥିପାଇଁ କୁହାଯାଇଛି ଯେ ମଣିଷ ହିଁ ମଣିଷର ସବୁଠୁ ବଡ଼ ବନ୍ଧୁ ଏବଂ ମଣିଷ ହିଁ ମଣିଷର ସବୁଠୁ ବଡ଼ ଶତ୍ରୁ। କିନ୍ତୁ ମଣିଷ ଯେ ମଣିଷର ବଡ଼ ଶତ୍ରୁ ତାର ଇତିହାସ ଦୀର୍ଘତର। ଦୁର୍ବଳ ଉପରେ ସବଳର ଅତ୍ୟାଚାର ଏବଂ ସବଳକୁ ପ୍ରତିହତ କରିବା ପାଇଁ ଦୁର୍ବଳର ଜ୍ଞାନ କୌଶଳ ଉଣା ଅଧିକେ ସମସ୍ତଙ୍କୁ ଜଣା। ଏସବୁ ନିଜକୁ ବଞ୍ଚାଇବା ପାଇଁ ଏକ କୌଶଳ।

ଜୀବନରେ ଶତ୍ରୁତା ଓ ଶଠତା ସମ୍ପର୍କରେ ଆଲୋଚନା କଲାବେଳେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ କଥିତ ଆଧାତ୍ମିକ ପ୍ରସଙ୍ଗର 'ଶତ୍ରୁ ଭାବରେ ସାଧନା ହୁଏ କି ନାହିଁ' ପ୍ରସଙ୍ଗଟି ଏଠାରେ ଉଦ୍ଧୃତ କରୁଛି। ଜନୈକ ବ୍ୟକ୍ତି ପଚାରିଲେ- ପୌରାଣିକ ବିଷୟକୁ ନେଇ ଯେଉଁସବୁ ନାଟକ ଦେଖାଯାଏ ତା' ମଧ୍ୟରେ ବେଶୀଭାଗ ବହିରେ ସାଧନାକୁ ଶତ୍ରୁ ଭାବରେ ବଡ଼କରି ଦେଖାଇ ଦିଆଯାଇଛି। ଶତ୍ରୁ ଭାବରେ ଭଗବାନଙ୍କର ଉପାସନାଟା କେଉଁ ପ୍ରକାର?

ଏହାର ଉତ୍ତରରେ ପ୍ରେମମୟ ଭଗବାନ ଶ୍ରୀ ଶ୍ରୀଠାକୁର ଅନୁକୂଳଚନ୍ଦ୍ର ଶତ୍ରୁ ଭାବରେ ପୁଣି ସାଧନା କ'ଣ ହୁଏ? ଏହା (ହୀନମନ୍ୟତା)ର କଥା। ଲେଖକ ମାନଙ୍କ ଭିତରେ (ହୀନମନ୍ୟତା) ରହିଲେ, ତାହା କଲମ ମାଧମ ଦେଇ ବାହାରି ଆସେ। କଲ୍ୟାଣକାମୀ ସତ୍ ଓ ଶକ୍ତିମାନ ଯେଉଁମାନେ, ସେମାନେ ଦୁର୍ନୀତି ପରାୟଣ ଦକ୍ଷ ଯେଉଁମାନେ ସେମାନଙ୍କର ଦୁର୍ନୀତିକୁ ନିରୋଧ କରିବାକୁ ନିଶ୍ଚେଷ୍ଟ ରହନ୍ତି ନାହିଁ। ଦୁର୍ନୀତି ପରାୟଣ ଦକ୍ଷ ଓ ରାବଣ ଭଳି ଯେଉଁମାନେ, ସେମାନେ ଯଦି ଠିକ୍ ସେହି ସମୟରେ ନିଜକୁ ସଂଶୋଧନ କରିଦିଅନ୍ତି, ତାହା ହେଲେ ହୁଏତ ବଞ୍ଚି ଯାଇପାରନ୍ତି, କିନ୍ତୁ ତାହା ଯଦି ନ କରନ୍ତି, ତେବେ ସତ୍ ଓ ଶୁଭ ଶକ୍ତିର ନିକଟରେ ସେମାନେ ପରାଭୂତ ହେବେ ହିଁ, ଯେପରି ହୋଇଥିଲା ଦକ୍ଷରାଜାର ପତନ, ରାବଣର ପତନ ଓ କଂସଙ୍କର ପତନ। ଏହିଟା ହେଲା ବିଧିର ବିଧାନ। ଏହାରି ମଧ୍ୟରେ ଭକ୍ତ-ଭଗବାନଙ୍କର କଥା ଆସେ କିପରି ? ଏହି ଧରଣର ପରିବେଷଣ ମଣିଷର ପ୍ରବୃତ୍ତିକୁ ହିଁ ପୁଷ୍ଟ କରିଦେଲେ। ଆପଣମାନେ ନୂଆ ଧରଣର ବହି ଲେଖି ଏହିସବୁ ଭୁଲକୁ ଭାଙ୍ଗିଦେବେ। ଅସତ୍ ଯିଏ ତାକୁ ଅସତ୍ ବୋଲି ଜ୍ଞାତ କରାଇବା ଯୁକ୍ତିଯୁକ୍ତ ଅଟେ। ମାତ୍ର ଏହି ଧାରଣା ଉପରେ ରଙ୍ଗ ଚଢ଼ାଇ ଅବାନ୍ତର ତାତ୍ତ୍ୱିକତାର ଅବତାରଣା କରାଇବାରେ କିଛି ମାନେ ହୁଏ ନାହିଁ। ମଣିଷ ସେହିପ୍ରକାର ଅବତାରଣାରେ ବିଭ୍ରାନ୍ତ ହୁଏ, ଭାବର ଘୁ ଘୁ ବନାଇଯାଏ, ଅପକର୍ମ କରି ପୁଣି ମୁହଁରେ କହିଉଠେ-ଏହା ତ ଈଶ୍ୱରଙ୍କର ଇଚ୍ଛା। ମଙ୍ଗଳ-ସ୍ୱରୂପ ଯିଏ, ସ୍ୱେଚ୍ଛାରେ ଅମଙ୍ଗଳର ପଥରେ ଚାଲି ତାଙ୍କ ଦିଗରେ ଆଗେଇ ହୁଏ ନାହିଁ। ତେବେ ପରମପିତାଙ୍କର ରାଜ୍ୟରେ ଏକ ସୁବିଧା ଅଛି। ଯିଏ ଯେତେ ହିଁ ଅପକର୍ମ କରୁ, ସତ୍ତାର ଅବଲୁପ୍ତି କେହି ଚାହାଁନ୍ତି ନାହିଁ। ତେଣୁ ଅପକର୍ମ ଯେତେବେଳେ ନିଧନ ଡାକି ଆଣିବାକୁ ଚାହେଁ ସେତେବେଳେ ସତ୍ତା ତାହାର ଆତ୍ମରକ୍ଷାର ତାଗିଦରେ ଅପକର୍ମଠାରୁ ନିବୃତ୍ତ ହେବାର ପ୍ରେରଣା ମନୁଷ୍ୟକୁ ଯୋଗାଏ। ସେହି ସମୟରେ ଯଦି ମଣିଷ ଫେରେ, ତାହା ହେଲେ ବି ପଥ ଥାଏ।

ଅନ୍ୟ ଜଣେ ପଚାରିଲେ- ଲୋକମାନେ କହନ୍ତି – ଶତ୍ରୁ ଭାବରେ ଡାକିଲେ ଶତ୍ରୁର ଧ୍ୟାନ ସର୍ବଦା ରହିଥାଏ, ତେଣୁ ସହଜରେ ଭଗବାନଙ୍କୁ ପାଏ। ଏହାର ଉତ୍ତରରେ ପ୍ରେମମୟ ଭଗବାନ ଶ୍ରୀ ଶ୍ରୀଠାକୁର ଅନୁକୂଳଚନ୍ଦ୍ର ଅପକର୍ମ ଯେ କରିଥାଏ, ପୋଲିସର ଧ୍ୟାନ ତ ତା'ର ଲାଗି ହିଁ ରହିଥାଏ। ସେ ଅବସ୍ଥାରେ ସେ ପୋଲିସ୍ ନିକଟକୁ ଆଗେଇବାକୁ ଚାହେଁ ନା ପୋଲିସ ଠାରୁ ଦୂରରେ ରହିବାକୁ ଚାହେଁ?



ଆମେ ଯାହାକୁ କୌଶଳ ବୋଲି କହୁଛେ, ତାହା ପ୍ରକୃତରେ ଶଠତା ବା ଠକାମି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ମହାଭାରତରେ ଅର୍ଜୁନକୁ ଧନୁର୍ବିଦ୍ୟାରେ ଶ୍ରେଷ୍ଠତା ହେବା ପାଇଁ ଗୁରୁ ଦ୍ରୋଣାଚାର୍ଯ୍ୟ ମହାବିକ୍ରମୀ ଶୂଦ୍ରପୁତ୍ର ଏକଲବ୍ୟର ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳିକୁ ଗୁରୁ ଦକ୍ଷିଣା ଭାବେ ମାଗି ନେଇଥିଲେ। ଉଦ୍ଦେଶ୍ୟ ଥିଲା ରାଜାଙ୍କ ଦ୍ୱାରା ଧନସମ୍ପତ୍ତି ପାଇଁ ଅନୁଗୃହୀତ ହେବା। ଏପରିକି ଅର୍ଜୁନଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ଲାଗି ନିଜ ପୁତ୍ର ଅଶ୍ୱତ୍ଥାମାଙ୍କ ନାମ ଅର୍ଜୁନଙ୍କ ତଳେ ରଖିଦେଇଥିଲେ। ଅନୁରୂପ ଭାବରେ ଶଠତା ଆଚରଣ ପୂର୍ବକ ଦଶରଥଙ୍କୁ ପ୍ରଭାବିତ କରି କୈକେୟୀ ରାମଚନ୍ଦ୍ରଙ୍କୁ ୧୪ ବର୍ଷ ବନବାସ ପଠାଇଥିଲେ। ରୋମ ସାମ୍ରାଜ୍ୟରେ ଜୁଲିୟସ୍ ସିଜରଙ୍କ ପ୍ରତି ତାଙ୍କ ବିଶ୍ୱସ୍ତ ବନ୍ଧୁ ବ୍ରୁଟସ୍ଙ୍କ ବିଶ୍ୱାସଘାତକତା ପୃଥିବୀ ଇତିହାସରୁ କେବେ ଲିଭିବାରେ ନୁହେଁ। ଆମେ ସମସ୍ତେ ଲୋକକଥାରୁ ଜାଣୁ ବିଲୁଆ ଓ କୁମ୍ଭୀରର ବନ୍ଧୁତା ଓ ବିଲୁଆର ଘୋର ହିଂସ୍ର ପ୍ରତାରଣାର କଥା। ଅଙ୍ଗରକ୍ଷୀ, ଭୃତ୍ୟ ଓ ପାଚକ ମାନଙ୍କ ଦ୍ୱାରା ପ୍ରତାରିତ ହୋଇ ଅନେକ ରାଜା, ମହାରାଜା ଓ ରାଜନୈତିକ ନେତା ମୃତ୍ୟୁବରଣ କରିବା ଭଳି ଘଟଣା ଜନମାନସକୁ ଚକିତ କରିଆସିଛି। କିନ୍ତୁ ସାମ୍ପ୍ରତିକ ସମୟରେ ଏହି ଶଠତା ଓ ଠକାମି ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଏହି ଠକାମି ଗୁଣଟି ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ତାହାକୁ ମଧୁମେହ ଓ କର୍କଟ ଭଳି ଜୀବନ ନାଶକାରୀ ବ୍ୟାଧି ସହ ମଧ ତୁଳନା କରାଯାଇପାରେ। ରାଜନେତାମାନେ ଠକୁଛନ୍ତି ସାଧାରଣ ଜନତାଙ୍କୁ, ବେପାରୀ ଠକୁଛି ଗ୍ରାହକଙ୍କୁ, ପ୍ରେମିକ ଠକୁଛି ପ୍ରେମିକାକୁ, ସ୍ୱାମୀସ୍ତ୍ରୀ ଠକୁଛନ୍ତି ପରସ୍ପରକୁ, ଶିକ୍ଷକ ଠକୁଛି ଛାତ୍ରକୁ, ଓକିଲ ଠକୁଛି ମହକିଲକୁ, ଆୟକରଦାତା ଠକୁଛି ସରକାରଙ୍କୁ - ଏପରି ଦେଖିଲେ ପୁରା ପୃଷ୍ଠାଟି ସମ୍ପାଦକୀୟରେ ଯିବ।

ତେବେ ଏ ଠକାମି କାହିଁକି ? ଏହା ପଛରେ ମଣିଷ ମନରେ ଥିବା ଏକ ଅସୁରକ୍ଷିତ ଭାବନା ରୂପୀ ଅଜଣା ଭୟ ହିଁ କାରର ଭାବେ ଛପି ରହିଛି। କିନ୍ତୁ ଜାଣିରଖିବାକୁ ପଡ଼ିବ ଯେ ମଣିଷ ଜୀବନରେ ଏମିତି ଏକ ଖେଳ ଅଛି ଯେଉଁଠି ଉଭୟ ପକ୍ଷ ବିଜୟୀ ହୁଅନ୍ତି। ଯିଏ ସେହି ବିଜୟର ସୂତ୍ରଟି ଜାଣିପାରିଛି ସିଏ ଏକ ଉନ୍ନତତର ଜୀବନଯାପନର ବାଟ ପାଇପାରିଛି। କାରଣ ଏ ପୃଥିବୀରେ ଥରେ ଜନ୍ମ ନେଲେ ଖସି ଯିବାର ବାଟ ନାହିଁ। କେଉଁଠି ନା କେଉଁଠି ଦିନେନା ଦିନେ ଠକାମିରେ ଲିପ୍ତ ଥିବା ମଣିଷ ନିଶ୍ଚୟ ଝୁଣ୍ଟିବ ଏବଂ ତାହା ଶେଷରେ ଅପକ୍ଷାତିର ଗ୍ଲାନିପୂର୍ଣ୍ଣ କରୁଣ ପରିଣତି ହିଁ ତାର ଭାଗ୍ୟଲିପି ହେବ।

ସହ-ପ୍ରତିରଦ୍ବିକ, ପ୍ରଫେସର, ହେପାଟୋଲୋଜି ବିଭାଗ
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋବାଇଲ୍: ୯୪୩୭୦୫୧୯୫୭

# ଲୁଣର ଗୁଣ

ଶାରଦା ପ୍ରସନ୍ନ ବେହେରା



ଲୁଣ ବାସ୍ତବରେ ମାମୁଲି ଜିନିଷ ନୁହେଁ, କହିବାକୁଗଲେ ଲୁଣର ଗୁଣ ଆମେ ଆମ ଓଡ଼ିଆରେ ମଧ ଏକ କଥା ଅଛି 'ମୁଁ ତୁମର ଲୁଣ ଖାଇଛି' - ଅର୍ଥାତ୍ ତୁମ ପାଖରେ ଋଣୀ। ତେବେ ଲୁଣର ଏପଟ ସେପଟ ମଧ ଶରୀର ପାଇଁ ଘାତକ ପରିସ୍ଥିତି କରିଦିଏ। ଯେପରି କଥାରେ ଅଛି 'ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ'। ଠିକ ସେହିପରି ଆମ ଶରୀର ପାଇଁ ଲୁଣର ସାମଗ୍ରିକ ଆବଶ୍ୟକତା ରହିଛି। ଲୁଣ ଶରୀରରେ କମ ହୋଇଗଲେ ଏହାକୁ ସୋଡ଼ିୟମ ଅଭାବ କୁହାଯାଏ। ଜଣଙ୍କର ଶାରୀରିକ ସୁସ୍ଥତା ଅସ୍ୱାଭାବିକ ହୋଇଥାଏ। ସେହିପରି ଅଧିକ ଲୁଣ ମଧ ଶରୀର ପାଇଁ ବିପଦଜନକ। ତେଣୁ ଲୁଣ କେବଳ ଖାଦ୍ୟ ନୁହେଁ ଆମ ନିତିଦିନିଆ ଜୀବନର ଅନେକ ବ୍ୟବସ୍ଥାରେ ଲାଗି ଥାଏ। ଆସନ୍ତୁ ଏହି ଲୁଣର ବ୍ୟାପକତା ନେଇ ଛୋଟିଆ ଆଲୋଚନାଟି ରଖିବା। ଲୁଣ କେବଳ ଖାଦ୍ୟର ସ୍ୱାଦ ବଢ଼ାଏନାହିଁ। ଏହା ଘରର ସଫାସଫି କାମରେ ମଧ ଆସିଥାଏ। ପୁରୁଣା ଜିନ୍ସ ଠାରୁ ବାସନ ସଫା କରିବା ପର୍ଯ୍ୟନ୍ତ ତଥା କପଡ଼ାରୁ ଦାଗ ଛଡ଼ାଇବା ସହିତ ପୋକଜୋକ ଦୂର କରିବା ଯାଏ ବିଭିନ୍ନ କାମରେ ଲୁଣ ଲାଗିପାରେ। ପୁରୁଣା ଜିନିଷ ଗୁଡ଼ିକୁ ଧୋଇବା ବେଳେ ୱାଶିଂମେସିନ୍‌ରେ ଡିଟର୍ଜେଣ୍ଟ ସହିତ କପେ ଲୁଣ ପକାଇ ଦିଅନ୍ତୁ। ଏହାର ଚମକ ପୁଣି ଫେରିଆସିବ। ଉଜ୍ଜ୍ୱଳ ରଙ୍ଗର ପୋଷାକ ଧୋଇବା ପୂର୍ବରୁ ଏହାକୁ ପ୍ରଥମେ ଲୁଣପାଣିରେ ଭିଜାଇ ଦିଅନ୍ତୁ। ରଙ୍ଗ ଫିକାପଡ଼ିବ ନାହିଁ। ସୂତା କପଡ଼ାରେ ରକ୍ତ ଦାଗ ଲାଗିଯାଇଥିଲେ ଥଣ୍ଡା ପାଣିରେ ଲୁଣ ମିଶାଇ ଏହାକୁ ଭିଜାଇ ଦିଅନ୍ତୁ। କିଛି ସମୟ ପରେ ହାଲ୍‌କା ଉଷୁମ ଡିଟର୍ଜେଣ୍ଟ ପାଣିରେ ଧୋଇଦେବେ। ଧଳା ପୋଷାକରେ ଝାଳ ଦାଗ ହୋଇଯାଇଥିଲେ ଏହାକୁ ହାଲ୍‌କା ଉଷୁମ ପାଣିରେ ଲୁଣ ମିଶାଇ ଭିଜାଇ ଦିଅନ୍ତୁ। କିଛି ସମୟ ପରେ ବ୍ରସ୍‌ରେ ସଫା କରିଦେବେ। ଯଦି ପୋଷାକରେ ଲାଗିଥିବା ଜଙ୍ଗ୍‌ଦାଗ ସଫା କରିବାକୁ ଚାହୁଁଛନ୍ତି ତେବେ ସେଠାରେ ଲୁଣ ଛିଞ୍ôଚ ଫାଳେ ଲେମ୍ବୁରେ ଘଷିଦେବେ। କିଛି ସମୟ ଖରାରେ ଶୁଖାଇବା ପରେ ଖାଲି ଧୋଇଦିଅନ୍ତୁ। କାର୍ପେଟରେ ଯଦି କିଛି ୱାଇନ୍ ଢ଼ାଳିଯାଇଛି ତେବେ ତା'ଉପରେ ଲୁଣ ଛିଞ୍ôଚ ଦେଇ କିଛି ସମୟ ପରେ ଭାକ୍ୟୁମ୍ କରିଦେବେ। ଦାଗ ହେବନାହିଁ। ବେତରେ ତିଆରି ଫର୍ଣ୍ଣିଚର ଉପରେ ଓଦା ବ୍ରସ ଯୋଗେ ଲୁଣ ନେଇ ଘଷିଦେବେ ଏବଂ ଶୁଖିବା ଲାଗି ଖରାରେ ରଖିଦେବେ। ଏହା ହଳଦିଆ ପଡ଼ିବ ନାହିଁ। ବାଥ୍‌ରୁମ୍ କିମ୍ବା ରୋଷେଇଘର ସ୍ପଞ୍ଜକୁ ବ୍ୟବହାର କରିବା ପରେ ଏହାକୁ ଲୁଣପାଣିରେ ବୁଡ଼ାଇ ରଖନ୍ତୁ। ଏହା ଦୀର୍ଘସ୍ଥାୟୀ ରହିବା ସହିତ ବ୍ୟାକ୍ଟେରିଆମୁକ୍ତ ରହିବ। ରାତିରେ ଜୋତା ଭିତରେ କିଛି ଲୁଣ ଛିଞ୍ôଚ ଦେଇ ସକାଳୁ ଏହାକୁ ସଫା କରିଦିଅନ୍ତୁ। ଏଥିରେ ଥିବା ମଏଶ୍ଚର ଏବଂ ଦୁର୍ଗନ୍ଧ ଦୂର ହୋଇଯିବ। ଯଦି ପିମ୍ପୁଡ଼ି, ଜନ୍ଦା ସମସ୍ୟା କରୁଥାନ୍ତି ତେବେ ଘରର କୋଣ ଏବଂ ଝରକା, କବାଟରେ ଲୁଣ ପକାଇ ଦିଅନ୍ତୁ। ଇଚ୍ଛା କଲେ ଚଟାଣ ଲୁଣପାଣିରେ ପୋଛି ପାରନ୍ତି।



ସେହିପରି ଘର ସଜାଇବା ସମୟରେ ଫୁଲଦାନିରେ ପାଣି ଭରିବା ବେଳେ ସେଥିରେ ଚିମୁଟାଏ ଲୁଣ ପକାଇଦେଲେ ଫୁଲଗୁଡ଼ିକ ବହୁ ସମୟ ଯାଏ ସତେଜ ରହିପାରନ୍ତି। ପ୍ୟାନ, ପାତ୍ର, ଓଭନ୍ କିମ୍ବା ଗ୍ୟାସର ବର୍ନରରେ ଲାଗିଥିବା ପୋଡ଼ାଦାଗ ସଫା କରିବା ଲାଗି ଲୁଣ ବ୍ୟବହାର କରିପାରିବେ। ଏହାକୁ କାଗଜର ଟାୱେଲରେ ଘଷିଲେ ସଫା କରିହେବ। ଓଭନ ଯଦି ଖୁବ୍ ତେଲିଆ ହେଉଛି ତେବେ ଏହାକୁ ଲୁଣ ପାଣିରେ ପୋଛିଦେଲେ ସଫା ହୋଇଯିବ। ହାତରୁ ପିଆଜ-ରସୁଣ ବାସ୍ନା ଯାଉନଥିଲେ ଭିନେଗାରରେ ଲୁଣ ମିଶାଇ ହାତରେ ଲଗାନ୍ତୁ। ଫ୍ରିଜ୍‌ରୁ ସ୍ମେଲ ଆସୁଥିଲେ ସୋଡ଼ା ପାଣିରେ ଲୁଣ ମିଶାଇ ଏହାକୁ ସଫା କରିଦିଅନ୍ତୁ ଏବଂ ଡିଫ୍ରଷ୍ଟ ମାରିଦେବେ। ପ୍ଲାଷ୍ଟିକ କଣ୍ଟେନର, ଗ୍ଲାସ ଜାର ଏବଂ ବୋତଲରୁ କିଛି ବାସ୍ନା ଆସୁଥିଲେ ସେଥିରେ ଚାମଚେ ଲୁଣ ଏବଂ ଲେମ୍ବୁରସ ପକାଇ କିଛି ସମୟ ରଖି ଦିଅନ୍ତୁ। ବାଥ୍‌ଟବ୍ ସଫା କରିବା ଲାଗି ତାରପିନ୍ ଓ ଲୁଣ ମିଶାଇ ବ୍ୟବହାର କରନ୍ତୁ। ଏହାକୁ ଲଗାଇବାର ୧୫ ମିନିଟ ପରେ ସ୍ପଞ୍ଜରେ ସଫା କରିଦେବେ। ତମ୍ବା, ସିଲଭର କିମ୍ବା କଂସାର ପୁରୁଣା ବାସନ ସଫା କରିବା ଲାଗି ଲୁଣ ଓ ଭିନେଗାର ସମାନ ପରିମାଣରେ ମିଶାଇ ଲଗାଇଦେବେ। ୧୫ ମିନିଟ ପରେ ଘଷି ସଫା କରିଦେଲେ ଚକ୍ ଚକ୍ କରିବ। ପିଆନେ କିମ୍ବା ସିନ୍ଥେସାଇଜରର କି'ଗୁଡ଼ିକ ହଳଦିଆ ପଡ଼ିଯାଇଥିଲେ ଏହାକୁ ଲୁଣ ଓ ଲେମ୍ବୁରସ ମିଶାଇ କୌଣସି କପଡ଼ାରେ ଘଷି ସଫା କରିପାରିବେ। କପ୍‌ରେ ଚା'କିମ୍ବା କଫିର କଳାଦାଗ ଲାଗିଥିଲେ। ଦେଖିଲେ, ଲୁଣର କେତେ ପ୍ରକାର ଗୁଣ ସବୁ ରହିଛି।

ଭେଷଜ ତତ୍ତ୍ୱାବଧାରକ
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋବାଇଲ୍: ୭୬୫୭୦୭୧୯୬୭

# ଗୁରୁ ହିଁ ଭଗବାନ

ଦେବଦତ୍ତ ବିଶ୍ୱାଳ

ଗୁରୁଙ୍କ ମାଧମରେ କିପରି ଭଗବାନଙ୍କୁ ପ୍ରାପ୍ତ ହେବା? ଆମ୍ଭମାନଙ୍କର ଛୋଟିଆ ତେଲ ଲୁଣର ସଂସାର ଆଉ ଜୀବନ ଗୁଜୁରାଣ ଭିତର ଏହି ପ୍ରଶ୍ନଟି ପ୍ରାୟତଃ ଅନେକଙ୍କ ଭିତରେ ଉଙ୍କି ମାରିଥାଏ। ସେହିପରି ଅନେକଙ୍କ ଭିତରେ ପ୍ରଶ୍ନ ଉଠେ ଯେ ଭଗବାନଙ୍କ ସାନ୍ନିଧ ପାଇବା ପାଇଁ ଆମ ମାନଙ୍କୁ ଜ୍ଞାନର କେତେ ଭାବର ଗଭୀରତା ଭିତରକୁ ଯିବାକୁ ପଡ଼ିବ? ଏହିପରି ଅନେକ ଜଟିଳ ପ୍ରଶ୍ନ ଆମ୍ଭ ମାନଙ୍କ ଜୀବନକୁ ଆନ୍ଦୋଳିତ କଲାବେଳେ ଆଜିର ଆଧାତ୍ମିକ ଆଲୋଚନାଟି 'ଗୁରୁ ହିଁ ଭଗବାନ' ଶୀର୍ଷକ ଉପରେ ଛୋଟିଆ ଆଲୋଚନାଟି ରଖୁଛି।

ଆମ ମାନଙ୍କ ନିତିଦିନିଆ ଜୀବନରେ ଗୁରୁତ୍ୱପୂର୍ଣ୍ଣ ପ୍ରେରଣା ଓ ଭଗବତ୍ ଶକ୍ତି ଯୋଗାଉଥିବା ଶ୍ରୀମଦ୍ ଭଗବଦ୍‌ଗୀତାରେ କୁହାଯାଇଛି କେହି ତାଙ୍କୁ ଜୟ କରିପାରିବେ ନାହିଁ କି କେହି ତାଙ୍କ ପାଖରେ ପହଞ୍ଚିପାରିବେ ନାହିଁ। କିନ୍ତୁ ତାଙ୍କୁ ଜୟ କରିହେବ। ଏହା କିପରି ସମ୍ଭବ ପୁସ୍ତକ ଲେଖିବା ସମ୍ଭବ। ମାତ୍ର ପରମ ପୁରୁଷ ଭଗବାନଙ୍କୁ ଜାଣିବା ମୂଢ଼ତା। ଗବେଷଣା ଛାଡ଼ିଦିଅ, ସବୁ ଫୋପାଡ଼ି ଦିଅ, ବିନୟୀ ହୁଅ। ଏ କଥା ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଆମର ଶକ୍ତି ସୀମିତ ଏବଂ ଆମେ ଭଗବାନଙ୍କ ଅଧୀନ। କେହି



ଭଗବାନଙ୍କ ସହ ସମାନ ହୋଇପାରିବେ ନାହିଁ କିମ୍ବା ତାଙ୍କ ଠାରୁ ବଡ଼ ହୋଇପାରିବେ ନାହିଁ। ତେଣୁ ବିନୟୀ ହେବା। ଉପଯୁକ୍ତ ଅଧିକାରୀ ହୁଅନ୍ତୁ ବା ପରମ ପୁରୁଷ ଭଗବାନ, ସେମାନଙ୍କର ଦିବ୍ୟ ଗୁଣ ଓ ଗୌରବମାନ ଶ୍ରବଣ କରିବା। ଅର୍ଜୁନଙ୍କ ଭଳି ଭଗବାନଙ୍କୁ ବୁଝା ବିଶିଷ୍ଟ ଆଚାର୍ଯ୍ୟଗଣ ଯେଉଁ ପଥମାନ ଦେଖାଇଯାଇଛନ୍ତି, ତାହା ଅନୁସରଣ କରିବା। ତା ହେଲେ ଆମ୍ଭେମାନେ ସବୁ କିଛି ଜାଣିପାରିବା ଯେ ଭଗବାନ ସର୍ବ କାରଣର କାରଣ। ଦିବ୍ୟ ଜ୍ଞାନ ପ୍ରାପ୍ତି ପାଇଁ ଭଗବାନଙ୍କର ଶରଣ ନିଅ। ଯିଏ ପ୍ରକୃତ ଜ୍ଞାନର ଅଧିକାରୀ, ତାଙ୍କ ମାଧମରେ ଭଗବାନଙ୍କୁ ଜାଣିବା। ଏପରି ଜଣେ ଅଧିକାରୀଙ୍କୁ ବାଛିବା ଯିଏ ପ୍ରକୃତ ଗୁରୁ ଏବଂ ଯାହାଙ୍କୁ ପରମ ତତ୍ତ୍ୱ ଜଣା। ଯଦି ଏ ପ୍ରକାର ଆଚାର୍ଯ୍ୟଙ୍କୁ ପାଇବା ତାଙ୍କର ସେବା କରିବା ଏବଂ ତାଙ୍କରି ଶରଣରେ ରହିବା ଅର୍ଥ ଭଗବାନଙ୍କ ଶରଣାଧୀନ ହେବା।

ଆମ୍ଭେମାନେ ଭୁଲିଯିବା ଅନୁଚିତ ଯେ ଆମ୍ଭ ମାନଙ୍କ ସାମ୍ନାରେ ଅନନ୍ତ ଆକାଶ ନିଜର କର୍ମ, ନିଜର ନିଷ୍ପତ୍ତି ଓ ତାହାରି ଉପରେ ଆଧାରିତ ଫଳାଫଳ ପାଇଁ ନିଜକୁ ହିଁ ଦାୟୀ କରିବା। ବିପଦ ସାମ୍ନାରେ ଛିଡ଼ା ହୋଇ କଠିନ ପରିସ୍ଥିତିର ଆଲିଙ୍ଗନରେ ଅଣନିଶ୍ୱାସୀ ନ ହୋଇ ଆନନ୍ଦ ଉଲ୍ଲସିତ ବିଜୟର ନିଆରା ଅନୁଭୂତି ଅନୁଭବ କରିବା। ବିଷାଦ ଓ ଚିନ୍ତାର ସମୟ ନଷ୍ଟ କରି ତୁରନ୍ତ ସତକର୍ମରେ ମନ ନିବେଶ କରିବା ଓ ସଠିକ ଭାବରେ ଜୀବନ ନିର୍ବାହ କରିବା। ଜୀବନର ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିକୁ ଆମ୍ଭେମାନେ ମୁକାବିଲା କରି ପାରିବା। କୁରୁକ୍ଷେତ୍ର ରଣାଙ୍ଗନରେ ବିଷାଦ ଗ୍ରସ୍ତ ଅର୍ଜ୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ ବୁଝାଇବାକୁ ଯାଇ କହିଥିଲେ 'କ୍ଲୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱୋତ୍ତିଷ୍ଠ ପରନ୍ତପ।'

ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ
ମୋବାଇଲ୍: ୯୮୬୧୯୪୪୫୯୪

# ନିଜ ଜିନିଷ ନିଜ ଦାୟିତ୍ୱ

ପ୍ରଣତି ଆଚାର୍ଯ୍ୟ ମିଶ୍ର



ବ୍ୟାଙ୍କ ଓ ଲକର ସୁବିଧା ଆରମ୍ଭ ହେବା ପୂର୍ବରୁ ଲୋକମାନେ ନିଜର ଟଙ୍କା, ଗହଣା ଓ ମୂଲ୍ୟବାନ କାଗଜପତ୍ର ଘରର ଏକ ଗୁପ୍ତ ସ୍ଥାନରେ ଗାତ ଖୋଳି ପାତ୍ର କିମ୍ବା ବାସନରେ ଗୋପନ ରଖୁଥିଲେ। କିନ୍ତୁ ଭୟ ଥିଲା, ଯଦି ଘରର ମୁଖ୍ୟ ବ୍ୟକ୍ତି ଅକାଳରେ ମୃତ୍ୟୁବରଣ କରନ୍ତି, ତେବେ ଗୁପ୍ତ ସ୍ଥାନରେ ରଖାଯାଇଥିବା ଜିନିଷ ସେମାନଙ୍କ ପରିବାର ସଦସ୍ୟଙ୍କୁ ଉପଲବ୍ଧ ହେବ ନାହିଁ। ଅନେକ ସମୟରେ ଚୋର ଓ ଲୁଟେରା ମାନେ ସେହି ଗୁପ୍ତ ସ୍ଥାନରୁ ଚୋରି କରୁଥିଲେ। ଅର୍ଥାତ୍ ଘରେ ରଖାଯାଇଥିବା ଜିନିଷକୁ ସୁରକ୍ଷିତ ବୋଲି ବିବେଚନା କରାଯାଉନଥିଲା।

ଏହି କାରଣରୁ ଲୋକମାନେ ବ୍ୟାଙ୍କରେ ଟଙ୍କା ରଖିବା ଆରମ୍ଭ କରିଥିଲେ। ମୂଲ୍ୟବାନ ଜିନିଷ, ଗହଣା ଓ କାଗଜପତ୍ର ପାଇଁ ବ୍ୟାଙ୍କଗୁଡ଼ିକରେ ଲକର ସୁବିଧା ଆରମ୍ଭ ହେବା ପରେ ଲୋକମାନେ ଏହାର ଫାଇଦା ଉଠାଇବା ଆରମ୍ଭ କଲେ। ଆମେ ଜାଣନ୍ତି ବ୍ୟାଙ୍କଗୁଡ଼ିକରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ରହିଛି। ସେଠାରେ ଜିନିଷ ସୁରକ୍ଷିତ ରହିବା କଥା , କିନ୍ତୁ ଅତୀତରେ ଘଟିଥିବା ଅନେକ ଘଟଣା ଏହି ନିରାପତ୍ତା ଗ୍ୟାରେଣ୍ଟିକୁ କ୍ଷୁଣ୍ଣ କରିଥିବା ଜଣାପଡିଛି। ସାଧାରଣ ନାଗରିକଟିଏ ନିଜ ଘରେ ଚୋରି ହେବା ଭୟରେ; ନିଜର ମୂଲ୍ୟବାନ କାଗଜପତ୍ର ଓ ଗହଣାକୁ ମନି ବ୍ୟାଙ୍କ ଲକରରେ ରଖନ୍ତି। ଯାହାଫଳରେ ସେଠାରେ ନିରାପଦ ରହିବ, କିନ୍ତୁ ଅନେକ ସମୟରେ ଏଭଳି ଘଟଣା ସାମ୍ନାକୁ ଆସିଥାଏ ଯେ ଚୋରମାନେ ବ୍ୟାଙ୍କର ସେଫକୁ ଟାର୍ଗେଟ କରିବା ପରିବର୍ତ୍ତେ ବ୍ୟାଙ୍କର ଲକରକୁ ଟାର୍ଗେଟ କରିଥାନ୍ତି। ଆଉ ସାଧାରଣ ଲୋକ ଓ ବ୍ୟାଙ୍କର ଅଧିକାରୀ ମାନେ ଜଳକା ହୋଇ ଚାହିଁଥାନ୍ତି। ଗତ ଡିସେମ୍ବର ୧୭ ତାରିଖରେ ଲକ୍ଷ୍ନୌସ୍ଥିତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କରେ ଚୋରମାନେ ପଶି ୯୦ଟି ଲକର ମଧ୍ୟରୁ ୪୨ଟିର କୋଟି କୋଟି ଟଙ୍କା ଓ ଗହଣା ଲୁଟି ନେଇଥିଲେ। ସୂଚନା ଅନୁଯାୟୀ, ଦିନବେଳା ବ୍ୟାଙ୍କ ଆଖପାଖ ଅଞ୍ଚଳରେ ତଦାରଖ କରିଥିଲେ , ଯାହା ଦ୍ୱାରା ସେମାନେ ସହଜରେ ବ୍ୟାଙ୍କ ଭିତରକୁ ପ୍ରବେଶ କରିବେ। ସିସିଟିଭି ରେ ଚିହ୍ନା ନପଡିବା ପାଇଁ ଚୋରମାନେ ପାଟି ଓ ହେଲମେଟରେ କପଡ଼ା ବାନ୍ଧିଥିଲେ। ଲକ୍ଷ୍ନୌର ଏହି ବ୍ୟାଙ୍କ ମାମଲାରେ ଚୋର ଧରାପଡ଼ିବା ସହ ଚୋରି ସାମଗ୍ରୀ ମଧ ଜବତ କରାଯାଇଛି। ସ୍ଥାନୀୟ ପୁଲିସର ସକ୍ରିୟତା ଯୋଗୁଁ ଏହା ସମ୍ଭବ ହୋଇପାରିଛି। ଏନକାଉଣ୍ଟରରେ ଦୁଇ ଜଣ ଚୋର ନିହତ ହୋଇଥିବା ସୂଚନା ମିଳିଛି। ଘଟଣାର ଦ୍ୱିତୀୟ ଓ ତୃତୀୟ ଦିନରେ ବ୍ୟାଙ୍କ ଲକରର ଗ୍ରାହକମାନେ ଘଟଣାସ୍ଥଳରେ କାନ୍ଦିଥିବା ଦେଖିବାକୁ ମିଳିଥିଲା। କେହି କହୁଥିଲେ ଯେ, ସେ ତାଙ୍କ ଝିଅର ବାହାଘର ପାଇଁ ଗହଣା ସେଠାରେ ରଖିଥିଲେ। ଆଉ କେହି କୁହନ୍ତି, ଅବସର ପରେ ସେ ନିଜ ଜୀବନରକ୍ଷା ପାଇଁ ସମସ୍ତ ମୂଲ୍ୟବାନ କାଗଜପତ୍ର ଏବଂ ଟଙ୍କା ସେଠାରେ ରଖିଥିଲେ, କିନ୍ତୁ ବର୍ତ୍ତମାନ ନାହିଁ। ଲକର ଭାଙ୍ଗି ଯାଇଛି। ଚୋରଙ୍କ ଠାରୁ ଜବତ ସାମଗ୍ରୀରେ ମଧ ଗ୍ରାହକଙ୍କୁ ନିଜ ସାମଗ୍ରୀ ଚିହ୍ନଟ କରିବା ଓ ଦାବି କରିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। (ଯଦି ସେମାନଙ୍କ ପାଖରେ ସମ୍ପୂର୍ଣ୍ଣ ବୈଧ କାଗଜପତ୍ର ନଥାଏ)। ସେପର୍ଯ୍ୟନ୍ତ ସେମାନଙ୍କୁ ଅଳଙ୍କାର ଓ ଟଙ୍କା ପାଇବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଏହି ମାମଲାରେ ବ୍ୟାଙ୍କ କର୍ତ୍ତୃପକ୍ଷ ଦାବି କରି ସ୍ପଷ୍ଟୀକରଣ ଦେଉଛନ୍ତି ଯେ, ବ୍ୟାଙ୍କ ପକ୍ଷରୁ କୌଣସି ସୁରକ୍ଷା ତ୍ରୁଟି ନାହିଁ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍ ବିଆଇ)ର ନିୟମ ଅନୁଯାୟୀ ସମଗ୍ର ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିଲା। ଲକରରେ ଡବଲ ଲକ୍ ରହିଛି। ଗୋଟିଏ ଚାବି ବ୍ୟାଙ୍କ ପାଖରେ ଥିବା ବେଳେ ଅନ୍ୟଟି ଗ୍ରାହକଙ୍କ ପାଖରେ ରହିଛି। ଅଡିଟ୍ ବିଭାଗ ନିୟମିତ ଭାବେ କୋଠାର ନିରାପତ୍ତା ଯାଞ୍ଚ କରିଥାଏ। ଅଡିଟ୍ ରେ ବ୍ୟାଙ୍କର କୋଠାକୁ ସୁରକ୍ଷିତ ଘୋଷଣା କରାଯାଇଛି। ଏହା ମଧ ଦର୍ଶାଯାଇଥିଲା ଯେ ସମସ୍ତ ବ୍ୟାଙ୍କ ଆରବିଆଇର ନିୟମ ଅନୁଯାୟୀ କାର୍ଯ୍ୟ କରନ୍ତି। ତେବେ କୌଣସି ବ୍ୟାଙ୍କରେ ନାଇଟ୍ ଗାର୍ଡ ବ୍ୟବସ୍ଥା ନାହିଁ, ଯାହା ହାସ୍ୟାସ୍ପଦ। ରାତ୍ରି ସୁରକ୍ଷା ଦାୟିତ୍ୱ ସ୍ଥାନୀୟ ପୁଲିସ ଓ ପାଟ୍ରୋଲିଂ ଟିମ୍ ର।



ସୂଚନାଯୋଗ୍ୟ, ଆଧୁନିକ ସିକ୍ୟୁରିଟି ସିଷ୍ଟମ ଓ ଟେକ୍ନୋଲୋଜି ସତ୍ତ୍ୱେ ଚୋରମାନେ କିପରି ବ୍ୟାଙ୍କ ଭିତରକୁ ପଶି ୪୨ଟି ଲକର ଭାଙ୍ଗିଥିଲେ, ଯାହା ବ୍ୟାଙ୍କ ମ୍ୟାନେଜର ଜାଣିନଥିଲେ। ଯେହେତୁ ବ୍ୟାଙ୍କରେ ଅଟୋମେଟିକ୍ ଆଲାର୍ମ ବ୍ୟବସ୍ଥା ରହିଛି। ଘଟଣା ସମୟରେ କାହିଁକି ଆଲାର୍ମ ବାଜିନଥିଲା? ଯଦି ବାଜିଥିଲା , ତେବେ କର୍ତ୍ତୃପକ୍ଷ କାହିଁକି ଚୋରଙ୍କ ପାଖରେ ପହଞ୍ଚିପାରିଲେ ନାହିଁ? ପୂରା ଘଟଣା ଗମ୍ଭୀର ପ୍ରଶ୍ନ ଉଠାଇଛି। ଏଭଳି ସ୍ଥିତିରେ ବ୍ୟାଙ୍କର ଗ୍ରାହକମାନେ ପ୍ରତାରିତ ଅନୁଭବ କରୁଛନ୍ତି। କାରଣ ସେମାନଙ୍କ ସାମ୍ନାରେ ପ୍ରଶ୍ନ ଉଠୁଛି ଯେ ଯେତେବେଳେ ବ୍ୟାଙ୍କ ସୁରକ୍ଷିତ ନାହିଁ, ସେତେବେଳେ ସେମାନେ ସେମାନଙ୍କ ମୂଲ୍ୟବାନ ଜିନିଷ କେଉଁଠାରେ ରଖିବେ? ବ୍ୟାଙ୍କ ଲକରର ସର୍ତ୍ତାବଳୀରେ ଉଲ୍ଲେଖ ରହିଛି ଯେ ଚୋରି ହେଲେ ବ୍ୟାଙ୍କ ଦାୟୀ ରହିବ ନାହିଁ। ଅନେକ ବ୍ୟାଙ୍କ ଲକର ବୀମା କରିଥାନ୍ତି। ଏଭଳି ସ୍ଥିତିରେ ଗ୍ରାହକଙ୍କୁ କ୍ଷତି ସହିବାକୁ ପଡୁଛି। କାରଣ ମୂଲ୍ୟବାନ ଜିନିଷ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଫେରସ୍ତ ହୋଇନଥାଏ। ଏପରି କଠୋର ନିୟମ ପ୍ରଣୟନ କରାଯାଉ ଯାହା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱ ନିର୍ଦ୍ଧାରଣ କରିବ ଏବଂ ବ୍ୟାଙ୍କ ଲକର ଉପରେ ଲୋକଙ୍କ ବିଶ୍ୱାସ ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧି ପାଇବ।

ନୟାଗଡ଼, ମୋବାଇଲ୍: ୯୪୩୭୬୪୨୯୪୭

## ଉତ୍ତରାଖଣ୍ଡରେ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ୟୁସିସି



ଡେରାଡୁନ୍,୨୦।୧: ସମାନ ନାଗରିକ ସଂହିତା (ୟୁସିସି)ର ନିୟମାବଳୀଗୁଡ଼ିକୁ ଉତ୍ତରାଖଣ୍ଡ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଖୁବ୍‌ଶୀଘ୍ର ୟୁସିସି କାର୍ଯ୍ୟକାରୀ ହେବା ନେଇ ତାରିଖ ଘୋଷଣା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ସୋମବାର କହିଛନ୍ତି। ଏଥିପାଇଁ ଆବଶ୍ୟକ ପ୍ରସ୍ତୁତି ପ୍ରାୟତଃ ଶେଷ ହୋଇଛି। ତାଲିମ ପ୍ରକ୍ରିୟା ମଧ୍ୟ ଶେଷ ହୋଇଥିବାରୁ ଯଥାଶୀଘ୍ର ସମଗ୍ର ରାଜ୍ୟରେ ୟୁସିସି ଲାଗୁ ହେବ ବୋଲି ଧାମି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜାନୁଆରୀରେ ୟୁସିସି ଲାଗୁ ହେବ ବୋଲି ମାସକ ପୂର୍ବରୁ ଧାମି ଘୋଷଣା କରିଥିଲେ। ଜାନୁଆରୀ ୨୩ରେ ଯେଉଁରେ ପୌର ନିର୍ବାଚନ ଥିବାରୁ ସରକାର ସାଧାରଣତନ୍ତ୍ର ଦିବସରେ ୟୁସିସି କାର୍ଯ୍ୟକାରିତା ସମ୍ପର୍କରେ ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏହା କାର୍ଯ୍ୟକାରୀ ହେଲେ ରାଜ୍ୟରେ ଏକ ବଡ଼ ପରିବର୍ତ୍ତନ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉତ୍ତରାଖଣ୍ଡରେ ୟୁସିସି ଲାଗୁ ହେବା ନେଇ ୨୦୨୨ ନିର୍ବାଚନ ପୂର୍ବରୁ ଭାଜପା ପ୍ରତିଶ୍ରୁତି ଦେଇଥିଲା। ବିଶେଷଜ୍ଞ କମିଟି ଚିଠା ନିୟମାବଳୀ ପ୍ରସ୍ତୁତ କରିବା ପରେ ବିଧାନସଭାରେ ବିଲ୍ ଗୃହୀତ ହୋଇଥିଲା। ରାଜ୍ୟପାଳ ଏବଂ ରାଷ୍ଟ୍ରପତି ବିଲ୍‌କୁ ଅନୁମୋଦନ କରିସାରିଥିବାରୁ ଏହା ଆଇନରେ ପରିଣତ ହୋଇଛି। ସମସ୍ତଙ୍କ ପାଇଁ ସମାନ ନାଗରିକ ସଂହିତା ଲାଗୁ କରିବାରେ ଉତ୍ତରାଖଣ୍ଡ ପ୍ରଥମ ରାଜ୍ୟ ହେବାକୁ ଯାଉଛି।

## ରାଷ୍ଟ୍ରପତି ଭବନ ଯିବେ ମତ୍ସ୍ୟ ଉଦ୍ୟୋଗୀ ଜ୍ଞାନସ୍ୱରୂପଙ୍କୁ

### ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନାରେ ସ୍ୱାବଲମ୍ବୀ ହେବା ସହ ନିଯୁକ୍ତି ସୃଷ୍ଟି କରିପାରିଛନ୍ତି



ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ): ଆସନ୍ତା ୨୬ ତାରିଖରେ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ସମାରୋହ ପରେ ରାଷ୍ଟ୍ରପତି ଭବନରେ ଯୋଗ ଦେବାକୁ ପୁରୀ ଜିଲ୍ଲା ଗୋପ ଅଞ୍ଚଳର ସଫଳ ମତ୍ସ୍ୟ ଉଦ୍ୟୋଗୀ ଜ୍ଞାନସ୍ୱରୂପ ସାହୁଙ୍କୁ ନିମନ୍ତ୍ରଣ ମିଳିଛି। ଶ୍ରୀ ସାହୁ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନାର ଜଣେ ସଫଳ ହିତାଧିକାରୀ ଏବଂ ସେ ମାଛ ଜାଆଁଳ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ଗୋପ ବ୍ଲକ୍ ଜ୍ଞାନେଶ୍ୱରପୁର ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମରେ ତାଙ୍କ ଘର। ସେ ୨୫ ଲକ୍ଷ ଟଙ୍କା ବ୍ୟୟରେ ମଧୁର ଜଳ ମାଛ ଯାଆଁଳ କେନ୍ଦ୍ର ପ୍ରତିଷ୍ଠା କରିଥିଲେ। ତାଙ୍କର ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନାରେ ମଞ୍ଜୁରୀ ସହିତ ୧୦ ଲକ୍ଷ ଟଙ୍କାର ସବସିଡି ମିଳିଥିଲା। ଶ୍ରୀ ସାହୁ ଚଳିତ ବର୍ଷ ତାଙ୍କର ଯାଆଁଳ କେନ୍ଦ୍ରରେ ୨ କୋଟି ୬୪ ଲକ୍ଷରୁ ଅଧିକ ମାଛ ଯାଆଁଳ ଉତ୍ପାଦନର ରେକର୍ଡ ହାସଲ କରିଛନ୍ତି। ସେ ୩ ହଜାର କ୍ଷମତାବିଶିଷ୍ଟ କୁକୁଡ଼ା ପାଳନ କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି। ୧୦ ଡେକ୍ଟର ପୋଖରୀରେ ୧୦୦ କୁଇଣ୍ଟାଲ ଛୋଟ ମାଛ ଉତ୍ପାଦନ ସହ ବାୟୋଫ୍ଲକ୍ ପଦ୍ଧତିରେ ୨ ଟନ୍ ସିଂଗି ମାଛ ଉତ୍ପାଦନ କରି ବେଶ୍ ସଫଳତା ପାଇପାରିଛନ୍ତି। ଜଣେ ସଫଳ ଉଦ୍ୟୋଗୀ ଭାବେ ତାଙ୍କୁ ଜିଲ୍ଲା ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ ଏବଂ ପ୍ରଧାନ ଉପକେନ୍ଦ୍ର କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ କେନ୍ଦ୍ର ସିଫା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ସାହୁ ନିଜେ ସ୍ୱାବଲମ୍ବୀ ହେବା ସହିତ ଅନ୍ୟ ୧୫ ଜଣଙ୍କୁ ନିଯୁକ୍ତି ସୁଯୋଗ ଦେଇଛନ୍ତି। ସାରା ଦେଶରୁ ମୋଟ୍ ୬ ଜଣ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନା ହିତାଧିକାରୀଙ୍କୁ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିବା ପାଇଁ ନିମନ୍ତ୍ରଣ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ଜ୍ଞାନସ୍ୱରୂପଙ୍କୁ ମଧ୍ୟ ସ୍ଥାନ ମିଳିଛି।

## କୁମ୍ଭମେଳାରେ ଟ୍ରେଣ୍ଡ କରୁଛି ଶ୍ୟାମଳୀ ସୁନ୍ଦରୀ



ଉତ୍ତରପ୍ରଦେଶ, ୨୦।୧: ସୋସିଆଲ ମିଡିଆରେ ଭାଇରାଲ ହେବାକୁ କିଏ କେତେ ତରିକା ଆପଣାନ୍ତି। ଏପରିକି ଜୀବନ ମଧ ଚାଲିଯାଉଛି କିନ୍ତୁ ପ୍ରୟାଗରାଜକୁ ବ୍ୟବସାୟ କରିବାକୁ ଆସିଥିବା ଏହି ଯୁବତୀ ହୁଏତ ଜାଣିନଥିଲେ କି ରାତରାତି ସେ ଷ୍ଟାର ପାଲଟିଯିବେ । ମଧ୍ୟପ୍ରଦେଶର ଏକ ଗାଁରୁ ଉତ୍ତରପ୍ରଦେଶ ପ୍ରୟାଗରାଜକୁ ଆସିଥିଲେ ମୋନାଲିସା । ମାଳା ବିକି ଦୁଇ ପଇସା ରୋଜଗାର ପାଇଁ ଏଠାକୁ ଆସିଥିବାବେଳେ ଏବେ ସାଉଁଟିଲେଣି ଅନେକଙ୍କ ଭଲପାଇବା, ଢ଼େରସାରା ଲୋକପ୍ରିୟତା ଓ ଚର୍ଚ୍ଚା । ଯେତିକି ଆକର୍ଷଣୀୟ ସେତିକି ସୁନ୍ଦର । ଶ୍ୟାମଳ ବର୍ଣ୍ଣର ଯୁବତୀଙ୍କ ହସ ମଧ ମତୁଆଲା କରିଛି ।

## ସୈଫଙ୍କ ପୁଅ ଜହାଙ୍ଗୀରଙ୍କୁ ଅପହରଣ କରିବାକୁ ଚାହୁଁଥିଲା ଅଭିଯୁକ୍ତ



ମୁମ୍ବାଇ,୨୦।୧: ସୈଫ୍ ଅଲ୍ଲୀ ଖାନଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତ ମହମ୍ମଦ ଶରିଫୁଲ ଇସଲାମ ଶହଜାଦ ସମ୍ପର୍କରେ ପ୍ରତିଦିନ ଅନେକ ଖୁଲାସା ହେଉଛି। ଏବେ ଯେଉଁ ସୂଚନା ଆସିଛି ତାହା ବହୁତ ଆଶ୍ଚର୍ଯ୍ୟଜନକ। ସୂତ୍ର ଅନୁଯାୟୀ, ଆକ୍ରମଣକାରୀ ଶରିଫୁଲ ସୈଫଙ୍କ ପୁଅ ଜାହାଙ୍ଗୀରଙ୍କୁ ବନ୍ଧକ କରି ଟଙ୍କା ଦାବି କରିବାକୁ ଯୋଜନା କରୁଥିଲା। ଅଭିଯୁକ୍ତର ଉଦ୍ଦେଶ୍ୟ ଥିଲା

### ସହାୟିକା ଲୀନାଙ୍କୁ ମାଗିଥିଲା କୋଟିଏ

୧ କୋଟି ଟଙ୍କା ନେଇ ସବୁଦିନ ପାଇଁ ବାଂଲାଦେଶ ଫେରିଯିବା। ସୂତ୍ର ଅନୁଯାୟୀ, ଅଭିଯୁକ୍ତକୁ ବାଂଲାଦେଶ ଫେରିବା ପାଇଁ ଏକ ନକଲି ପାସପୋର୍ଟ ଆବଶ୍ୟକ ଥିଲା ଏବଂ ସେ ଏଥିପାଇଁ ଟଙ୍କା ବ୍ୟବସ୍ଥା କରିବାକୁ ଚେଷ୍ଟା କରୁଥିଲା। ପଚରାଉଚରା ସମୟରେ ଅଭିଯୁକ୍ତ ସହ ଜଡିତ ଆହୁରି ଅନେକ ସୂଚନା ସାମ୍ନାକୁ ଆସିଛି।

ଆକ୍ରମଣକାରୀ ସୈଫଙ୍କ ଚାକରାଣୀ ଲିମା ଫିଲିପ୍ସଙ୍କଠାରୁ ୧ କୋଟି ଟଙ୍କା ଦାବି କରିଥିଲା କିନ୍ତୁ ଲିମା ମନା କରିବାରୁ ଅଭିଯୁକ୍ତ ଏବଂ ଲିମା ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଥିଲା ଏବଂ ଏପରି କରୁଥିବା ସମୟରେ ଘରର ସମସ୍ତେ ଉଠି ପଡ଼ିଲେ ଯାହା ଫଳରେ ଅଭିଯୁକ୍ତ ତରିଯାଇ ଖସିଯିବାକୁ ଚେଷ୍ଟା କରିବାରେ ବିଫଳ ହେବାରୁ ଆଖିବୁଜା ଆକ୍ରମଣ କରିଥିଲା। ଅଭିଯୁକ୍ତ ପ୍ରଥମେ ଲିମାଙ୍କୁ ଆକ୍ରମଣ କରିଥିଲା ଏବଂ ଯେତେବେଳେ ସୈଫ୍ ଅଲ୍ଲୀ ଖାନ ମଝିରେ ଆସିଲେ, ଅଭିଯୁକ୍ତ ପ୍ରଥମେ ତାଙ୍କ ବେକକୁ ଏବଂ ପରେ ତାଙ୍କ ପିଠିରେ ଆକ୍ରମଣ କରିଥିଲା।

ସୈଫ୍‌ଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତ ସହ ଜଡ଼ିତ ଆଉ ଏକ ସୂଚନା ସାମ୍ନାକୁ ଆସିଛି। ସୈଫଙ୍କ ଆକ୍ରମଣକାରୀ ଶରିଫୁଲ ବାଂଲାଦେଶର ଜଣେ କୁସ୍ତିଯୋଦ୍ଧା। ସେ ପିଲାଦିନରୁ ତାର ପଡ଼ୋଶୀରେ କୁସ୍ତି କରୁଥିଲା। ସେ ସ୍ଥାନୀୟ ସ୍ତରରେ କିଛି କୁସ୍ତି ପ୍ରତିଯୋଗିତାରେ ମଧ୍ୟ ଅଂଶଗ୍ରହଣ କରିଥିଲା। ସେଥିପାଇଁ ଅଭିଯୁକ୍ତର ଶରୀର ସମ୍ପୂର୍ଣ୍ଣ ଫିଟ୍ ଥିଲା। ଶରିଫୁଲ ବାଂଲାଦେଶର ଜଣେ ବାସିନ୍ଦା। ଗତକାଲି ମୁମ୍ବାଇ ପୋଲିସ ତାଙ୍କୁ ଥାନେରୁ ଗିରଫ କରିଥିଲା।

ମୁମ୍ବାଇ ପୋଲିସ ଆଜି ଏହି ମାମଲାରେ ସିନ୍ କ୍ରିଏସନ୍ ମଧ୍ୟ କରିଥିଲା। ପୋଲିସ ଏହି ମାମଲାର ତଦନ୍ତ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ର ଦୃଷ୍ଟିକୋଣରୁ ମଧ୍ୟ କରିବ। ଗତକାଲି ଅଭିଯୁକ୍ତକୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ସରିଫୁଲକୁ ପାଞ୍ଚ ଦିନିଆ ପୋଲିସ ହେପାଜତକୁ ପଠାଇ ଦେଇଥିଲେ। ଆଜି ସରିଫୁଲକୁ ସାନ୍ତାକ୍ରୁଜ୍ ଲକ୍‌ଅପ୍‌ରୁ ବାନ୍ଦ୍ରା ପୋଲିସ ଷ୍ଟେସନକୁ ଅଣାଯାଇଥିଲା। ୭୨ ଘଣ୍ଟାର ଦୀର୍ଘ ତଦନ୍ତ ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

## ରାୟକୁ ନେଇ ସନ୍ତୁଷ୍ଟ ନୁହନ୍ତି ମମତା



କୋଲକାତା ୨୦।୧: ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲ ଡାକ୍ତର ଦୁଷ୍କର୍ମ ଓ ହତ୍ୟା ମାମଲାରେ ଦୋଷୀଙ୍କୁ କୋର୍ଟ ସୋମବାର ଆଜୀବନ ଜେଲଦଣ୍ଡାଦେଶ କରିଛନ୍ତି। ତେବେ ଏଥିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସନ୍ତୁଷ୍ଟ ନୁହନ୍ତି। ସେ କହିଛନ୍ତି ଯେ ଏହି ମାମଲାର ଯାଞ୍ଚକୁ କୋଲକାତା ପୋଲିସ ଠାରୁ ଜୋରଜବରଦସ୍ତ ଛଡାଇ ନିଆଯାଇଥିଲା। ଯଦି କୋଲକାତା ପୋଲିସ ମାମଲାର ତଦନ୍ତ କରିଥାନ୍ତା ତେବେ ଦୋଷୀକୁ ନିଶ୍ଚିତ ମୃତ୍ୟୁଦଣ୍ଡାଦେଶ ହୋଇଥାନ୍ତା। ମୁର୍ସିଦାବାଦ ଜିଲ୍ଲାରେ ଗଣମାଧ୍ୟମ ସହ ଆଲୋଚନାରେ ମମତା ବାନାର୍ଜୀ ମାମଲାର ସିବିଆଇ ଯାଞ୍ଚ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ଆମେ ସମସ୍ତେ ମୃତ୍ୟୁ ଦଣ୍ଡାଦେଶ ଦାବି କରିଥିଲୁ। ତେବେ କୋର୍ଟ ଦୋଷୀଙ୍କୁ ମୃତ୍ୟୁପର୍ଯ୍ୟନ୍ତ ଜେଲଦଣ୍ଡାଦେଶ କରିଛନ୍ତି। ମାମଲା କୋଲକାତା ପୋଲିସ ହାତରୁ ଜୋରଜବରଦସ୍ତ ଛଡାଇ ନିଆଯାଇଥିଲା। ଯଦି କୋଲକାତା ପୋଲିସ ମାମଲାର ତଦନ୍ତ କରିଥାନ୍ତା ତେବେ ତାର ମୃତ୍ୟୁଦଣ୍ଡ ସୁନିଶ୍ଚିତ ହୋଇଥାନ୍ତା।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମେ ଜାଣିନୁ ଯାଞ୍ଚ କେମିତି ହେଲା। ତେବେ ରାଜ୍ୟ ପୋଲିସ ଦ୍ୱାରା ଯାଞ୍ଚ କରାଯାଇଥିବା ଏପରି ଅନେକ ମାମଲାରେ ଦୋଷୀଙ୍କୁ କୋର୍ଟ ମୃତ୍ୟୁଦଣ୍ଡାଦେଶ କରିଛନ୍ତି। ଏଣୁ ଏହି ନ୍ୟାୟରେ ମୁଁ ସନ୍ତୁଷ୍ଟ ନୁହେଁ ବୋଲି ମମତା ବାନାର୍ଜୀ କହିଛନ୍ତି। ସିଆଲଦାହ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଅନିର୍ବାଣ ଦାସଙ୍କ କୋର୍ଟ ଶନିବାର ରାୟ ଘୋଷଣା କରି ଅଭିଯୁକ୍ତକୁ ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ। ସୋମବାର ମାମଲାରେ ଦଣ୍ଡାଦେଶ କରାଯାଇଥିବା ବେଳେ ଜଜ୍ ଏହାକୁ 'ରେୟାରେଷ୍ଟ ଅଫ ରେୟାର'କେସ୍ ସ୍ୱୀକାର କରି ନାହାନ୍ତି। ଏଣୁ କୋର୍ଟ ଅପରାଧୀକୁ ଆଜୀବନ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମନା ନିର୍ଦ୍ଦେଶ ଦେଇଛନ୍ତି। ସଞ୍ଜୟ ରାୟକୁ କୋର୍ଟ ଆଜୀବନ ଜେଲଦଣ୍ଡାଦେଶ କରିଥିବା ବେଳେ ରାଜ୍ୟ ସରକାରଙ୍କୁ ପୀଡ଼ିତାଙ୍କ ପରିଜନଙ୍କୁ ୧୭ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଉପରେ ପୀଡିତାଙ୍କ ଅଭିଭାବକ କହିଛନ୍ତି ଯେ ଆମକୁ କ୍ଷତିପୂରଣର କୌଣସି ଆବଶ୍ୟକତା ନାହିଁ। ସଞ୍ଜୟ ରାୟକୁ କୋର୍ଟ ବିଏନଏସର ଧାରା ୬୪,୬୬ ଓ ୧୦୩(୧) ଅନୁସାରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ଧାରାମାନଙ୍କରେ ଦୋଷୀଙ୍କୁ ସର୍ବାଧିକ ମୃତ୍ୟୁଦଣ୍ଡ ଅଥବା ଆଜୀବନ ଜେଲଦଣ୍ଡର ବ୍ୟବସ୍ଥା ରହିଛି। ତେବେ ଜଜ ଦୋଷୀଙ୍କୁ ଆଜୀବନ ଜେଲଦଣ୍ଡାଦେଶ କରିଛନ୍ତି।

## ରାହୁଲଙ୍କ ବିରୋଧରେ ଅପରାଧିକ ମାମଲାର ଶୁଣାଣି ସ୍ଥଗିତ ରଖିଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୨୦।୧: କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀଙ୍କୁ ସମାନ୍ୟ ଆଶ୍ୱସ୍ତି। କାରଣ ତାଙ୍କ ବିରୋଧରେ ରହିଥିବା ଅପରାଧିକ ମାମଲାର ଶୁଣାଣିକୁ ସ୍ଥଗିତ ରଖିଛନ୍ତି ସୁପ୍ରିମ୍‌କୋର୍ଟ। ଗୃହମନ୍ତ୍ରୀ ଅମିତ ଶାହ ଏବଂ ବିଜେପି ବିରୋଧରେ ଦେଇଥିବା ବୟାନ ପାଇଁ ରାହୁଲଙ୍କ ନାମରେ ଏକ ମାନହାନୀ ମକଦ୍ଦମା ରୁଜୁ ହୋଇଥିଲା। ସୁପ୍ରିମ୍‌କୋର୍ଟ ଏବେ ସେହି ମାମଲାର ଶୁଣାଣିକୁ ସ୍ଥଗିତ ରଖି ଦେଇଛନ୍ତି। ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଝାଡ଼ଖଣ୍ଡ ହାଇକୋର୍ଟର ଆଦେଶକୁ ଚ୍ୟାଲେଞ୍ଜ କରି ରାହୁଲ ଗାନ୍ଧୀଙ୍କ ଦ୍ୱାରା ଦାୟର ହୋଇଥିବା ଏକ ସ୍ୱତନ୍ତ୍ର ଅନୁମତି ଆବେଦନର ଶୁଣାଣି କରିଥିଲେ।

ରାହୁଲ ଗାନ୍ଧୀଙ୍କ ପକ୍ଷରୁ ଉପସ୍ଥିତ ଥିବା ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭୀ କହିଛନ୍ତି ଯେ ଏପରି ଅନେକ ରାୟ ରହିଛି। ସେଥିପାଇଁ କେବଳ ପୀଡିତ ବ୍ୟକ୍ତି ହିଁ ମାନହାନି ଅଭିଯୋଗ ଦାଖଲ କରିପାରିବେ ଏବଂ ଅଭିଯୋଗ କୌଣସି ପ୍ରକ୍ସି ପାର୍ଟି ଦ୍ୱାରା ଦାଖଲ କରାଯାଇପାରିବ ନାହିଁ।

## ଆମେରିକାରେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଭାରତୀୟଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୦।୧: ବିଦେଶରେ ଭାରତୀୟଙ୍କ ଉପରେ ଆକ୍ରମଣ ଥମିବାର ନାଁ ନେଉନି। ଆମେରିକାରେ ପୁଣି ଜଣେ ଭାରତୀୟଙ୍କୁ ହତ୍ୟା କରାଯାଇଛି। ଆମେରିକାରେ ରହି ପାଠ ପଢୁଥିବା କରୁଥିବା ଜଣେ ୨୬ ବର୍ଷୀୟ ହାଇଦ୍ରାବାଦ ଯୁବକଙ୍କୁ ଅଜ୍ଞାତ ଆକ୍ରମଣକାରୀମାନେ ଗୁଳି କରି ହତ୍ୟା କରିଛନ୍ତି। ଘଟଣାଟି ୱାଶିଂଟନ ଆଭେନ୍ୟୁରେ ଘଟିଛି, ଯେଉଁଠାରେ ପୀଡିତ ରବିତେଜାଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରିଥିବା ଜଣାପଡ଼ିଛି। ହାଇଦ୍ରାବାଦ ସ୍ଥିତ ଆରକେ ପୁରମ ଅଞ୍ଚଳର ସ୍ଥାୟି ବାସିନ୍ଦା ହେଉଛନ୍ତି ରବିତେଜା। ସେ ୨୦୨୨ ମସିହା ମାର୍ଚ୍ଚ ମାସରେ ମାଷ୍ଟର ଡିଗ୍ରୀ କରିବାପାଇଁ ଆମେରିକା ଚାଲିଯାଇତିଲେ। ତେବେ ନିକଟରେ ତାଙ୍କର ପାଠ ପଢ଼ା ସରିବା ସହ ସେ ଆମେରିକାରେ ଏକ ଚାକିରୀ ସନ୍ଧାନରେ ଥିଲେ। ତେବେ କେହି ଜଣେ ଦୁର୍ବୃତ୍ତ ତାଙ୍କୁ ଅତି ନିକଟରୁ ଗୁଳି କରି ହତ୍ୟା କରିଥିବା ନେଇ ଖବର ମିଳିଛି। ତେବେ ଏହି ମାମଲାରେ ସ୍ଥାନୀୟ ପୋଲିସ ଘଟଣାର ଛାନଭିନ ଜାରି ରଖିଛି। ଖବର ଲେଖା ହେବା ଯାଏ ଏ ସମ୍ବର୍କରେ ଅନ୍ୟ ସୂଚନା ମିଳିପାରି ନାହିଁ।

## କରଣ ବୀର ମେହେରା 'ବିଗ୍ ବସ୍ ୧୮'ର ବିଜେତା



ମୁମ୍ବାଇ, ୨୦।୧: ଅପେକ୍ଷାର ଅନ୍ତ ହେଲା। 'ବିଗ୍ ବସ୍ ୧୮'ର ବିଜେତା ହେଲେ ଅଭିନେତା କରଣ ବୀର ମେହେରା। ଶ୍ରେଷ୍ଠ ୬ ଜଣ ଫାଇନାଲିଷ୍ଟଙ୍କୁ ହରାଇ ଟ୍ରଫି ହାତେଇଲେ କରଣ। 'ବିଗ୍ ବସ୍ ୧୮'କୁ ମିଳିଲା ନୂଆ ବିଜେତା। ସର୍ବାଧିକ ଭୋଟ ପାଇ 'ବିଗ୍ ବସ୍ ୧୮' ସିଜିନର ବିଜୟ ମୁକଟ ପିନ୍ଧିଛନ୍ତି କରଣ ବୀର ମେହେରା। କରଣଙ୍କୁ ସୋ'ର ହୋଷ୍ଟ ସଲମାନ ଖାନ୍ ବିଜେତା ଭାବେ ଘୋଷଣା କରିବା ପରେ ପ୍ରଶଂସକମାନେ ବେଶ ଖୁସି ହୋଇଛନ୍ତି। କରଣଙ୍କ ପ୍ରଶଂସକମାନେ ସୋସିଆଲ ମିଡ଼ିଆରେ ଲଗାତାର ଶୁଭେଚ୍ଛା ବାର୍ତ୍ତା ପୋଷ୍ଟ କରୁଛନ୍ତି। ରିପୋର୍ଟ ଅନୁଯାୟୀ, ଶ୍ରେଷ୍ଠ ୬ ଜଣ ଫାଇନାଲିଷ୍ଟଙ୍କ ମଧ୍ୟରୁ ପ୍ରଥମେ ଈଶା ସିଂ ବାହାରିଥିଲେ। ପରବର୍ତ୍ତୀ ଫାଇନାଲିଷ୍ଟରୁ ଚୁମ୍ ଦାରାଙ୍ଗ ବିଗ୍ ବସ୍ -୧୮ ବିଜେତାରୁ ଓହରି ଯାଇଥିଲେ। ତାଙ୍କ ପରେ ଗ୍ରାଣ୍ଡ ପୁରସ୍କାର ଦୌଡ଼ରୁ ଅବିନାଶ ମିଶ୍ର ବାହାରିଥିଲେ। ଅବଶେଷରେ, ଅନେକ ପ୍ରତିଯୋଗୀଙ୍କୁ ପଛରେ ପକାଇ ବିଗ୍ ବସ୍ -୧୮ର ଟପ୍-୩ରେ ପହଞ୍ଚିଥିଲେ କରଣ ବୀର ମେହେରା, ଭିଭିଅନ୍ ଡିସେନା, ରଜତ ଦଲାଲ। ପରେ ରଜତ ଆଉଟ ହେବା ପରେ କରଣ ଏବଂ ଭିଭିଅନଙ୍କ ମଧ୍ୟରେ କିଏ ଜିତିବ ଟ୍ରଫି ସମସ୍ତଙ୍କ ନଜର ରହିଥିଲା। ଶେଷରେ ପ୍ରତି ସିଜନ୍ ପରି, ଏଥର ମଧ୍ୟ ସଲମାନ ଖାନ୍ ପୁରସ୍କାର ରାଶି ସହିତ କରଣ ବୀର ମେହେରାଙ୍କୁ ବିଗ ବସ୍ ୧୮ର ବିଜେତା ଘୋଷଣା କରିଥିଲେ। ଟ୍ରଫି ସହିତ, ଅଭିନେତା କରଣଙ୍କୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ମଧ୍ୟ ମିଳିଛି। ବିଗ୍ ବସ୍ ୧୮ର ବିଷୟବସ୍ତୁ ଥିଲା 'ଟାଇମ କା ତାଣ୍ଡବ'। ଏହି ସିଜିନ୍ ୬ ଅକ୍ଟୋବର ୨୦୨୪ରେ ଆରମ୍ଭ

## ଯୁଦ୍ଧ ବିରାମ ପରେ ତିନି ଇସ୍ରାଏଲୀୟ ମହିଳା ବନ୍ଧକଙ୍କୁ ମୁକ୍ତ କଲା ହମାସ



ନୂଆଦିଲ୍ଲୀ, ୨୦।୧: ଇସ୍ରାଏଲ ଓ ହମାସ ମଧରେ ସିଜଫାୟରର ଚୁକ୍ତିନାମା ପରେ, ହମାସ ପ୍ରଥମେ ତିନି ବନ୍ଧକଙ୍କୁ ରେଡ୍ କ୍ରସ୍‌କୁ ପ୍ରଦାନ କରିଛି। ଏବେ ସେମାନଙ୍କୁ ଇସ୍ରାଏଲ ନିଆଯାଉଛି। ସୂଚନା ମୁତାବିକ , ପ୍ରଥମେ ତିନି ଜଣ ମହିଳା ବନ୍ଧକଙ୍କୁ ମୁକ୍ତ କରାଯାଇଛି। କହି ରଖୁଛୁ ଯେ, ଯୁଦ୍ଧ ବିରାମ ଉପରେ ସହମତି ପରେ ୧୫ ମାସ ଧରି ଚାଲୁଥିବା ଭୟଙ୍କର ଯୁଦ୍ଧର ଅବସାନ ଘଟିଛି। ହେଲେ ହମାସ ପକ୍ଷରୁ ମୁକ୍ତ କରାଯାଇ ଥିବା ପଣବନ୍ଦୀଙ୍କ ତାଲିକା ପ୍ରଦାନରେ ବିଳମ୍ବ କାରଣରୁ ସିଜଫାୟରରେ ବିଳମ୍ବ ହୋଇଥିଲା। ଏଥିରେ ସକାଳେ ମଧ ଇସ୍ରାଏଲୀୟ ସେନା ହମଲା କରିଥିଲା, ଯେଉଁଥିରେ ପାଖାପାଖି ୧୯ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା। ବନ୍ଧକଙ୍କୁ ମୁକ୍ତ କରାଯିବାର ସିଧା ପ୍ରସାରଣ ମଧ ଟିଭିରେ କରାଯାଇଛି। ମୁକ୍ତ ହୋଇଥିବା ମହିଳା ବନ୍ଧକଙ୍କ ନାଁ ଯଥାକ୍ରମେ ରୋମୀ ଗୋନେନ , ଡୋରୋନ ଷ୍ଟିନବ୍ରେଚର ଓ ଏମିଲି ଦମାରି। ୨୪ ବର୍ଷିୟ ରୋମୀ ଗୋନେନ ଇସ୍ରାଏଲର କେଫର ବ୍ରାଦିମରେ ରୁହନ୍ତି। ତାଙ୍କୁ ବୁଲିବା ଓ ଡ୍ୟାନ୍ସ କରିବାକୁ ପସନ୍ଦ। ୭ ଅକ୍ଟୋବରରେ ତାଙ୍କୁ ନୋଭା ଫେଷ୍ଟିଭାଲରୁ ହିଁ ହମାସର ଆତଙ୍କୀମାନେ ଅପହରଣ କରି ନେଇଥିଲେ। ଦ୍ୱିତୀୟ ମହିଳା ଏମିଲି ଦମାରୀ ଜଣେ ବ୍ରିଟିଶ ନାଗରିକ। ସେ ଏହି ସମୟରେ କଫର ଗାଜାରେ ରହୁଥିଲେ। ତାଙ୍କର ଅନେକ ବନ୍ଧୁଙ୍କୁ ମଧ ଅପହରଣ କରିନିଆ ଯାଇଥିଲା।

ସୂଚନାଯୋଗ୍ୟ, ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟ ଅନୁସାରେ ୪୨ ଦିନ ଯାଏ ସିଜଫାୟର ରହିବ। ଏହି ସମୟରେ ହମାସ ପକ୍ଷରୁ ୩୩ ବନ୍ଧକଙ୍କୁ ମୁକ୍ତ କରାଯିବ। ଏଥିରେ ମହିଳା ଓ ଶିଶୁଙ୍କ ସହ ୫୦ବର୍ଷ ବୟସରୁ ଉର୍ଦ୍ଧ୍ୱ ଲୋକ ଅଛନ୍ତି। ଇସ୍ରାଏଲୀୟ ମିଡ଼ିଆର ଖବରରେ କୁହାଯାଇଛି ଯେ ,ସେନା ତିନି ବନ୍ଧକଙ୍କ ମାଆଙ୍କୁ ଗାଜା ସୀମା ନିକଟରେ ଏକ ସେନା ଶିବିରରେ ସାକ୍ଷାତ ସ୍ଥଳକୁ ଆସିବାକୁ କହିଛି।

## ନିଜ ନାଗରିକଙ୍କ ଉପରେ ଗୁଳି ବର୍ଷା କରୁଛି ପାକିସ୍ତାନୀ ସେନା

ଇସଲାମାବାଦ, ୨୦।୧: ଖାଇବର ପାସ୍ତୁନଖ୍ୱାର କୁର୍ରମ ଅଞ୍ଚଳରେ ପାକିସ୍ତାନୀ ସେନା ଏକ ପ୍ରମୁଖ ସାମରିକ କାର୍ଯ୍ୟ ଆରମ୍ଭ କରିଛି। କୁହାଯାଉଛି ଯେ, ପାକିସ୍ତାନୀ ସେନା ମୁଖ୍ୟ ଜେନେରାଲ ଅସିମ ମୁନିରଙ୍କ ନିର୍ଦ୍ଦେଶରେ ବହୁ ସଂଖ୍ୟକ ସୈନିକ ଅସ୍ତ୍ରଶସ୍ତ୍ର ସହିତ କୁର୍ରମ ଅଞ୍ଚଳରେ ପହଞ୍ଚିଛନ୍ତି। ପାକିସ୍ତାନୀ ଗଣମାଧ୍ୟମ ଅନୁଯାୟୀ,ସେନା ଆତଙ୍କବାଦୀଙ୍କ ଶିବିରକୁ ଧ୍ୱଂସ କରିବା ପାଇଁ ବହୁ ପରିମାଣରେ ତୋପ ବ୍ୟବହାର କରୁଛି। କୁର୍ରମ ଜିଲ୍ଲାର ବାଗାନ, ମାଣ୍ଡୋରି, ଚାପରି ଏବଂ ଚାପରି ପଡାଭ ଆଦି ୪ଟି ଗାଁରେ ଏହି ସାମରିକ ଅପରେସନ ଚାଲିଛି। ଶିଆ ଏବଂ ସୁନ୍ନି ମୁସଲମାନମାନଙ୍କ ମଧ୍ୟରେ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଥିବା ପୈରାଚିନାରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ମଧ୍ୟ ଗତ ତିନି ମାସ ଧରି ବନ୍ଦ ରହିଛି।

ପାକିସ୍ତାନର ଏହି କୁର୍ରମ ଅଞ୍ଚଳରେ ଗତ କିଛି ଦଶନ୍ଧି ଧରି ଶିଆ ଏବଂ ସୁନ୍ନି ମୁସଲମାନମାନଙ୍କ ମଧ୍ୟରେ ପ୍ରବଳ ହିଂସା ଘଟିଛି। ନିକଟରେ ସୁନ୍ନି ମୁସଲମାନମାନେ ୪୫ ଜଣ ଶିଆ ତୀର୍ଥଯାତ୍ରୀଙ୍କୁ ହତ୍ୟା କରିଥିଲେ। ଏହି ଘଟଣା ୨୧ ନଭେମ୍ବର ୨୦୨୪ରେ ବାଗାନ ସହରରେ ଘଟିଥିଲା। ଏହା ପରେ ଅନେକ ଦିନ ଧରି ଦୁଇପକ୍ଷଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଜାରି ରହିଥିଲା। ଯେଉଁଥିରେ ପ୍ରାୟ ୧୪୦ଜଣଙ୍କର ମୃତ୍ୟୁ ଘଟିଥିଲା।

ଏହା ପରେ ପାକିସ୍ତାନୀ ସେନା ଏବଂ ସରକାର ଅଞ୍ଚଳରେ ଦୁଇପକ୍ଷଙ୍କ ମଧ୍ୟରେ ସମନ୍ୱୟ ଆଣିବାକୁ ଚେଷ୍ଟା କରିଥିଲେ ମଧ୍ୟ ଏହା ବିଫଳ ହୋଇଥିଲା। ଉଭୟ ଗୋଷ୍ଠୀ ଏହି କ୍ଷେତ୍ରରେ ଅନେକ ବଙ୍କର ନିର୍ମାଣ କରିଛନ୍ତି। ସେମାନେ ମଧ୍ୟ ସେନା ଏବଂ ସରକାରୀ ଲୋକଙ୍କ ଉପରେ ଆକ୍ରମଣ କରୁଛନ୍ତି। ବର୍ତ୍ତମାନ ପାକିସ୍ତାନୀ ସେନା ଏହି ଅଞ୍ଚଳ ଖାଲି କରିବାକୁ ଏକ ପ୍ରମୁଖ ସାମରିକ କାର୍ଯ୍ୟ ଆରମ୍ଭ କରିଛି। ଏହି ଅଞ୍ଚଳର ବହୁ ସଂଖ୍ୟକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପଠାଯାଇଛି। ଏହି ସମଗ୍ର ଅଞ୍ଚଳରେ ପ୍ରଶାସନ କର୍ଫ୍ୟୁ ଲାଗୁ କରିଛି। ଏହାପୂର୍ବରୁ ସହାୟତା ସାମଗ୍ରୀ ବୋଝେଇ ଟ୍ରକ ଉପରେ ଏକ ବଡ଼ ଆକ୍ରମଣ ହୋଇଥିଲା। ଯେଉଁଥିରେ ୬ଜଣ ସହାୟତା କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ଅନେକ ଲୋକଙ୍କୁ ମଧ୍ୟ ଅପହରଣ କରାଯାଇଥିଲା। ପାକିସ୍ତାନୀ ସେନାର ସଶସ୍ତ୍ର ଯାନ ମଧ୍ୟ ଏହି ଅଞ୍ଚଳକୁ ପଠାଯାଇଛି ଏବଂ ସେନା ଧିରେଧିରେ ଆଗକୁ ବଢୁଛି। ଅନେକ ବଙ୍କରକୁ ପାକିସ୍ତାନୀ ସେନା ନିଜର ନିୟନ୍ତ୍ରଣକୁ ନେଇଛି।

## ହୃଦଘାତରେ ମରାଠୀ ଅଭିନେତା ଯୋଗେଶ ମହାଜନଙ୍କ ମୃତ୍ୟୁ



ନୂଆଦିଲ୍ଲୀ, ୨୦।୧: ଟେଲିଭିଜନ ଦୁନିଆଁର ମେଗା ଧାରାବାହିକ'ଶିବ ଶକ୍ତି-ତପ ତ୍ୟାଗ ତାଣ୍ଡବ' ମାଧମରେ ନିଜର ସ୍ୱତନ୍ତ୍ର ପରିଚୟ ଲାଭ କରିଥିବା ଅଭିନେତା ଯୋଗେଶ ମହାଜନଙ୍କ ଦେହାନ୍ତ ହୋଇଛି। ଟେଲିଭିଜନ ଏବଂ ମରାଠୀ ଚଳଚ୍ଚିତ୍ର ଅଭିନେତା ଯୋଗେଶ ମହାଜନଙ୍କର ଗତକାଲି ଅର୍ଥାତ ଜାନୁଆରୀ ୧୯, ୨୦୨୫ ରେ ମୃତ୍ୟୁ ହୋଇଛି। ହଠାତ୍ ହୃଦଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଯୋଗେଶଙ୍କ ଦେହାନ୍ତରେ ଟିଭି ଏବଂ ସିନେ ଜଗତରେ ଶୋକର ଛାୟା ଖେଳିଯାଇଛି। ଲୋକମାନେ ତାଙ୍କୁ ମନେ ପକାଇ ସୋସିଆଲ ମିଡିଆରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି। ଟିଭି ଶୋ 'ଶିବ ଶକ୍ତି'ରେ ଗୁରୁ ଶୁକ୍ରାଚାର୍ଯ୍ୟ ଭୂମିକା ପାଇଁ ସେ ପ୍ରସିଦ୍ଧ ଥିଲେ। ତେବେ ନିର୍ଦ୍ଧାରିତ ସମୟରେ ସୁଟିଂ ପାଇଁ ଆସି ନ ଥିବାରୁ ତାଙ୍କୁ ସନ୍ଧାନ କରାଯାଇଥିଲା, ପରେ ତାଙ୍କୁ ଉମରଗାଁଓ ଫ୍ଲାଟରେ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ଡାକ୍ତରଖାନା ନେବା ପରେ ଡାକ୍ତରମାନେ କହିଥିଲେ ଯେ ଯୋଗେଶ ମହାଜନ ଆଉ ନାହାନ୍ତି। ସୂଚନା ମୁତାବକ ଯେତେବେଳେ ଯୋଗେଶ ମହାଜନ ସୁଟିଂ ପାଇଁ ପହଞ୍ଚି ନଥିଲେ, ତାଙ୍କ ସହକର୍ମୀ ମାନେ ଚିନ୍ତିତ ହୋଇ ତାଙ୍କ ଆପାର୍ଟମେଣ୍ଟରେ ପହଞ୍ଚିଲେ, ଯେଉଁଠାରେ ତାଙ୍କୁ ଅଚେତ ଅବସ୍ଥାରେ ପାଇଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା, କିନ୍ତୁ ଡାକ୍ତର ମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ପରିବାର ତାଙ୍କ ମୃତ୍ୟୁର ଦୁଃଖଦ ଖବରକୁ ନିଶ୍ଚିତ କରିଥିଲେ। ତାଙ୍କର ହଠାତ୍ ମୃତ୍ୟୁରେ ସୁଟିଂ ସେଟରେ ଥିବା ସମସ୍ତେ ଗଭୀର ମର୍ମାହତ। ଅଭିନେତାଙ୍କ ପରିବାରରେ ତାଙ୍କ ପତ୍ନୀ ଏବଂ ୭ ବର୍ଷର ପୁଅ ଅଛନ୍ତି। ଯୋଗେଶ ମହାଜନ 'ମୁମ୍ବାଇଚେ ଶାହାଣେ' ଏବଂ 'ସଂସାରଚି ମାୟା' ଭଳି ମରାଠୀ ଚଳଚ୍ଚିତ୍ରରେ କାମ ପାଇଁ ଜଣାଶୁଣା ଥିଲେ। ଯୋଗେଶ ମହାଜନଙ୍କ ଶେଷକୃତ୍ୟ୨୦ ଜାନୁଆରୀ, ୨୦୨୫ରେ ମୁମ୍ବାଇର ବୋରିଭାଲି ପଶ୍ଚିମରେ ପ୍ରଗତି ହାଇସ୍କୁଲ ନିକଟରେ ଥିବା ଗୋରାରି-୨ ଶ୍ମଶାନରେ କରାଯିବାର କାର୍ଯ୍ୟକ୍ରମ ରହିଛି। ସେ କୌଣସି ଗଡଫାଦର ବିନା ଇଣ୍ଡଷ୍ଟ୍ରିରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ମୃତ୍ୟୁ ସମୟରେ ସେ ହିନ୍ଦୀ ଟିଭି ଧାରାବାହିକ 'ଶିବ ଶକ୍ତି - ତପ ତ୍ୟାଗ ତାଣ୍ଡବ'ରେ କାମ କରୁଥିଲେ। ସେ ଏହି ଶୋ'ରେ ଗୋଟିଏ ବର୍ଷରୁ ଅଧିକ ସମୟ ଧରି କାମ କରୁଥିଲେ।

## ଗାଜାର କରୁଣ ଦୃଶ୍ୟ: ଭଙ୍ଗାଘର ତଳେ ମଣିଷ କଙ୍କାଳ



ଗାଜା, ୨୦।୧: ଗାଜାରେ ଅସ୍ତ୍ରବିରତି ଘୋଷଣା ପରେ ଯୁଦ୍ଧ ବିରାମ ଘୋଷଣା ପରେ ଇସ୍ରାଏଲ୍ ସେନା ପ୍ରତ୍ୟାହାର କରିଛି। ୧୫ ମାସ ପରେ ଲୋକମାନେ ନିଜ ନିଜ ଘରକୁ ଫେରୁଛନ୍ତି। ସେମାନେ ଇସ୍ରାଏଲର ଆକ୍ରମଣ ଯୋଗୁ ସାମରିକ ଆଶ୍ରୟସ୍ଥଳରେ ରହିବାକୁ ବାଧ୍ୟ ହୋଇଥିଲେ। ଗାଜାବାସୀ ୧୫ ମାସ ପରେ ନିଜ ଭିଟାମାଟିକୁ ଫେରି ଖୁସି, କିନ୍ତୁ ବିନାଶର ଦୃଶ୍ୟ ସେମାନଙ୍କୁ ମର୍ମାହତ କରିଛି। ସେମାନେ ଏବେ ଚାରିଆଡେ କେବଳ ଆବର୍ଜନା ଗଦା ଦେଖୁଛନ୍ତି। ଯେଉଁଠାରେ ସେମାନଙ୍କ ଘର, ଦୋକାନ, ବିଦ୍ୟାଳୟ ଏବଂ ପାର୍କ ଏକଦା ଠିଆ ହୋଇଥିଲା ଏବେ ସେସବୁ ଧ୍ୱଂସସ୍ତୁପ ପାଲଟିଛି। ଭିଟାମାଟିର ଭଗ୍ନା ଘର ତଳେ ଏବେ ମଣିଷ କଙ୍କାଳ ଜମା ହୋଇରହିଛି।

ଜାତିସଂଘ ମାନବିକ ବ୍ୟାପାର କାର୍ଯ୍ୟାଳୟର ରିପୋର୍ଟରେ କୁହାଯାଇଛି ଯେ, ଗାଜା ଅଞ୍ଚଳରେ ଯୁଦ୍ଧ ଯୋଗୁ ୪,୩୬,୦୦୦ ରୁ ଅଧିକ କୋଠା ସମ୍ପୂର୍ଣ୍ଣ ଭାଙ୍ଗି ପଡିଛି। ୨,୭୬,୦୦୦ରୁ ଅଧିକ କୋଠା ନଷ୍ଟ ହୋଇଯାଇଛି। ଏହି ଯୁଦ୍ଧ ଯୋଗୁ ଗାଜାର ୯୦% ଲୋକ ବିସ୍ଥାପିତ ହୋଇଛନ୍ତି। ଅସ୍ତ୍ରବିରତି ପରେ ରାଫାକୁ ଫେରିଥିବା ମହମ୍ମଦ ଅବୁ ବିଲାଲ ସିଏନଏନ ସହ କଥାବାର୍ତ୍ତା କରି କହିଛନ୍ତି ଯେ, ମୋର ଚାରିଟି ଘର ଥିଲା କିନ୍ତୁ ବର୍ତ୍ତମାନ ସବୁ ସବୁ ଭାଙ୍ଗିରୁଜି ମାଟିରେ ମିଶି ଯାଇଛି। ବର୍ତ୍ତମାନ ମୁଁ କେଉଁଠାରେ ଅଛି, ମୋ ଘର କେଉଁଠାରେ ଅଛି ଏବଂ ମୋ ଜୀବନ କ'ଣ ବିଷୟରେ ମୁଁ କ'ଣ କହିବି ଚିନ୍ତା କରି ପାରୁନାହିଁ। ଅନ୍ୟ ଜଣେ ସ୍ଥାନୀୟ ବାସିନ୍ଦା କହିଛନ୍ତି, ଯୁଦ୍ଧ ବନ୍ଦ ହେବା ମାତ୍ରେ ମୁଁ ମୋ ଘର ସୁରକ୍ଷିତ କି ନାହିଁ ଦେଖିବାକୁ ଆସିଲି। ସେଠାରେ ମୁଁ କେବଳ ଇଟା ଓ ପଥରର ଆବର୍ଜନା ପାଇଲି। ଘର ବିନା ଆମର ଆଗାମୀ ଜୀବନ କିପରି କଟିବ ଆମେ ଚିନ୍ତା କରି ପାରୁନାହୁଁ। ବର୍ତ୍ତମାନ ଆମେ ରାସ୍ତାରେ ବାସ କରୁଛୁ। ସାମରିକ ତମ୍ବୁରେ ରହିବା ଆମ ପାଇଁ ଜରୁରୀ ହୋଇ ପଡ଼ିଛି।

ଗାଜାରେ ସେମାନଙ୍କର ଘର ଦେଖିବା ପରେ ଲୋକଙ୍କ ମଧ୍ୟରେ ସବୁଠାରୁ ବଡ ଚିନ୍ତା ହେଉଛି ଏହି ବିନାଶ ମଧ୍ୟରେ ସେମାନେ କିପରି ବଞ୍ଚିବେ। ଉତ୍ତର ଗାଜାର ବିଟ୍ ଲାହିଆର ନାଦିଆ ଆବୁ ଖାଲୁବ କୁହନ୍ତି, ବୋମା ବିସ୍ଫୋରଣ ଦ୍ୱାରା ସମଗ୍ର ଅଞ୍ଚଳ ନଷ୍ଟ ହୋଇଯାଇଛି। ମୋ ପାଖରେ ମୋର ଘରର ଚାବି ଅଛି। ଯାହା ଯୁଦ୍ଧ ଆରମ୍ଭ ହେବା ପରେ ମୁଁ ସମାରିକ ଆଶ୍ରୟସ୍ଥଳକୁ ପଳାଇଥିଲି। ବର୍ତ୍ତମାନ ମୁଁ ଫେରି ଆସିଛି, ମୋ ଘରେ ଆଉ କିଛି ବାକି ନାହିଁ, ବର୍ତ୍ତମାନ କେବଳ ମୋ ପାଖରେ ମୋ ଘର ଚାବି ରହିଛି। ରାଫା ନିବାସୀ ଆବୁ ତାହା ଏପିଙ୍କୁ କହିଛନ୍ତି ଯେ, ହଲିଉଡର ଏକ ଭୟଙ୍କର ଚଳଚ୍ଚିତ୍ରରେ ବିନାଶ ଦେଖିବା ପରି ଏହା ଲାଗୁଛି। ଆମେ ନିଜେ ଫିଲ୍ମରେ ଏହି ପ୍ରକାରର ବିନାଶ ଦେଖିଥିଲୁ, ଯାହାକୁ ଆମେ ଆଜି ଆମ ସହରରେ ଦେଖୁଛୁ। ଘରଗୁଡିକ ଭୂମିରେ ଭାଙ୍ଗି ଯାଇଛି, ମାନବ ଖପୁରୀ, କଙ୍କାଳ ଏବଂ ହାଡଗୁଡିକ ଆବର୍ଜନା ତଳେ ପୋତି ହୋଇ ରହିଛି। ଏହି ସବୁ ଭୟାନକ ଦୃଶ୍ୟ ଦେଖି ଆମେ ଭୟରେ ଶିହିରି ଉଠୁଛୁ। ଗାଜା ସହରର ୪୦ ବର୍ଷିୟ ଅହମ୍ମଦ ଅବୁ ଆୟାମ କହିଛନ୍ତି ଯେ, ଅସ୍ତ୍ରବିରତି ଖବର ନିଶ୍ଚିତ ଭଲ କିନ୍ତୁ କ୍ଷୟକ୍ଷତି ଏତେ ଅଧିକ ଯେ, ଆମ ପାଖରେ ଉତ୍ସବ ପାଳନ କରିବା ଭଳି ଆଉ କିଛି ନାହିଁ। ଆମେ ବହୁତ ଗଭୀର ଯନ୍ତ୍ରଣା ଭୋଗୁଛୁ। ଆମ ଛାତି ଭିତରେ କୋହ ରହିଛି। କେବଳ ପରସ୍ପରକୁ ଆଲିଙ୍ଗନ କରି କାନ୍ଦି ଏହାକୁ ଲାଘବ କରାଯାଇପାରିବ। ଆମକୁ ଏକାଠି ଆଗକୁ ବଢ଼ିବାକୁ ହେବ।

# ଜାତୀୟ ସ୍ପୋର୍ଟ୍ସ କ୍ଲାଇମ୍ବିଂ: ସାହିଲଙ୍କୁ ଐତିହାସିକ ରୌପ୍ୟ




ଭୁବନେଶ୍ୱର, ୨୦।୧: ଜାତୀୟ ସ୍ପୋର୍ଟ୍ସ କ୍ଲାଇମ୍ବିଂରେ ଇତିହାସ ରଚିଛନ୍ତି ଓଡ଼ିଆ ପୁଅ ସାହିଲ କୁମାର ଦାସ। ବେଙ୍ଗାଲୁରୁଠାରେ ରବିବାର ଶେଷ ହୋଇଥିବା ୨୮ତମ ଜାତୀୟ ସ୍ପୋର୍ଟ୍ସ କ୍ଲାଇମ୍ବିଂ ପ୍ରତିଯୋଗିତାରେ ସାହିଲ ଉପକନିଷ୍ଠ ବର୍ଗର ସ୍ପିଡ୍ କ୍ଲାଇମ୍ବିଂରେ ରୌପ୍ୟ ପଦକ ଜିତି ଓଡ଼ିଶା କ୍ରୀଡ଼ାରେ ବିରଳ ସଫଳତା ଅର୍ଜନ କରିଛନ୍ତି। ଓଡ଼ିଶା ପାଇଁ ଏହା ପ୍ରଥମ ଜାତୀୟ ପଦକ। ଟିଏସ୍ଏଏଫ୍ ସ୍ପୋର୍ଟ୍ସ କ୍ଲାଇମ୍ବିଂ ଏଚ୍‌ପିସିର ଅନ୍ତେବାସୀ ସାହିଲ ପ୍ରଶିକ୍ଷକ ଚିନ୍ମୟ ମହାରଣାଙ୍କଦ୍ୱାରା ପ୍ରଶିକ୍ଷଣ ପାଇ ଆଗକୁ ବଢ଼ିଛନ୍ତି। ଜୋନାଲ୍ ଓ ଜାତୀୟ ପଦାର୍ପଣରେ ଏବେ ଓଡ଼ିଆ ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ ଏହି ଖେଳ ପ୍ରତି ଆକର୍ଷଣକୁ ବଢ଼ାଇଛି। ଗତ ସପ୍ତାହରେ ସର୍ବଭାରତୀୟ ପ୍ରତିଯୋଗିତାରେ ଶୁଭ୍ରାଂଶୁ ଶେଖର ମାହୁନ୍ତ ୨ଟି କାଂସ୍ୟ ପଦକ ଜିତିଥିଲେ। ସାହିଲଙ୍କ ଜାତୀୟ ସଫଳତା ତାଙ୍କୁ ଏବେ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଆଣି ଦେଇଛି ବୋଲି ଚିନ୍ମୟ ସୂଚନା ଦେଇଛନ୍ତି।

# ଅମିତଙ୍କୁ ରୌପ୍ୟ, ଜିତେନ୍ଦ୍ରଙ୍କୁ କାଂସ୍ୟ



**ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ**

ଭୁବନେଶ୍ୱର, ୨୦।୧: କର୍ଣ୍ଣାଟକର ବେଲଗାଭିଠାରେ ଅନୁଷ୍ଠିତ ୧୬ତମ ଜାତୀୟ ବରିଷ୍ଠ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଓଡ଼ିଶାକୁ ୨ ପଦକ ମିଳିଛି। ୭୫ କିଲୋଗ୍ରାମ ବର୍ଗରେ ଅମିତ୍ କୁମାର ଭୂୟାଁ ରୌପ୍ୟ ଏବଂ ୮୦ କିଲୋଗ୍ରାମ ବର୍ଗରେ ଜିତେନ୍ଦ୍ର କୁମାର ପଲେଇ କାଂସ୍ୟ ପଦକ ହାସଲ କରିଛନ୍ତି। ୯୦ କିଲୋଗ୍ରାମ ଓଜନ୍ ବର୍ଗରେ ଅମିୟ ରଂଜନ ସେଠୀ ଚତୁର୍ଥ ଓ ୭୫ କିଲୋଗ୍ରାମ ଓଜନ୍ ବର୍ଗରେ ଜଗନ୍ନାଥ ଖୁଣ୍ଟିଆ ପଞ୍ଚମ ସ୍ଥାନରେ ରହିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶା ରାଜ୍ୟ ବଡିବିଲ୍ଡିଂ ସଂଘର ସଭାନେତ୍ରୀ ସୁମିତ୍ରା ତ୍ରିପାଠୀ ଓ ଅନ୍ତର୍ଜାତୀୟ ବିଚାରକ ଉମାଚରଣ ଶତପଥୀଙ୍କ ତତ୍ତ୍ୱାବଧାନରେ ଓଡ଼ିଶାରୁ ଏକ ୧୧ ଜଣିଆ ଦଳ ଅଂଶଗ୍ରହଣ କରିଥିଲେ। ସଫଳତା ଲାଗି ଓବିବିଏର ମୁଖ୍ୟ ଉପଦେଷ୍ଟା ମାନସ ରଂଜନ ମହାପାତ୍ର, ଉପଦେଷ୍ଟା ହରି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ କୁମାର ଗୁରୁ ଅଭିନନ୍ଦନ ଜଣାଇଛନ୍ତି।

# ହିମାନିଙ୍କୁ ଜୀବନସାଥୀ କଲେ ନୀରଜ

ନୂଆଦିଲ୍ଲୀ, ୨୦।୧: ଭାରତର ସୁନା ପୁଅ ନୀରଜ ଚୋପ୍ରା ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ରବିବାର ସେ ହିମାନିଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ନୀରଜ ସୋସିଆଲ ମିଡିଆରେ ଏହି ସୂଚନା ଦେଇଛନ୍ତି। ଏକ୍ସରେ ବିବାହ ବେଳର ଫଟୋ ସେୟାର କଲେ ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରା। ନୀରଜ ସେୟାର କରିଥିବା ଫଟୋରେ ପତ୍ନୀ, ମାଆ ଏବଂ ପରିବାର ଲୋକ ଉପସ୍ଥିତ ନଜର ଆସୁଛନ୍ତି। ପରିବାର



ଏବଂ ସମ୍ପର୍କୀୟଙ୍କ ସୀମିତ ଉପସ୍ଥିତିରେ ସେ ବିବାହ କରିଛନ୍ତି। ଫଟୋ ସେୟାର କରି ଲେଖିଛନ୍ତି, 'ଜୀବନର ନୂଆ ଅଧ୍ୟାୟ ଆରମ୍ଭ ନିଜ ପରିବାର ସହ। ସେହି ସବୁ ଆଶୀର୍ବାଦ ପାଇଁ କୃତଜ୍ଞତା ଜଣାଉଛି, ଯାହା ଆମକୁ ଏକ କରିଛି। ନୀରଜଙ୍କ ଯାହାଙ୍କୁ ଜୀବନ ସାଥୀ କରିଛନ୍ତି ତାଙ୍କ ନାଁ ହିମାନୀ ମୋର୍ ବୋଲି ଜଣାପଡ଼ିଛି। ହିମାନୀଙ୍କ ଘର ହରିୟାଣାର ସୋନିପତରେ ହୋଇଥିବା ବେଳେ ସେ ବର୍ତ୍ତମାନ ଆମେରିକାରେ ପାଠ ପଢୁଛନ୍ତି। ହିମାନୀ ଜଣେ ଟେନିସ ପ୍ଲେୟାର। ଭାରତର ଷ୍ଟାର ଜାଭେଲିନ ଖେଳାଳି ନୀରଜ ଚୋପ୍ରା ଟୋକିଓ ଅଲିମ୍ପିକରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ୨୦୨୪ ମସିହାରେ ପ୍ୟାରିସ ଅଲିମ୍ପିକରେ ୮୯.୫ ମିଟର ଦୂର ଜାଭେଲିନ୍ ଫିଙ୍ଗି ରୌପ୍ୟ ପଦକ ଜିତିଥିଲେ।

ସୂଚନାଯୋଗ୍ୟ, ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ନୀରଜ ଚୋପ୍ରା ସ୍ୱର୍ଣ୍ଣ ପଦକ ଜିତିବାରେ ଅସଫଳ ହୋଇଥିଲେ। ଫାଇନାଲରେ ପାକିସ୍ତାନର ଅର୍ଶଦ ନଦିମ ୯୨.୯୭ ମିଟର ଜାଭେଲିନ ଥ୍ରୋ କରି ସ୍ୱର୍ଣ୍ଣ ପଦକ ହାତେଇଥିଲେ। ନୀରଜ ପ୍ୟାରିସ ଅଲିମ୍ପିକ୍ସରେ ୮୯.୪୫ ମିଟର ଥ୍ରୋ କରି ରୌପ୍ୟ ଜିତିଥିଲେ। ନୀରଜ ତାଙ୍କ ପ୍ରଥମ ପ୍ରୟାସରେ ଫାଉଲ ମାରି ନିରାଶରୁ ଅଭିଯାନ ଆରମ୍ଭ କରିଥିଲେ। ଦ୍ୱିତୀୟ ପ୍ରୟାସରେ କିନ୍ତୁ ୮୯.୪୫ ମିଟରକୁ ଜାଭଲିନ୍ ଫିଙ୍ଗି ଦ୍ୱିତୀୟ ସ୍ଥାନକୁ ଲମ୍ଫ ମାରିଥିଲେ। ସେହିପରି ୯୨.୯୭ ମିଟର ଜାଭେଲିନ ଥ୍ରୋ କରି ସ୍ୱର୍ଣ୍ଣ ଜିତିଛନ୍ତି ପାକିସ୍ତାନର ନଦିମ। ପାକିସ୍ତାନର ଅର୍ଶଦ ନଦୀମ ଅଲିମ୍ପିକ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତି ନେଇଥିଲେ। ସେ ୯୨.୯୭ ମିଟର ଫିଙ୍ଗିଥିଲେ। ନୀରଜ ଚୋପ୍ରା କ୍ରମାଗତ ଦୋହା ଡାଇମଣ୍ଡ ଲିଗ୍, ପ୍ୟାରିସ ଅଲିମ୍ପିକ୍ସ ଏବଂ ଏବେ ବ୍ରୁସେଲ୍ସ ଡାଇମଣ୍ଡ ଲିଗରେ ଫାଇନାଲରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

# କ୍ୱାର୍ଟରରେ ଜୋକୋଭିକ୍-ଅଲ୍‌କାରାଜ ଲଢ଼େଇ

## କ୍ୱାର୍ଟରରେ ବୋପାନ୍ନା-ସୁଆଇ



ମେଲ୍‌ବର୍ଣ୍ଣ, ୨୦।୧: ସର୍ବିୟା ତାରକା ନୋଭାକ ଜୋକୋଭିକ୍ ରବିବାର ରେକର୍ଡ ୨୫ତମ ଗ୍ରାଣ୍ଡ ସ୍ଲାମ୍ ମୁକୁଟ ଦିଗରେ ଗୋଟିଏ ପାଦ ଆଗକୁ ବଢ଼ାଇଛନ୍ତି। ଏଠାରେ ୧୦ ଥର ଟ୍ରଫି କରାୟତ୍ତ କରିଥିବା ସପ୍ତମ ମାନ୍ୟତାପ୍ରାପ୍ତ ଜୋକୋଭିକ୍ ପ୍ରିକ୍ୱାର୍ଟରଫାଇନାଲ୍‌ରେ ୨୪ ମାନ୍ୟତାପ୍ରାପ୍ତ ଚେକ୍‌ଗଣରାଜ୍ୟର ଜିରି ଲେହେକାଙ୍କୁ ୬-୩, ୬-୪, ୭-୬ ସେଟ୍‌ରେ ମାତ୍ ଦେଇଥିଲେ। ମଙ୍ଗଳବାର କ୍ୱାର୍ଟରଫାଇନାଲ୍‌ରେ ୩୭ ବର୍ଷୀୟ ଜୋକୋଭିକ୍ ତୃତୀୟ ମାନ୍ୟତାପ୍ରାପ୍ତ କାର୍ଲୋସ ଅଲ୍‌କାରାଜଙ୍କୁ ଭେଟିବେ। ୪ ଗ୍ରାଣ୍ଡ ସ୍ଲାମ୍ ବିଜେତା ୨୧ ବର୍ଷୀୟ ଅଲ୍‌କାରାଜ ୭-୫, ୬-୧ ସେଟ୍‌ରେ ଆଗୁଆ ଥିଲା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବ୍ରିଟେନ୍‌ର ଜାକ୍ ଡ୍ରାପର ଆହତ ଯୋଗୁଁ ଓହରି ଯାଇଥିଲେ। ଫଳରେ ଅଲ୍‌କାରାଜ ସହଜରେ ଲଗାତାର ଦ୍ୱିତୀୟ ଥର କ୍ୱାର୍ଟରଫାଇନାଲ୍ ସ୍ଥାନ ନିଶ୍ଚିତ କରିଛନ୍ତି। ହେଲେ ସେ ଏଠାରେ ଏହି ରାଉଣ୍ଡ ବାଧା ଅତିକ୍ରମ କରିନାହାନ୍ତି। ତେଣୁ ଅଲ୍‌କାରାଜ ମେଲ୍‌ବର୍ଣ୍ଣରେ ପ୍ରଥମ ଏବଂ କ୍ୟାରିୟର୍ ସ୍ଲାମ୍ (୪ଟି ଯାକ ଗ୍ରାଣ୍ଡ ସ୍ଲାମ୍ ଜିତିବା) ଲକ୍ଷ୍ୟରେ ରହିଛନ୍ତି। ଜୋକୋଭିକ୍ ଓ ଅଲ୍‌କାରାଜ ପୂର୍ବରୁ ୭ ଥର ମୁହାଁମୁହିଁ ହୋଇଛନ୍ତି। ଏଥିରେ ସର୍ବିୟା ତାରକା ଗତ ପ୍ୟାରିସ୍ ଅଲିମ୍ପିକ୍ସ ଫାଇନାଲ୍ ବିଜୟ ସହ ୪-୩ରେ ଆଗରେ ରହିଛନ୍ତି। ଗ୍ରାଣ୍ଡ ସ୍ଲାମ୍‌ରେ ଉଭୟ ୩ ଥର ଭେଟାଭେଟି ହୋଇଥିଲା ବେଳେ ୨ ଥର ୱିମ୍ବଲଡନ୍ (୨୦୨୩, ୨୦୨୪) ଫାଇନାଲ୍‌ରେ ସ୍ପେନ୍ ଯୁବକ ଜୋକୋଭିକ୍‌ଙ୍କୁ ମାତ୍ ଦେଇ ଟ୍ରଫି ଜିତିଛନ୍ତି। ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଆଲେକ୍‌ଜାଣ୍ଡର ଭେରେଭ ମଧ୍ୟ କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଛନ୍ତି। ଏହି ଜର୍ମାନୀ ତାରକା ୬-୧, ୨-୬, ୬-୩, ୬-୨ ସେଟ୍‌ରେ ୧୪ ମାନ୍ୟତାପ୍ରାପ୍ତ ଫ୍ରାନ୍ସର ଉଗୋ ହମ୍‌ବର୍ଟଙ୍କୁ ହରାଇଛନ୍ତି। କ୍ୱାର୍ଟରଫାଇନାଲ୍‌ରେ ସେ ଆମେରିକାର ଟମି ପଲ୍‌ଙ୍କୁ ଭେଟିବେ। ପଲ୍ ୬-୧, ୬-୧, ୬-୧ ସେଟ୍‌ରେ ସ୍ପେନ୍‌ର ଆଲେଜାଣ୍ଡ୍ରୋ ଡାଭିଡୋଭିଚ୍ ଫୋକିନାଙ୍କୁ ପରାସ୍ତ କରିଛନ୍ତି। ସେପଟେ ନେଟ୍ କ୍ୟାମେରା ଭାଙ୍ଗି ରୁଷିଆର ଡାନିଲ ମେଦଭେଦେଭ ଦଣ୍ଡିତ ହୋଇଥିଲେ।

ମହିଳା ଏକକ କ୍ୱାର୍ଟରଫାଇନାଲ୍‌ରେ ବିଶ୍ୱର ଏକ ନମ୍ବର ଆରିନା ସାବାଲେଙ୍କା, ୩ ନମ୍ବର କୋକୋ ଗଫ୍ ପ୍ରବେଶ କରିଛନ୍ତି। ଗତ ଦୁଇ ସଂସ୍କରଣ ବିଜୟିନୀ ବେଲାରୁଷ ଲଳନା ସାବାଲେଙ୍କା ୬-୧, ୬-୨ ସେଟ୍‌ରେ ୧୭ ବର୍ଷୀୟା ରୁଷୀୟ ଯୁବତୀ ମୀରା ଆନ୍ଦ୍ରିଭାଙ୍କୁ ଏବଂ ୨୦୨୩ ୟୁଏସ୍ ଓପନ୍ ବିଜୟିନୀ ୨୦ ବର୍ଷୀୟା ଆମେରିକୀୟ ଗଫ୍ ୫-୭, ୬-୨, ୬-୧ ସେଟ୍‌ରେ ସ୍ୱିଜରଲାଣ୍ଡର ବେଲିନ୍ଦା ବେନ୍‌ସିକ୍‌ଙ୍କୁ ପରାସ୍ତ କରିଛନ୍ତି। ମଙ୍ଗଳବାର କ୍ୱାର୍ଟରଫାଇନାଲ୍‌ରେ ଆନାସ୍ତାସିଆ ପାଭ୍‌ଲ୍ୟୁଚେଙ୍କୋଭାଙ୍କୁ ସାବାଲେଙ୍କା ଏବଂ ପୌଲା ବଦୋସାଙ୍କୁ ଗଫ୍ ଭେଟିବେ। ରୁଷିଆର ପାଭ୍‌ଲ୍ୟୁଚେଙ୍କୋଭା ୭-୬, ୬-୦ ସେଟ୍ କ୍ରୋଏସିଆର ଡୋନା ଭେକିକ୍ ଏବଂ ସ୍ପେନ୍‌ର ବୋଦାସା ୬-୧, ୭-୬ ସେଟ୍ ସର୍ବିୟାର ଓଲଗା ଡାନିଲୋଭିକ୍‌ଙ୍କୁ ହରାଇଛନ୍ତି।

ଭେଟେରାନ ଭାରତୀୟ ଟେନିସ୍ ତାରକା ରୋହନ ବୋପାନ୍ନା ଓ ତାଙ୍କ ଚୀନ୍ ସାଥୀ ଝାଙ୍ଗ ସୁଆଇ ମିଶ୍ରିତ ଯୁଗଳ କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ରବିବାର ପ୍ରିକ୍ୱାର୍ଟରଫାଇନାଲ୍ ପୂର୍ବରୁ ଏହି ଭାରତ-ଚୀନ୍ ଯୋଡ଼ିଙ୍କ ପ୍ରତିଦ୍ୱନ୍ଦ୍ୱୀ ଚତୁର୍ଥ ମାନ୍ୟତାପ୍ରାପ୍ତ ଆମେରିକାର ଟେଲର ଟାଉନ୍‌ସେଣ୍ଡ ଓ ମୋନାକୋର ହୁଗୋ ନିସ୍ ଓହରିଯାଇଥିଲେ। ଫଳରେ କୋର୍ଟକୁ ନ ଓହ୍ଲାଇ ବୋପାନ୍ନା-ସୁଆଇ କ୍ୱାର୍ଟରଫାଇନାଲ୍ ସ୍ଥାନ ନିଶ୍ଚିତ କରିଥିଲେ। ଏହି ଯୋଡ଼ି କ୍ୱାର୍ଟରଫାଇନାଲ୍‌ରେ ହଙ୍ଗେରି-ଏଇ ସାଲ୍‌ଭାଡର୍‌ର ଟିମେଇ ବାବୋସ ଓ ମାର୍ସିଲୋ ଆରେଭାଲୋଙ୍କୁ ଭେଟିବେ।

## ବିସିସିଆଇର ନୂଆ ନିୟମାବଳୀ ଅନୁପାଳନ ଆରମ୍ଭ

# କୋଲକାତା ଷ୍ଟାଡିୟମରେ ଏକାଠି ପହଞ୍ଚିଲେ ସମସ୍ତ ଖେଳାଳି



ନୂଆଦିଲ୍ଲୀ, ୨୦।୧: ଟିମ୍ ଇଣ୍ଡିଆ ୨୨ ଜାନୁଆରୀରୁ କୋଲକତାର ଇଡେନ ଗାର୍ଡେନ୍ସରେ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଟି୨୦ ସିରିଜ ଖେଳାଯିବ। ଏଥିପାଇଁ ଟିମ୍ ଖେଳାଳି ଅଭ୍ୟାସ ପାଇଁ କୋଲକତାରେ ପହଞ୍ଚିଛି। ତେବେ ବିସିସିଆଇର ନୂଆ ଗାଇଡଲାଇନ୍ସ ମୁତାବକ, ସମସ୍ତ ଖେଳାଳି ଏକାଠି ହୋଇ କୋଲକତା ଗ୍ରାଉଣ୍ଡରେ ପହଞ୍ଚିଛନ୍ତି। ଅଭ୍ୟାସ ମ୍ୟାଚ ପାଇଁ କୌଣସି ଖେଳାଳି କିମ୍ବା ସହଯୋଗୀଙ୍କ ପାଇଁ ଅଲଗା କିଛି ଗାଡିର ବ୍ୟବସ୍ଥା କରାଯାଇନାହିଁ। ଟିମର ସମସ୍ତ ଖେଳାଳି ଏବଂ ସହଯୋଗୀ ହୋଟେଲରୁ ଗୋଟିଏ ବସରେ ଷ୍ଟାଡିୟମରେ ପହଞ୍ଚିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷରେ ଘରୋଇ ଏବଂ ଅଷ୍ଟ୍ରେଲିଆ ଟୁର ଟେଷ୍ଟ ସିରିଜ ହାରିବା ପରେ ବିସିସିଆଇ ଟିମ୍ ଇଣ୍ଡିଆ ପାଇଁ ୧୦ଟି ଗାଇଡଲାଇନ୍ସ ଜାରି କରିଛି। ଏହି ନିର୍ଦ୍ଦେଶ ଅନୁସାରେ, ସମସ୍ତ ଖେଳାଳି ନିର୍ଦ୍ଧାରିତ ସ୍ଥଳକୁ ଅଭ୍ୟାସ ପାଇଁ ଏକାଠି ଆସିବାକୁ ହେବ। ଏହି ନିୟମ ଦ୍ୱାରା ଟିମ ଖେଳାଳିଙ୍କ ମଧ୍ୟରେ ଏକ ଟିମ୍ ସ୍ପିରିଟ କାର୍ଯ୍ୟ କରିବ।

ନୂଆ ଗାଇଡଲାଇନ୍ସକୁ ପଶ୍ଚିମବଙ୍ଗ କ୍ରିକେଟ ସଂଘ ସହିତ ଅନ୍ୟ ସମସ୍ତ ରାଜ୍ୟର କ୍ରିକେଟ ବୋର୍ଡକୁ ନିର୍ଦ୍ଦେଶ ଦିଆଯାଇଛି। ସିଏଇର ଅଧ୍ୟକ୍ଷ ସ୍ନେହାଶିଷ ଗାଙ୍ଗୁଲି ନୂଆ ଗାଉଡଲାଇନ୍ସକୁ ପାଳନ କରିବା ପାଇଁ ସଂଘ ପ୍ରତିବଦ୍ଧତା ବୋଲି କହିଛନ୍ତି। ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ ଟିମ୍ ରେ ସୂର୍ଯ୍ୟକୁମାର ଯାଦବଙ୍କୁ ଅଧିନାୟକ ଦାୟିତ୍ୱ ମିଳିଥିବା ବେଳେ ଅକ୍ଷର ପଟେଲଙ୍କୁ ଉପ-ଅଧିନାୟକ ଦାୟିତ୍ୱ ମିଳିଛି। ସେହିପରି ଟିମକୁ ଫେରିଛନ୍ତି ମହମ୍ମଦ ଶାମି।

**ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ ଟିମ୍**

ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ସଞ୍ଜୁ ସାମସନ, ଅଭିଷେକ ଶର୍ମା, ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂ, ନୀତିଶ କୁମାର ରେଡ୍ଡୀ, ଅକ୍ଷର ପଟେଲ (ଉପ-ଅଧିନାୟକ), ହର୍ଷିତ ରାଣା, ଅର୍ଶଦୀପ ସିଂ, ମହମ୍ମଦ ଶାମି, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ୱାଶିଂଟନ ସୁନ୍ଦର, ଧ୍ରୁବ ଜୁରେଲ

**ଓସଜାର ବାର୍ଷିକ ପୁରସ୍କାର ଉତ୍ସବ**

# ଜବାରଙ୍କୁ ଲାଇଫ୍ ଟାଇମ ଓ ପ୍ରତ୍ୟାଶା ଶ୍ରେଷ୍ଠ କ୍ରୀଡ଼ାବିତ




ଭୁବନେଶ୍ୱର, ୨୦।୧(ସଂଚାର ବ୍ୟୁରୋ): କଳିଙ୍ଗ ଷ୍ଟାଡିୟମ ଟେନିସ କେନ୍ଦ୍ର ସମ୍ମିଳନୀ କକ୍ଷରେ ଆୟୋଜିତ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସଜା)ର ବାର୍ଷିକ ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅର୍ଜୁନ ପୁରସ୍କାର ବିଜେତା ପୂର୍ବତନ ଆଥଲେଟ୍ ସିନିମୋଲେ ପାଓଲୋସ ନିଜର ଅନୁଭୂତି କହିଛନ୍ତି। ସେ କହିଛନ୍ତି, 'ବିଗତ ଏକ ଦଶନ୍ଧି ମଧ୍ୟରେ ଓଡ଼ିଶା କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ବହୁ ଆଗକୁ ଯାଇଛି। ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣା ଉପରେ ସରକାର ବିଶେଷ ଦୃଷ୍ଟି ଦେଉଛନ୍ତି। ଓଡ଼ିଶା ସହ ମୋର ସଂପର୍କ ବହୁ ପୁରୁଣା। କଟକରେ ଆୟୋଜିତ ଜୁନିୟର ଜାତୀୟ ଆଥଲେଟିକ୍ସ ଚାମ୍ପିଅନସିପ୍ରୁ ମୋର କ୍ୟାରିୟର ଆଗକୁ ବଢ଼ିଥିଲା।' ୨୦୨୪ ବର୍ଷ ପାଇଁ ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ତଥା ସଫଳ ଫୁଟବଲ କୋଚ ମହମ୍ମଦ ସହିଦ ଜବାରଙ୍କୁ ଜୀବନବ୍ୟାପୀ ସେବା (ଲାଇଫ୍ ଟାଇମ) ଏବଂ ଓଡ଼ିଶା ସନ୍ତରଣର ସଫଳତମ ଖେଳାଳି ପ୍ରତ୍ୟାଶା ରାୟଙ୍କୁ ବର୍ଷର ଶ୍ରେଷ୍ଠ ଖେଳାଳି ଭାବରେ ନଗଦ ୨୫ ହଜାର ଲେଖାଏଁ ଟଙ୍କା, ପ୍ରଶସ୍ତିପତ୍ର, ଉତ୍ତରୀୟ ଏବଂ ବିଶେଷ ଟ୍ରଫି ପ୍ରଦାନ କରାଯାଇଥିଲା। ଦୀପଙ୍କର ମହାପାତ୍ର (ସିଇଓ, ଏଚପିସିଓ), ଚେସ୍ ଗ୍ରାଣ୍ଡମାଷ୍ଟର ସ୍ୱୟଂସ ମିଶ୍ର ଏବଂ ଭେଟେରାନ ହକି କୋଚ୍ ଅମୂଲ୍ୟ ନନ୍ଦ ବିହାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। 'ରାଜ୍ୟରେ କ୍ରୀଡ଼ା ଏବଂ କ୍ରୀଡ଼ା ଭିତ୍ତିଭୂମିର ବିକାଶ ନେଇ ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି। ଆଗାମୀ ଜାତୀୟ କ୍ରୀଡ଼ାରେ ଆମ ରାଜ୍ୟ ଦଳ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିବ ବୋଲି ମୋର ଆଶା ରହିଥିବା ଏଚପିସିଓ ସିଇଓ ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ। ଓସଜା ସଭାପତି ସନ୍ଦୀପ ମିଶ୍ର କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦକ ସୁରେଶ କୁମାର ସ୍ୱାଇଁ ସଂଘର ଯାତ୍ରା ଓ ଆଗାମୀ ଲକ୍ଷ୍ୟ ସଂପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକାରୀ ସଭାପତି ସମ୍ବିତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଫେମିନା...

ଇଣ୍ଟରନେଟ୍ ମାଧ୍ୟମରେ ଲୋକଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରୟାସ ଜାରି ରଖିଛନ୍ତି ଜୟନ୍ତି । ଜଙ୍ଗଲ ରାଣୀ ସଂଗଠନ ମାଧ୍ୟମରେ ମୋବାଇଲରେ ଭିଡିଓ ପ୍ରସ୍ତୁତ ଲାଗି ତାଲିମ, ଦୁର୍ଗମ ଅଞ୍ଚଳରେ ଡ୍ରପ୍ ଆଉଟ ପିଲାଙ୍କୁ ପୁନର୍ବାର ଶିକ୍ଷା ସହ ଯୋଡିବା ପାଇଁ ନିରନ୍ତର ପ୍ରାୟାସ ଜାରି ରଖିଛନ୍ତି। ଆଦିବାସୀଙ୍କୁ ସାମାଜିକ ଅଧିକାର ପ୍ରଦାନ କରିବା ଏବଂ ଜଙ୍ଗଲ ଜମି ଅଧିକାର ପ୍ରଦାନ କରିବା ଦିଗରେ ମଧ୍ୟ ଜୟନ୍ତୀଙ୍କ ଉଲ୍ଲେଖନୀୟ ଅବଦାନ ରହିଛି ।

### ଖଣିଜ...

ଖୁବଶୀଘ୍ର ଆରମ୍ଭ ହେବାକୁ ଥିବା ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନ (ସିଏମଏମ) ମାଧ୍ୟମରେ ଘରୋଇ ଗୁରୁତ୍ୱପୂର୍ଣ୍ଣ ଖଣିଜ ଉତ୍ପାଦନ ଉପରେ ସରକାର ଗୁରୁତ୍ୱ ଦେଉଥିବା କହିଛନ୍ତି। ଗତ ୪ ବର୍ଷ ମଧ୍ୟରେ ୭୫ ପ୍ରତିଶତ ଖଣି ନିଲାମ ହୋଇଥିବା ବେଳେ ଗତ ଦଶ ବର୍ଷ ମଧ୍ୟରେ ଓଡ଼ିଶା ଦେଶର ଖଣି ରାଜସ୍ୱରେ ପ୍ରାୟ ୧.୩୩ ଲକ୍ଷ କୋଟି ଟଙ୍କାର ଯୋଗଦାନ କରିଛି ବୋଲି ସଚିବ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ରାଜ୍ୟର ଖଣି ମନ୍ତ୍ରୀମାନେ ନିଜ ନିଜ ରାଜ୍ୟର ଖଣି କ୍ଷେତ୍ର ଉପରେ ସେମାନଙ୍କର ପରିକଳ୍ପନା ସମ୍ପର୍କରେ ଆଲୋଚନା କରିବା ସହ ମନ୍ତ୍ରଣାଳୟର ଅଧିକାରୀମାନେ ଅନୁସନ୍ଧାନରେ ଏଆଇ, ସାମୁଦ୍ରିକ ଖଣି କାର୍ଯ୍ୟ ଏବଂ ଖଣିଜ ବ୍ଲକର ପରିଚାଳନା ବିଷୟରେ ଉପସ୍ଥାପନା ଦେଇଥିଲେ।

### ସଞ୍ଜୟଙ୍କୁ ...

ଲୋକଲୋଚନକୁ ନ ଆଣିବା କିମ୍ବା ଲୁକ୍କାୟିତ ରଖିବା ମାମଲାରେ ସିବିଆଇ ଆଗକୁ ଯାଞ୍ଚ ଜାରି ରଖିବ। ତେବେ ପୂର୍ବରୁ ଅନ୍ୟପକ୍ଷରେ ଦୋଷୀ ସାବ୍ୟସ୍ତ ହେବା ପରେ କୋର୍ଟରେ ଉପସ୍ଥିତ ସଞ୍ଜୟ ରୟ ନିଜକୁ ନିର୍ଦ୍ଦୋଷ ବୋଲି ଦାବି କରିଥିଲା। ସେ କହିଥିଲା, ମୁଁ ମୋ ବେକରେ ସବୁବେଳେ ରୁଦ୍ରାକ୍ଷର ଏକ ମାଳ ପିନ୍ଧେ। ଯଦି ମୁଁ ଅପରାଧ କରିଥିଲି, ତା'ହେଲେ ଘଟଣାସ୍ଥଳରେ ମୋର ସେହି ରୁଦ୍ରାକ୍ଷ ମାଳ ଛିଣ୍ଡି ପଡ଼ିଥିବା କଥା। ମୁଁ ଏହି ଅପରାଧ କରି ନାହିଁ। ମୋତେ ଫସାଇ ଦିଆଯାଇଛି। ଯେଉଁମାନେ ମୋତେ ଫସାଇ ଦେଇଛନ୍ତି, ସେମାନଙ୍କୁ ଜାମିନ୍ ମିଳିଛି। ସେମାନଙ୍କୁ କାହିଁକି ଛଡ଼ାଗଲା ବୋଲି ସେ ପ୍ରଶ୍ନ କରିଥିଲା। ଏହା ଶୁଣି ବିଚାରପତି କହିଥିଲେ ଯେ, କୋର୍ଟ ସୋମବାର ତୁମ ଯୁକ୍ତି ଶୁଣିବେ।

ଅନ୍ୟପଟେ କୋର୍ଟର ଏହି ନିଷ୍ପତ୍ତିର ବିରୋଧ କରିଛନ୍ତି ପଶ୍ଚିମବଙ୍ଗବାସୀ। ତାଙ୍କ କହିବାନୁସାରେ, ଏହି ମାମଲାରେ ଏକାଧିକ ଲୋକଙ୍କ ସଂପୃକ୍ତି ରହିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ପ୍ରଥମ ୫ ଦିନ କୋଲାକାତା ପୁଲିସ ଏହାର ତଦନ୍ତ କରୁଥିଲେ। ଆଉ ସେହି ୫ ଦିନରେ ପ୍ରମାଣ ନଷ୍ଟ କରାଯାଇଛି। ଆମେ ଚାହୁଁ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ମିଳୁ।

୨୦୨୪ ଅଗଷ୍ଟ ମାସରେ ଘଟିଥିବା ଏହି ଦୁଃଖଦ ଘଟଣା, ସାରା ଦେଶରେ ଚହଳ ପକାଇ ଦେଇଥିଲା। ଅଗଷ୍ଟ ୯ ତାରିଖରେ ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ସେମିନାର ହଲ୍‌ରୁ ମିଳିଥିଲା ଟ୍ରେନି ଡାକ୍ତରଙ୍କ ମୃତଦେହ। ତାଙ୍କୁ ନ୍ୟାୟ ଦେବା ପାଇଁ ସାରା ଦେଶରେ ଉଠିଥିଲା ସ୍ୱର। ବିଶେଷ କରି ସେହି ମେଡିକାଲ କଲେଜ ଓ ହସ୍ପିଟାଲର ଜୁନିୟର ଡାକ୍ତରଙ୍କ ଆନ୍ଦୋଳନ ପଶ୍ଚିମବଙ୍ଗ ସରକାରଙ୍କୁ ଦୋହଲାଇ ଦେଇଥିଲା। ସେଠାକାର ସରକାର ମାମଲାର ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର କରିଥିଲେ। ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ଅଧକ୍ଷ ସନ୍ଦୀପ ଘୋଷଙ୍କୁ ସିବିଆଇ ଗିରଫ କରିଥିଲା। ତାଙ୍କ ସହିତ ସ୍ଥାନୀୟ ଥାନା ଅଧିକାରୀଙ୍କୁ ସିବିଆଇ ଗିରଫ କରିଥିଲା। ସେମାନେ ପ୍ରମାଣ ନଷ୍ଟ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ତେବେ ସେମାନେ ଜାମିନ ପାଇଥିଲେ। କିନ୍ତୁ, ମେଡିକାଲ କଲେଜରେ ହୋଇଥିବା ଆର୍ଥିକ ଅନିୟମିତତା ନେଇ ଅନ୍ୟ ଏକ ମାମଲାରେ ସନ୍ଦୀପ ଘୋଷ ଜେଲରେ ଅଛନ୍ତି।

### ଗ୍ରୋଥ ଇଞ୍ଜିନକୁ...

ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ତରଫରୁ ରାସ୍ତା ଓ ସେତୁ ନିର୍ମାଣରେ ଅଗ୍ରଗତି ସହ ଓଡ଼ିଶାରେ ଜାତୀୟ ରାଜପଥର ଉନ୍ନତିକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। କୃଷି ବିଭାଗ ତରଫରୁ ଶୀତଳ ଭଣ୍ଡାର ଖୋଲାଯିବା ନେଇ ଆଲୋଚନା ହୋଇଥିଲା।

### ରିଲ୍ ନାୟକ...

ଚରଣ ମାଝୀ ଲୋକଙ୍କ ସହିତ ମିଶିବା, ସେମାନଙ୍କ କଥା ଶୁଣିବା ଏବଂ ନିଜେ ଆସି ଅଭିଯୋଗ ପ୍ରକୋଷ୍ଠରେ ବସି ଲୋକଙ୍କ ସମସ୍ୟାର ସମାଧାନ କରିବା ବିରୋଧୀଦଳକୁ ଏକପ୍ରକାର ମୁହଁତୋଡ଼ ଜବାବ ସଦୃଶ ହୋଇଛି। କାରଣ ରାଜ୍ୟରେ ୨୫ ବର୍ଷ ଧରି ଶାସନ କ୍ଷମତା ଥିବା ବିଜେଡି ସରକାରର ମାମଲତକାରମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାଧାରଣ ଲୋକଙ୍କଠାରୁ ଦୂରରେ ରଖିବା ସହ ତାଙ୍କର ଏଆଇ ଭିଡିଓ ଜାରି କରି ବିକାଶ ପୁରୁଷର ଯେଉଁ ଆଖ୍ୟା ଦେଉଥିଲେ ଓ ସେମାନଙ୍କ ବ୍ୟତୀତ ଅନ୍ୟ କେହି ଓଡ଼ିଶାର ବିକାଶ କରିପାରିବେ ନାହିଁ ଯେଉଁ ପ୍ରଚାର ଚଳାଇଥିଲେ, ତାହା କେବଳ ଠକାମୀ ଛଡ଼ା ଆଉ କିଛି ନୁହେଁ ବୋଲି ରାଜ୍ୟବାସୀ ବୁଝିଗଲେଣି। ମୋହନ ସରକାର କ୍ଷମତାକୁ ଆସିବା ପରେ ରାଜ୍ୟରେ ପ୍ରଥମ ଥର ପାଇଁ ପୁଲିସ୍ ମହାନିର୍ଦ୍ଦେଶ ସମ୍ମିଳନୀ ଓ ପ୍ରବାସୀ ଭାରତୀୟ ସମ୍ମିଳନୀ ଆୟୋଜନ କରି ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ଡବଲ ଇଞ୍ଜିନ ସରକାରଙ୍କ ଡବଲ ପାୱାର ଯୋଗୁଁ ଏବେ ବିଭିନ୍ନ ରାଷ୍ଟ୍ରମୁଖ୍ୟମାନେ ନିଜ ଆଡୁ ଆସି ଓଡ଼ିଶା ସରକାରଙ୍କ ସହିତ ଶିଳ୍ପ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ରାଜିନାମା କରୁଥିବାବେଳେ ବିଶ୍ୱର ଅନ୍ୟତମ ପ୍ରମୁଖ ଇସ୍ପାତ ଉତ୍ପାଦନକାରୀ ପୋସ୍କୋ ପୁଣିଥରେ ଓଡ଼ିଶାମୁହାଁ ହୋଇଛି । ମୋଟାମୋଟି ଭାବେ ବିରୋଧୀଙ୍କ ସମାଲୋଚନାକୁ ଖାତିର ନକରି ଲୋକଙ୍କୁ ସାଙ୍ଗରେ ନେଇ ଆଗକୁ ବଢୁଥିବା ମୋହନ ସରକାର ତାଙ୍କ ବର୍ଷପୂର୍ତ୍ତି ବେଳକୁ ଓଡ଼ିଶାକୁ ନୂଆ ରୂପ ଦେବେ ବୋଲି ଲୋକେ ଆଶା ରଖିଲେଣି।ବିଦ୍ୟାଳୟ ଉନ୍ନତିକରଣ, ଜଳସମ୍ପଦ ବିଭାଗ ପ୍ରକଳ୍ପଗୁଡିକର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସୁଭଦ୍ରା ଯୋଜନାରେ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ହିତାଧିକାରୀଙ୍କୁ ଅର୍ଥ ପ୍ରେରଣ ସହିତ ଆଗାମୀ ଦ୍ୱିତୀୟ କିସ୍ତି ପ୍ରଦାନ ସମ୍ପର୍କିତ ଆଲୋଚନା କରାଯାଇଥିଲା। ଆହୁରି ମଧ୍ୟ ପୁଲିସ ସେବା ସୁଦୃଢ଼ୀକରଣକୁ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ସଚିବମାନଙ୍କୁ ନୂଆ ନୂଆ କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଥିଲେ ଯେ ଅନେକ ବିଭାଗ ଭଲ କାମ କରିଛନ୍ତି। ମୋଟାମୋଟି ଭାବେ କାର୍ଯ୍ୟ ଓ ଖର୍ଚ୍ଚ ଠିକ୍ ଚାଲିଛି। ସମସ୍ତଙ୍କୁ ବିଭାଗ ପ୍ରତି ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ଆଗାମୀ ଦୁଇ ମାସ ମଧ୍ୟରେ ବଜେଟ ପୂର୍ବରୁ ବିଭାଗମାନେ ଶତ ପ୍ରତିଶତ ଖର୍ଚ୍ଚ ଲକ୍ଷ୍ୟ ହାସଲ ପ୍ରୟାସ କରିବାକୁ କହିଥିଲେ। ଚିରାଚରିତ ଢାଞ୍ଚାରୁ ବାହାରି ନିଜ ନିଜ ବିଭାଗରେ ଦୀର୍ଘସୂତ୍ରୀ ଏବଂ ନୂଆ ନୂଆ ଯୋଜନା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବିକଶିତ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ-୨୦୨୬ ପାଇଁ ୩ ଲକ୍ଷ ୨୦ ହଜାର ପ୍ରସ୍ତାବ ଆସିଛି । ଆମେ ସେଥିରୁ ଭଲ ଭଲ ପ୍ରସ୍ତାବଗୁଡ଼ିକୁ ଗ୍ରହଣ କରିପାରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉତ୍କର୍ଷ ଓଡ଼ିଶା ଆୟୋଜନ ଓ ଓଡ଼ିଶାରେ ପୁଞ୍ଜିନିବେଶ ପ୍ରତିଶ୍ରୁତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସହ ଉନ୍ନୟନ କମିଶନର, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଅନ୍ୟ ସମସ୍ତ ବିଭାଗର ସଚିବମାନେ ଉପସ୍ଥିତ ଥିଲେ।

### ଟ୍ରମ୍ପ...

କରିଛନ୍ତି ଟ୍ରମ୍ପ। ଏଥିସହ ସମସ୍ତଙ୍କୁ ସମାନ ସୁଯୋଗ ଓ ସମାନ ଅଧିକାର ମିଳିବ ବୋଲି ସେ କହିଛନ୍ତି। ସ୍ୱାଧୀନ ଭାବେ ଆମେରିକାର ସେନା କାର୍ଯ୍ୟ କରିବ ଏବଂ ଅନ୍ୟ କାହାର ଯୁଦ୍ଧରେ ଆମେରିକା ମୁଣ୍ଡ ଖେଳାଇବ ନାହିଁ ବୋଲି ସେ କହିଛନ୍ତି। ସେହିଭଳି ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ତାଙ୍କର ପ୍ରାଥମିକତା ବୋଲି ଦ୍ୱିତୀୟ ଥର ପାଇଁ ଆମେରିକା ରାଷ୍ଟ୍ରପତି ଭାବେ ଶପଥ ନେବା ଅବସରରେ ଟ୍ରମ୍ପ୍ କହିଛନ୍ତି। ଆମେରିକାରେ ବର୍ଣ୍ଣବୈଷମ୍ୟ ରହିବ ନାହିଁ ଏବଂ ସମସ୍ତଙ୍କୁ ସମ୍ମାନ ମିଳିବ ବୋଲି ସେ କହିଛନ୍ତି। ଶପଥ ପୂର୍ବରୁ ସ୍ତ୍ରୀ ମେଲାନିଆଙ୍କ ସହ ବାଇଡେନ୍‌ଙ୍କୁ ସାକ୍ଷାତ କରିଥିଲେ ଟ୍ରମ୍ପ। ଅନେକ ଦଶକ ପରେ ଏହି ଶପଥ ଗ୍ରହଣ ସମାରୋହ ମୁକ୍ତାକାଶରେ ନ ହୋଇ ପାର୍ଲାମେଣ୍ଟ ଭିତରେ ହୋଇଥିଲା । ଆମେରିକାରେ ପ୍ରବଳ ଶୀତଲହରୀ ଜାରି ରହିଥିବାରୁ ସଂସଦ ଭିତରେ ଏହି ଶପଥ ସମାରୋହର ଆୟୋଜନ କରାଯାଇଥିଲା। ସୁରକ୍ଷା ପାଇଁ ଏଥର ଅଭୂତପୂର୍ବ ବ୍ୟବସ୍ଥା ହୋଇଥିଲା। କୁହାଯାଉଛି ଆମେରିକାରେ ଏହା ହେଉଛି ସବୁଠାରୁ ସୁରକ୍ଷିତ ଶପଥ ଗ୍ରହଣ ସମାରୋହ। ଗତବର୍ଷ ଟ୍ରମ୍ପଙ୍କ ଉପରେ ଆକ୍ରମଣ ପରେ ଏଭଳି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତରଫରୁ ପ୍ରତିନିଧିତ୍ୱ କରିଥିଲେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀଙ୍କ ଏକ ପତ୍ର ଡୋନାଲ୍ଡ ଟ୍ରମ୍ପଙ୍କୁ ଦେଇଥିଲେ। ଆମେରିକାରେ ଟ୍ରମ୍ପଙ୍କ ଶପଥ ଗ୍ରହଣକୁ ନେଇ ଏଭଳି କ୍ରେଜ ରହିଥିଲା ଯେ, ଭିଆଇପି ପାସ କେବେଠୁ ସରିଯାଇଛି। ଅନେକ ପ୍ରମୁଖ ଲୋକଙ୍କୁ ଭିଆଇପି ପାସ ମିଳିପାରିନାହିଁ। ବିଶ୍ୱର ଏହି ଶକ୍ତିଶାଳୀ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟଙ୍କ ଶପଥ ଗ୍ରହଣକୁ ନେଇ ଭାରତରେ ବି ଉତ୍ସହ ଦେଖିବାକୁ ମିଳିଛି। ବାଲୁକା କଳା ଓ ଚିତ୍ରକଳା ମାଧ୍ୟମରେ ଟ୍ରମ୍ପଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଅନେକ ପ୍ରଶଂସକ । ଅନ୍ୟପଟେ ଟ୍ରମ୍ପଙ୍କ ଟିମରେ ଅନେକ ଭାରତୀୟ ରହିବା ନେଇ ଜଣାପଡିଛି । ତୁଳସି ଗାବାର୍ଡଙ୍କ ଠାରୁ ଆରମ୍ଭ କରି କ୍ୟାସ ପଟେଲଙ୍କ ପର୍ଯ୍ୟନ୍ତ ସଭିଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦେଇଛନ୍ତି ଡୋନାଲ୍ଡ ଟ୍ରମ୍ପ । ଆମେରିକାରେ ଟ୍ରମ୍ପ ଶାସନ ଆରମ୍ଭ ହେବା ପରେ ଭାରତ ଉପରେ ଭଲ ପ୍ରଭାବ ରହିବ ବୋଲି ଆକଳନ କରାଯାଉଛି। କାରଣ ମୋଦିଙ୍କ ସହ ଟ୍ରମ୍ପଙ୍କ ଘନିଷ୍ଠ ସମ୍ପର୍କ ରହିଛି। ଭାରତ-ଆମେରିକା ସମ୍ପର୍କ ଅଧିକ ମଜଭୁତ ହେବ ହେବା ସହ ନୂଆଦିଲ୍ଲୀ ପାଇଁ ଟ୍ରମ୍ପ ଜଣେ ଉତ୍ତମ ବନ୍ଧୁ ସାଜିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏଥିସହିତ ବାଣିଜ୍ୟ, ବେପାର ପ୍ରସଙ୍ଗରେ ଉପକୃତ ହୋଇପାରେ ଭାରତ। ଅର୍ଥବ୍ୟବସ୍ଥା ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପଡ଼ିପାରେ। ପ୍ରତିରକ୍ଷା କ୍ଷେତ୍ରରେ ସମ୍ପର୍କ ଅଧିକ ମଜଭୁତ ହେବା ସହ ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟତା ପାଇଁ ଭାରତର ଦାବି ଅଧିକ ମଜଭୁତ ହେବ ବୋଲି କୁହାଯାଉଛି। ଏହି ଶପଥ ପାଠ ଉତ୍ସବରେ ପୂର୍ବତନ ରାଷ୍ଟ୍ରପତି ଜର୍ଜ ଡବ୍‌ଲ୍ୟୁ ବୁଶ୍ ଓ ବିଲ୍ କ୍ଲିଣ୍ଟନ୍ ନିଜ ନିଜ ପତ୍ନୀଙ୍କ ସହ ଉପସ୍ଥିତ ଥିବା ବେଳେ ବାରାକ୍ ଓବାମା ଏକାକୀ ଭାଗ ନେଇଥିଲେ।

### ଖଣି...

ଜୋର୍‌ଜବରଦସ୍ତି ଗାଡ଼ି ନେଇ କିଛି ଦୂରରେ ଗାଡ଼ିରେ ଥିବା ବାଲିକୁ ଖଲାସ କରିଚାଲିଥିଲା। ଖଣି ଅଧିକାରୀ ତାକୁ ବାରଣ କରିବାରୁ ଡ୍ରାଇଭର ଜଣଙ୍କ ତାଙ୍କୁ ନାଲିଆଖି ଦେଖାଇବା ସହ ଗାଡ଼ି ଚଢ଼ାଇ ଜୀବନରୁ ମାରିଦେବାର ଧମକ ଦେଇଥିଲା। ପାଖରେ ପୁଲିସ୍ ବଳ ନଥିବାରୁ ଖଣି ଅଧିକାରୀ ସେଠାରୁ କୌଣସି ମତେ ଜୀବନ ନେଇ ପଳାଇ ଆସି ଥାନାରେ ଏଫ୍‌ଆଇଆର ଦେଇଛନ୍ତି। ଲଘୁ ଖଣିଜ ଦ୍ରବ୍ୟ ଚୋରି କରିବା ସହିତ ଖଣି ଅଧିକାରୀଙ୍କୁ ମାରିବାର ଧମକ ଦେଇଥିବା ଗାଡିର ନମ୍ବର ଓଡ଼ି ୨୨ ଜେ ୪୧୬୩ ଏବଂ ଗାଡିରେ ଲେଖାଥିବା ଫୋନ୍ ନମ୍ବର ୯୮୫୩୭୩୨୬୦୧ ହୋଇଥିବାବେଳେ ପୁଲିସ୍ ଏହା ଉପରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର । ଉଲ୍ଲେଖନୀୟ ଯେ ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ମାଫିଆମାନେ ବାଲି ଚୋରି କରୁଥିବାବେଳେ ନିକଟରେ ନିଜେ ପରିବହନ ମନ୍ତ୍ରୀ ଏକାଧିକ ବାଲି ଚୋରି ଗାଡିକୁ ରାତି ଅଧରେ ଜବତ କରି ପୁଲିସ୍ ଜିମା ଦେଇଥିଲେ ।

### ଜଙ୍ଗଲୀ...

ପରିବାର ଲୋକେ ତୁରନ୍ତ ଅସୁସ୍ଥ ଶିଶୁଙ୍କୁ ଆମ୍ବୁଲାନ୍ସ ଯୋଗେ ରାୟଗଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସମସ୍ତ ଶିଶୁ ୫ରୁ ୧୨ ବର୍ଷ ମଧ୍ୟରେ ରହିଥିବା ବେଳେ ସମସ୍ତେ ଏକ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ବୋଲି ଜଣାପଡ଼ିଛି। ତେବେ ପ୍ରାଥମିକ ଚିକିତ୍ସା ପରେ ପିଲାମାନେ ସୁସ୍ଥ ଥିବା ଜଣାପଡ଼ିଛି।

# ବୋରିଗୁମ୍ମାରେ ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

**ବୋରିଗୁମ୍ମା,୨୦।୧(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ତହସିଲରେ ନୂତନ ତହସିଲଦାର ଭାବେ ଶୋଭନ କୁମାର ବେହେରା ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ସୋମବାର ସକାଳୁ ପହଞ୍ଚିବା ପରେ ବୋରିଗୁମ୍ମା ବ୍ଲକ ସମ୍ମିଳନୀ କକ୍ଷରେ କୋରାପୁଟ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଯୋଗଦେଇଥିଲେ। ଏହାପରେ ତହସିଲର କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟରେ ଯୋଗଦେଇଛନ୍ତି।



### ସ୍ୱାଗତ ଜଣାଇଲେ ଜର୍ଣ୍ଣାଲିଷ୍ଟ ଆସୋସିଏସନର ସଦସ୍ୟ

କାର୍ଯ୍ୟାଳୟରେ ପହଞ୍ଚିବା ପରେ ବୋରିଗୁମ୍ମା ଜର୍ଣ୍ଣାଲିଷ୍ଟ ଆସୋସିଏସନର ସଭାପତି ପ୍ରକାଶ କୁମାର ସିଂହ, ସମ୍ପାଦକ ସୁଶାନ୍ତ ପଣ୍ଡା, ଯୁଗ୍ମ ସମ୍ପାଦକ ସିମାଞ୍ଚଳ ମହାରଣାଙ୍କ ସମେତ ସଂଘର ସଦସ୍ୟ ମାନେ ନୂତନ ତହସିଲଦାରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଲୋକଙ୍କ ନିକଟରେ ପହଞ୍ଚାଇବା ପ୍ରାଥମିକତା ରହିବ ବୋଲି ନୂତନ ତହସିଲଦାର ଶ୍ରୀ ବେହେରା କହିବା ସହ ବୋରିଗୁମ୍ମା ବ୍ଲକର କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ବ୍ଲକ ପ୍ରଶାସନର ବିକାଶମୂଳକ କାର୍ଯ୍ୟରେ ସହଯୋଗ କରିବାକୁ ନିବେଦନ କରିଛନ୍ତି। ସେ ଏଥିପୂର୍ବରୁ ଦେଓଘର ପୌରପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଭାବେ ସେ ଦାୟିତ୍ୱ ତୁଲାଇଥିଲେ ।

## ମରଣଯନ୍ତା ପାଲଟିଛି ବିଜୁ ଏକ୍ସପ୍ରେସ ମୁଖ୍ୟ ରାସ୍ତା

# ପାଇପ ଲାଇନ ଫାଟି ରାସ୍ତାରେ ବିରାଟ ଗାତ

**ସିନାପାଲି,୨୦।୧(ସଂଚାର ବ୍ୟୁରୋ):** ସିନାପାଲି ବ୍ଲକ ଦେଇ ଅତିକ୍ରମ କରିଥିବା ବିଜୁ ଏକ୍ସପ୍ରେସ ମୁଖ୍ୟ ରାସ୍ତା ଯୁଗେନ ଛକ ବର୍ତ୍ତମାନ ମରଣଯନ୍ତା ପାଲଟିଛି। ପାଣି ପାଇପଲାଇନ ଫାଟି ରାସ୍ତାରେ ଏକ ବଡ଼ ଧରଣର ଗାତ ସୃଷ୍ଟି ହୋଇଛି। ଏହି ସ୍ଥାନରେ ଆଜିକୁ ପ୍ରାୟ ଛ' ମାସ ହେବ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ପ୍ରକାଶଯୋଗ୍ୟ ଯେ ଯୁଗେନପଦର ଛକ ବର୍ତ୍ତମାନ ସିନାପାଲି ସହରର କେନ୍ଦ୍ରବିନ୍ଦୁ ହୋଇଥିବା ବେଳେ ଏହି ଛକ ନିକଟରେ ସିନାପାଲି ନୂତନ ବସଷ୍ଟାଣ୍ଡ ନିର୍ମାଣ ହେଉଛି। ଏହାଛଡ଼ା ଏଠାରେ ଗୋଷ୍ଠୀ କୃଷି କାର୍ଯ୍ୟାଳୟ, ଦମକଳ ଅଫିସ, ବନ ବିଭାଗ, କେନ୍ଦୁପତ୍ର ବିଭାଗ, ଜଳ ବିଭାଜିକା, କ୍ଷୁଦ୍ର ଜଳସେଚନ ବିଭାଗର କାର୍ଯ୍ୟାଳୟ ଥିବା ସହ ପଞ୍ଚାୟତ ସମିତି ବିଶ୍ରାମ ଗୃହ ରହିଛି। ଛକରେ ସଦାସର୍ବଦା ଶହ ଶହ ଯାନବାହନ ଚଳାଚଳ କରୁଛି।

ଓଡ଼ିଶା ସମେତ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶକୁ ଏହି ଛକ ଦେଇ ସବୁବେଳେ ଭାରୀଯାନ ଯାତାୟତ କରୁଛି। ବିଜୁ ଏକପ୍ରେସ ରାସ୍ତା ନିର୍ମାଣ ପରେ ଏହା ଏକ ଛାରିଛକ ବିଶିଷ୍ଟ ଛକରେ ପରିଣତ ହୋଇଥିବାରୁ ଏହା ପ୍ରାୟତଃ ସବୁବେଳେ ଜନଗହଳିପୂର୍ଣ୍ଣ ରହୁଛି।



**୬ ମାସ ହେଲା ହନ୍ତସନ୍ତ ହେଉଛନ୍ତି ଯାତ୍ରୀ**

**ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନିରବଦ୍ରଷ୍ଟା**

ତେବେ ଏହି ଛକ ମଧ୍ୟ ଦେଇ ମେଘା ପ୍ରୋଜେକ୍ଟ ଜଳ ଯୋଗାଣ ପ୍ରକଳ୍ପର ମୁଖ୍ୟ ପାଇପ ଲାଇନ ଅତିକ୍ରମ କରିଛି। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ଏହି ଛକ ଉପରେ ହିଁ ପାଣି ପାଇପ ଲାଇନ ଫାଟିଯାଇଛି। ଯଦ୍ୱାରା ସଦାସର୍ବଦା ଅନର୍ଗଳ ପାଣି ଉଦବୃତ୍ତ ହୋଇ ରାସ୍ତା ଉପରେ ବହି ଚାଲିଛି। ଏଥିରେ ମୁଖ୍ୟ ରାସ୍ତା ନଷ୍ଟ ହେବା ସହ ଗାତ ସୃଷ୍ଟି ହୋଇଛି। ଯାନବାହନ ଯାତାୟତରେ ଅସୁବିଧା ହେବା ସହ ବାରମ୍ବାର ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ଫଳରେ ବ୍ୟାପକ ଧନଜୀବନ ହାନି ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ସମସ୍ୟା ଆଜିକୁ ପ୍ରାୟ ଛ' ମାସ ହେବ ଲାଗି ରହିଛି। ଏହି ରାସ୍ତା ଦେଇ ନେତା, ମନ୍ତ୍ରୀ, ଅଫିସର ସବୁବେଳେ ଯାତାୟାତ କରୁଛନ୍ତି। ହେଲେ କାହାରି ନଜର ନ ପଡ଼ିବା ଦୁଃଖର ବିଷୟ।

ଏନେଇ ବିଭାଗୀୟ ଅଧିକାରୀ ତଥା ଯନ୍ତ୍ରୀଙ୍କୁ ମଧ୍ୟ ବାରମ୍ବାର ଅବଗତ କରାଯାଇଛି। ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ପ୍ରକାଶ ପାଇଛି। ହେଲେ କାହାରି ନିଦ ଭାଙ୍ଗୁନାହିଁ। ପ୍ରଶାସନ ତଥା ବିଭାଗୀୟ ଅଧିକାରୀ ଜାଣିଶୁଣି ନିରବଦ୍ରଷ୍ଟା ସାଜିଛନ୍ତି। ଏପରି ସ୍ଥିତିରେ ଯଦି ଏହି ସମସ୍ୟାର ସମାଧାନ ତୁରନ୍ତ କରା ନଯାଏ, ତା'ହେଲେ ଏଠାରେ କୌଣସି ବଡ଼ ଧରଣର ଅଘଟଣକୁ ବି ଏଡ଼ାଇ ଦିଆଯାଇ ନପାରେ। ଏନେଇ ପାନୀୟ ଜଳ ବିଭାଗ ଯନ୍ତ୍ରୀ କେଶବ ଚନ୍ଦ୍ର ସାହୁଙ୍କୁ ଯୋଗାଯୋଗ କରିବାରୁ ସେ ଏହାକୁ ବେଶ୍ ହାଲୁକାରେ ନେଇ ଯଥାଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି। ତେବେ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# କିସ୍‌ର ୩ ବିଶ୍ୱ ବିଜୟୀଙ୍କୁ ଅଚ୍ୟୁତ ସାମନ୍ତଙ୍କ ଅଭିନନ୍ଦନ

**ଭୁବନେଶ୍ୱର, ୨୦।୧ (ସଂଚାର ବ୍ୟୁରୋ) :** ପାରମ୍ପରିକ କ୍ରୀଡ଼ା ଖୋଖୋରେ କିସ୍ ବିଶ୍ୱବିଦ୍ୟାଳୟର ୩ ଖେଳାଳି ପାବନି ଶବର, ଶୁଭଶ୍ରୀ ସିଂହ ଓ ମାଗାଇ ମାଝି ଇତିହାସ ରଚିଛନ୍ତି । ନୂଆଦିଲ୍ଲୀ ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ପ୍ରଥମ ଖୋ ଖୋ ବିଶ୍ୱକପରେ ଉଭୟ ପୁରୁଷ ଓ ମହିଳାରେ ଆୟୋଜକ ଭାରତ ବିଜେତା ହୋଇଛି । ଏଥିରେ ପୁରୁଷ ବର୍ଗରେ କିସ୍ ଛାତ୍ର ପାବନି ଶବର ସାମିଲ ହୋଇଥିବା ବେଳେ ମହିଳା ଦଳରେ ଶୁଭଶ୍ରୀ ସିଂହ ଓ ମାଗାଇ ମାଝି ସାମିଲ ହୋଇଥିଲେ । ଏହା ଦ୍ୱାରା ଭାରତ ସହ ଓଡ଼ିଶା କ୍ରୀଡ଼ା ଇତିହାସରେ ସଫଳତାର ନୂଆ ଅଧ୍ୟାୟ ଯୋଡ଼ିହୋଇଛି । କିସ୍ ଛାତ୍ରଛାତ୍ରୀଙ୍କ ଏହି ସଫଳତାର ଖବର ପାଇବା ପରେ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଦିଲ୍ଲୀ ପହଞ୍ଚିଥିଲେ । ତିନି ବିଶ୍ୱ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନେ କେବଳ କିସ୍ ନୁହେଁ, ଓଡ଼ିଶା, ଭାରତ ଏବଂ ସମଗ୍ର ଜନଜାତିଙ୍କ ପାଇଁ ଗର୍ବ ଓ ଗୌରବ ବୋଲି ଶ୍ରୀ ସାମନ୍ତ ପ୍ରକାଶ କରିଛନ୍ତି।



ଭାରତ ବିଜୟୀ ହେବା ପରେ ଭାରତୀୟ ଦଳର ଏହି ଐତିହାସିକ ସଫଳତା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟୁଇଟ୍ ଯୋଗେ ଶୁଭେଚ୍ଛା ଜଣାଇ ଥିବାରୁ ଶ୍ରୀ ସାମନ୍ତ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ସଫଳତା ଲାଗି ଖେଳାଳିମାନେ ଶ୍ରୀ ସାମନ୍ତ ଓ କିସ୍‌କୁ ଏହାର ଶ୍ରେୟ ଦେଇଛନ୍ତି । ବାଲେଶ୍ୱର ନୀଳଗିରି ଅଞ୍ଚଳର ଶୁଭଶ୍ରୀ ଓ ରାୟଗଡ଼ା କାସନଦରର ମାଗାଇ ୨୦୧୩ରୁ ଖୋଖୋ ଖେଳିବା ଆରମ୍ଭ କରିଥିଲେ । ସେହିପରି ଗଜପତି ଜିଲ୍ଲାରୁ ଆସି କିସରେ ପଢୁଥିବା ପାବନି ପାଠ ପଢ଼ା ସହ ଖୋ ଖୋ ରେ ନିଜର ରୁଚି ରଖିଥିଲେ ।



# ତେନ୍ତୁଳଖୁଣ୍ଟିରେ ଜନଶୁଣାଣି ଶିବିର

**ନବରଙ୍ଗପୁର,୨୦।୧ (ସଂଚାର ବ୍ୟୁରୋ):** ଆଜି ତେନ୍ତୁଳିଖୁଣ୍ଟି ବ୍ଲକ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସି ଡି ଓ ,ଜିଲ୍ଲା ପରିଷଦ ଶ୍ରୀ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ୍, ଉପଜିଲ୍ଲାପାଳ,ନବରଙ୍ଗପୁର ଶ୍ରୀ ପ୍ରକାଶ ମିଶ୍ର,ବି ଡି ଓ ମନୋଜ ପାଣିଗ୍ରାହୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଜନ ଶୁଣାଣି ଶିବିରରେ ମୋଟ ୪୪ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୯ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା।୩ ଟି ଅଭିଯୋଗର ତତକ୍ଷଣାତ୍ ସମାଧାନ କରାଯାଇଥିଲା।ଅଭିଯୋଗ ଶୁଣାଣୀ ପରେ ଜିଲ୍ଲାପାଳ କୁଜୁନିଗୁଡ଼ା ଏସ ଏସ ଡି ହାଇସ୍କୁଲ ଗସ୍ତ କରି ଛାତ୍ର ଛାତ୍ରୀ ଙ୍କ ସହ ପାଠ୍ୟ ସମ୍ବନ୍ଧୀୟ ବାର୍ତ୍ତାଳାପ କରି ପାଠ ପଢ଼ାଇ ଥିଲେ ଏବଂ ଲମତାଗୁଡା ଡବ୍ଲୁ ଟି ପି ପରିଦର୍ଶନ କରିଥିଲେ।

## ● ଟଙ୍କା ପାଇଁ ଯୁବକକୁ ଅପହରଣ

# ୪୮ ଘଣ୍ଟା ମଧ୍ୟରେ ଉଦ୍ଧାର



**ବୋରିଗୁମ୍ମା,୨୦।୧ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ସହର ରେ ଟଙ୍କା ପାଇଁ ଜଣେ ଯୁବକକୁ କିଛି ଦୁର୍ବୃତ୍ତ ଅପହରଣ କରିବା ନେଇ ଥାନାରେ ଏତଲା ହୋଇଥିଲା।ତେବେ ପୋଲିସ ଯୁବକକୁ ଅପହରଣର ୪୮ ଘଣ୍ଟା ମଧ୍ୟରେ ଅପହୃତ ହୋଇଥିବା ଯୁବକକୁ ଉଦ୍ଧାର କରିବାରେ ସଫଳ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ ବୋରିଗୁମ୍ମା ସହର ଉପକଣ୍ଠ କେନ୍ଦୁଗୁଡା ଗ୍ରାମର ଡମ୍ବୁ ଭୂମିଆକୁ ଟଙ୍କା ପାଇଁ କିଛି ଦୁର୍ବୃତ୍ତ ଏକ କାର ରେ ଅପହରଣ କରି ନେଇଥିଲେ।ଏନେଇ ଡମ୍ବୁ ଭୂମିଆଙ୍କ ଭାଇ ରାମନାଥ ଭୂମିଆ ଥାନାରେ ଏତଲା ଦେଇଥିଲେ। ଥାନାରେ ଏକ ମାମଲା କେସ ନମ୍ବର-- ୧୨ /୧୮.୦୧.୨୫ ଅପହରଣ ଦଫା ରୁଜୁ କରାଯାଇଛି। ଏସ୍‌ଡିପିଓ ତପସ୍ୱିନୀ କହଁର ନେତୃତ୍ୱରେ ଅପହୃତ ହୋଇଥିବା ଯୁବକକୁ ଉଦ୍ଧାର ପାଇଁ ପୋଲିସ ତତ୍ପର ହୋଇଥିଲେ। ତେବେ ଅପହରଣ ହେବାର ମାତ୍ର ୪୮ ଘଣ୍ଟା ମଧ୍ୟରେ ପୋଲିସ ଅପହୃତ ଡମ୍ବୁ ଭୂମିଆକୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ବୈପାରିଗୁଡା ଥାନା ଅନ୍ତର୍ଗତ ରାମଗିରିରୁ ଡମ୍ବୁ ଉଦ୍ଧାର କରାଯାଇଛି ବୋଲି ଏସ୍‌ଡିପିଓ ତପସ୍ୱିନୀ କହଁର ସୂଚନା ଦେଇଛନ୍ତି। ଏଥି ସହ ଅପହରଣକାରୀମାନେ ବ୍ୟବହାର କରୁଥିବା କାରକୁ ମଧ୍ୟ ପୋଲିସ ଜବତ କରିଛି। ଅପହରଣ ରେ ଛଅ ଜଣ ସମ୍ପୃକ୍ତ ରହିଥିବା ବେଳେ ଏବେବି ସେମାନେ ଫେରାର ରହିଛନ୍ତି ଏବଂ ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଆଇଆଇସି ତଥା ତଦନ୍ତକାରୀ ଅଧିକାରୀ ଯୁଗଳ କିଶୋର ସା ସୂଚନା ଦେଇଛନ୍ତି।

## ● ଜୁଆ ଆଡ୍ଡା ଉପରେ ପୁଲିସର ଚଢ଼ାଉ

# ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜବତ, ୨୦ ଜୁଆଡ଼ି ଗିରଫ



**ନୟାଗଡ଼,୨୦।୧ (ସଂଚାର ବ୍ୟୁରୋ):** ନୟାଗଡ଼ ଓଡ଼ଗାଁ ପୁଲିସକୁ ବଡ଼ ସଫଳତା। ଗୋଟିଏ ଦିନରେ କୋଡିଏ ଜୁଆଡ଼ିଙ୍କୁ ଗିରଫ କରିବାରେ ସଫଳ ହୋଇଛି । ନୟାଗଡ଼ ଓ ଗଞ୍ଜାମ ଜିଲ୍ଲା ସୀମାନ୍ତ ବର୍ତ୍ତୀ ଅଞ୍ଚଳରେ ଦୀର୍ଘଦିନ ଧରି ଚାଲିଥିବା ଏକ ଜୁଆଆଡ୍ଡା ଉଡରେ ପୁଲିସ ଚଢ଼ାଉ କରିଛି । ଏହି ଜୁଆଆଡ୍ଡାରୁ ପୁଲିସ ୨ ଜଣ ନାବାଳକଙ୍କ ସହ ୨୦ ଜଣଙ୍କୁ ଗିରଫ କରିଛି । ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଅନ୍ତର୍ଗତ ରୋହିବାଙ୍କ ସମ୍ବିବ ଅନୁଷ୍ଠାନ ନିକଟରେ ଥିବା କାଜୁ ଜଙ୍ଗଲରେ ଜୁଆଆଡ୍ଡା ଚାଲିଥିଲା । ଖବରପାଇବା ପରେ ନୟାଗଡ଼ ଏସପି ଏସ୍ ସୁଶ୍ରୀଙ୍କ ନିର୍ଦ୍ଦେଶରେ ଜିଲ୍ଲା ପୁଲିସ ଏକ ଟିମ୍ ଗଠନ ଓଡ଼ଗାଁ ଥାନା ପୁଲିସ ସହାୟତାରେ ଜୁଆଆଡ୍ଡା ଉପରେ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ୨୦ ଜଣଙ୍କୁ ଗିରଫ କରାଯାଇଥିବା ଏସପି ଆଜି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ନୟାଗଡ଼ ସଦରଥାନା ଅନ୍ତର୍ଗତ ହିଞ୍ଜଳଗାଡ଼ିଆ ଗ୍ରାମର ଭୀମସେନ ବରାଡ଼, ଓଡ଼ଗାଁ ଥାନା ଅନ୍ତର୍ଗତ ମଶାବାରୀ ଗାଁର ସୁଶାନ୍ତ ସେଠୀ, ଓଡ଼ଗାଁ ନିତ୍ୟାନନ୍ଦସାହିର ଶରତ ଚନ୍ଦ୍ର ସେନାପତି ଓ ପୂର୍ଣ୍ଣଚନ୍ଦ୍ର ପାତ୍ର, ବାଘୁଆଛକର ପ୍ରଶାନ୍ତ କୁମାର ସାହୁ ରହିଛନ୍ତି । ଏହା ସହିତ ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ଦିହୁଡ଼ିବଞ୍ଜରା ଗାଁର ରାସ ବିହାରୀ ଶତପଥି, କବିସୂର୍ଯ୍ୟନଗର ଥାନା ଗୁଡ଼ିଆପଲ୍ଲୀ ଗ୍ରାମର ଶଙ୍କର ଜେନା, ଖଲ୍ଲିକୋଟ ଥାନା କଇରାସି ଗାଁର କରୁଣାକର ମହାପାତ୍ର, ପୋଲସରା ଥାନା ସୋରଡ଼ା ଗାଁର ସାଲୁ ପ୍ରଧାନ, ବେଲଗୁଣ୍ଠା ଥାନା ଠେଙ୍ଗାଧର ଗାଁର ପ୍ରମୋଦ କୁମାର ପ୍ରଧାନ, ବୁଗୁଡ଼ା ବାଲିପିଣ୍ଡି ସାହିର ରାଜେନ୍ଦ୍ର ପ୍ରଧାନ, ପୋଲସରା ଥାନା ଢୁଙ୍କାପଡ଼ା ଗାଁର ଚନ୍ଦ୍ରଶେଖର ଗୌଡ଼, ବୁଗୁଡ଼ା ଥାନା ଜମାପଲ୍ଲୀ ଗାଁର ଜଗନ୍ନାଥ ସେନାପତି, ବୁଗୁଡ଼ା କାଞ୍ଜିଆପଲ୍ଲୀ ଗାଁର ଏ. ରାଜେନ୍ଦ୍ର ରେଡ୍ଡି, ବେଲଗୁଣ୍ଠା ଆଲିଆସାହିର ପିତବାସ ନାୟକ, ବୁଗୁଡ଼ା କରସିଂହ ଗାଁର ଟୁନା ନାୟକକୁ ପୁଲିସ ଗିରଫ କରିଛି । ସେମାନଙ୍କ ସହ ୨ ଜଣ ନାବାଳକଙ୍କୁ ଗିରଫ କରାଯାଇଛି । ଏହି ଜୁଆଅଡ୍ଡାରୁ ପୁଲିସ ୨ ଲକ୍ଷ ୧୧ ହଜାର ୪୦୬ ଟଙ୍କା ଓ ୨୧ଟି ଗାଡ଼ି ଜବତ କରାଯାଇଛି । ଜବତ ଗାଡ଼ି ମଧ୍ୟରେ ୩ଟି ସ୍କୁଟି, ୧୫ଟି ବାଇକ୍, ୨ଟି କାର ଓ ଗୋଟିଏ ଅଟୋ ରହିଛି । ୪୭ ପ୍ୟାକେଟ୍ ତାସ, ୨ଟି ଖାଲି ପ୍ୟାକେଟ୍ ଜବତ କରାଯାଇଛି । ୨୧ଟି ମୋବାଇଲ ଫୋନ୍, ଷ୍ଟାମ୍ପ, ଛୁରୀ, ବିଡ଼ି ଓ ଡିଆସିଲି ସମେତ ମଶା ବ୍ୟାଟ ଜବତ କରାଯାଇଛି ।

## ● ସାଇବର ଠକେଇର ଶିକାର ହେଲେ ଡାକ୍ତର

# କ୍ରେଡିଟ୍ କାର୍ଡରୁ ୨ଲକ୍ଷରୁ ଊର୍ଦ୍ଧ୍ୱ ଗାଏବ

**ବ୍ରହ୍ମପୁର,୨୦।୧ (ସଂଚାର ବ୍ୟୁରୋ):** ଏକ ଅଜଣା ନମ୍ବରରୁ ଆସିଥିବା ଏକେପି ଫାଇଲ ଇନଷ୍ଟାଲ କରିବା ବ୍ରହ୍ମପୁରର ଜଣେ ଡାକ୍ତରଙ୍କ ପାଇଁ ମାହାଙ୍ଗା ପଡ଼ିଛି। ମାତ୍ର କେଇ ଘଣ୍ଟା ଭିତରେ ଡାକ୍ତରଙ୍କ କ୍ରେଡିଟ କାର୍ଡରୁ ୨ ଲକ୍ଷ ୨୨ ହଜାର ଗାଏବ ହୋଇଯାଇଛି। ସୂଚନା ପ୍ରକାରେ, ବ୍ରହ୍ମପୁର ନୀଳାଚଳ ନଗର ୨ୟ ଲାଇନ୍ ସମ୍ପ୍ରସାରଣ ଗଳିରେ ରହୁଥିବା ଏହି ୫୪ ବର୍ଷୀୟ ଡାକ୍ତରଙ୍କ ନିକଟକୁ ୪ ଦିନ ତଳେ ହ୍ୱାଟସଆପରେ ଏକ ମେସେଜ ଆସିଥିଲା । ଏହି ମେସେଜ ପଠାଇ ଥିବା ବ୍ୟକ୍ତି ଜଣଙ୍କ ଡାକ୍ତରଙ୍କ ନାଁରେ ଥିବା ଆରବିଏଲ୍ ବ୍ୟାଙ୍କ୍ କ୍ରେଡିଟ କାର୍ଡ ବିଷୟରେ କହିବା ସହ ଏକ ଏକେପି ଫାଇଲ ପଠାଇଥିଲା । ସେହି ଏକେପି ଫାଇଲ ଉପରେ କ୍ଲିକ୍ କରି ତାକୁ ନିଜ ମୋବାଇଲ ରେ ଇନଷ୍ଟାଲ କରିବା ସଙ୍ଗେ ସଙ୍ଗେ ଡାକ୍ତରଙ୍କ କ୍ରେଡିଟ କାର୍ଡରୁ ଟଙ୍କା କରିବା ଆରମ୍ଭ ହୋଇଯାଇଥିଲା । ମାତ୍ର ୩ ଘଣ୍ଟା ଭିତରେ ଡାକ୍ତରଙ୍କ କାର୍ଡ ରୁ ୨ ଲକ୍ଷ ୨୨ ହଜାର ଟଙ୍କା କଟି ଯାଇଥିଲା । ଏହା ପରେ ଡାକ୍ତର ଜଣକ କ୍ରେଡିଟ କାର୍ଡ କଷ୍ଟମାର କେୟାର ସହ କଥା ହୋଇ କାର୍ଡକୁ ବ୍ଲକ କରିଥିଲେ । ତେବେ ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ସାଇବର ଓ ଅର୍ଥ ନୈତିକ ଅପରାଧ ଥାନାକୁ ଯାଇ ଅଭିଯୋଗ କରିଥିଲେ । ଏ ନେଇ ଥାନାରେ କେଶ ନଂ ୬/୨୫ ରେ ଏକ ମାମଲା ରୁଜୁ ହୋଇଛି ।

# ହାତୀ ଆକ୍ରମଣରେ ପୁଅ ମୃତ, ମା' ଗୁରୁତର



**ଖୋର୍ଦ୍ଧା, ୨୦।୧ (ସଂଚାର ବ୍ୟୁରୋ) :** ହାତୀ ମଣିଷ ଲଢ଼େଇରେ କେତେବେଳେ ମଣିଷକୁ ହାତୀ ଆକ୍ରମଣ କରୁଛି ତ ମଣିଷ ଦ୍ୱାରା ହାତୀର ମଧ୍ୟ ଜୀବନ ଯାଉଥିବାର ଅନେକ ଘଟଣା ଘଟି ଚାଲିଛି। ଦୁଇ ଦିନ ତଳେ ବେଗୁନିଆ ନିକଟ ଏକ ଗ୍ରାମ୍ୟ ଜଙ୍ଗଲରେ ଏକ ମାଈ ହାତୀ ମୃତ୍ୟୁ ହୋଇଥିବା ଲୋକ ଦେଖି ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ। ଆଜି ଖୋର୍ଦ୍ଧା ପଞ୍ଚାୟତ ସମିତି ଅଧିନସ୍ଥ ନନ୍ଦପୁର ଗ୍ରାମପଞ୍ଚାୟତର ମହତପଲା ଠାରେ ଭୋର ସମୟରେ ଶୌଚ ପାଇଁ ଦିବ୍ୟାଙ୍ଗ ପୁଅକୁ ନେଇ ମା' ବାରିପଟକୁ ଯାଇଥିବା ସମୟରେ ହାତୀପଲଙ୍କ ଆକ୍ରମଣରେ ସତ୍ୟ ରଞ୍ଜନ ମାର୍ଥା (୧୭) ଏବଂ ତାଙ୍କ ମା ସୁଲୋଚନା ମାର୍ଥା ଗୁରୁତର ଭାବରେ ଆହତ ହୋଇଥିଲେ। ଗ୍ରାମବାସୀ ମାନେ ଉଭୟଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିବାବେଳେ ଡାକ୍ତର ଦିବ୍ୟାଙ୍ଗ ପୁଅକୁ ମୃତ ଘୋଷଣା କରିଥିଲେ ଏବଂ ମା ସୁଲୋଚନାଙ୍କ ଅଧିକ ଚିକିତ୍ସା ନିମନ୍ତେ ଏମ୍ସ ଭୁବନେଶ୍ୱରକୁ ସ୍ଥାନାନ୍ତର ନିମନ୍ତେ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା ସଦର ଥାନା ପୁଲିସ ମୃତ ଦେହ ଟିକୁ ଜବତ କରି ଶବ ବ୍ୟବଛେଦ ନିମନ୍ତେ ପଠାଇଛି। ଏ ସମ୍ପର୍କରେ ଖବର ପାଇ ଖୋର୍ଦ୍ଧା ବନାଞ୍ଚଳ ଅଧିକାରୀ ଜୟକୃଷ୍ଣ ପଣ୍ଡା, ଖୋର୍ଦ୍ଧା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ, ନନ୍ଦପୁର ସରପଞ୍ଚ ବିପ୍ଳବ କେଶରୀ ବଳିୟାରସିଂହଙ୍କ ସମେତ ଗ୍ରାମବାସୀ ମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ଖୋର୍ଦ୍ଧା ବନାଞ୍ଚଳ ଅଧିକାରୀ ଶ୍ରୀଯୁକ୍ତ ପଣ୍ଡାଙ୍କ କହିବା ଅନୁଯାୟୀ, ଖୋର୍ଦ୍ଧା ବନାଞ୍ଚଳ ମଧ୍ୟରେ ୨୦ ଜଣିଆ ହାତୀପଲ ରହୁଛନ୍ତି। ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବାରୁ ହାତୀପଲ ଗାଁ ମୁହାଁ ହେଉଛନ୍ତି। ସେଥିପାଇଁ ବନ ବିଭାଗର ଦୁଇଟି ଟିମ ହାତୀଙ୍କୁ ଜଗି ରହିଛନ୍ତି। ହାତୀ ପଲର ଗତିବିଧି ଦେଖି ସ୍ଥାନୀୟ ଲୋକଙ୍କୁ ଆଗୁଆ ସୂଚନା ଦିଆଯାଉଛି। ହାତୀଙ୍କ ଆକ୍ରମଣରୁ ମଣିଷକୁ ରକ୍ଷା କରିବା ପାଇଁ ବନ ବିଭାଗ ପକ୍ଷରୁ ସବୁ ପ୍ରକାର ଚେଷ୍ଟା କରାଯାଉଥିବା ନେଇ ପ୍ରକାଶ କରିବା ସହିତ, ମୃତ ଓ ଆହତଙ୍କୁ ବନ ବିଭାଗ ପକ୍ଷରୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବବୋଲି ସେ କହିଥିଲେ।

# ସୋଆ ପ୍ରତିଷ୍ଠାତା ସଭାପତିଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ

**ଭୁବନେଶ୍ୱର, ୨୦।୧ (ସଂଚାର ବ୍ୟୁରୋ) :** ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍ସର୍ଗୀକୃତ ଓ ନିରବଚ୍ଛିନ୍ନ କାର୍ଯ୍ୟ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ ଇଣ୍ଡିଆନ୍ ବିଲ୍ଡିଂ କଂଗ୍ରେସ ଓଡ଼ିଶା ଶାଖା ପକ୍ଷରୁ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଛି। ଇଣ୍ଡିଆନ୍ ବିଲ୍ଡିଂ କଂଗ୍ରେସ୍ ଓଡ଼ିଶା ଶାଖାର ଅଧ୍ୟକ୍ଷ, ଇଂ ବିଜୟ ଚନ୍ଦ୍ର ତ୍ରିପାଠୀ ଓ ଉପାଧ୍ୟକ୍ଷ ପ୍ରଫେସର ପ୍ରଭାତ କୁମାର ପାଢ଼ୀ, ପ୍ରଫେସର ନାୟକଙ୍କୁ ସୋମବାର ସାକ୍ଷାତ କରି ଏହି ସମ୍ମାନ ପଦାନ କରିଛନ୍ତି।

ଏହି ଅବସରରେ ଇଂ ତ୍ରିପାଠୀ ପ୍ରଫେସର ନାୟକଙ୍କୁ ଏକ ସଫଳ ଓ ବଳିଷ୍ଠ ଉଦ୍ୟୋଗୀ ଭାବେ ଉଚ୍ଚ ପ୍ରଶଂସା କରିବା ସହ ଓ ସେ ଭବିଷ୍ୟତରେ ମଧ୍ୟ ଓଡ଼ିଶାବାସୀଙ୍କ ପାଇଁ ଏଭଳି ନିଃସ୍ୱାର୍ଥ ସେବା ଜାରୀ ରଖିବେ ବୋଲି ଆଶା ପ୍ରକାଶ କରିଛନ୍ତି। ପ୍ରଫେସର ନାୟକ ମଧ୍ୟ ଇଣ୍ଡିଆନ୍ ବିଲ୍ଡିଂ କଂଗ୍ରେସ୍ ଓଡ଼ିଶା ଶାଖାକୁ ସୋଆ ପକ୍ଷରୁ ଭବିଷ୍ୟତରେ ସମସ୍ତ ସହଯୋଗ କରାଯିବ ବୋଲି କହିଛନ୍ତି।



ନ୍ୟାସନାଲ୍ ଇନ୍‌ଷ୍ଟିଟ୍ୟୁସନାଲ୍ ର୍ୟାଙ୍କିଙ୍ଗ ଫ୍ରେମୱାର୍କ (ଏନ୍‌ଆଇଆର୍‌ଏଫ୍) ର୍ୟାଙ୍କିଙ୍ଗ ଅନୁଯାୟୀ ଦେଶର ୧୪ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଛି ସୋଆ। ଏହାର ଫ୍ୟାକଲ୍ଟି ଅଫ୍ ଇଞ୍ଜିନିୟରିଂ, ଫ୍ୟାକଲ୍ଟି ଅଫ୍ ମେଡିକାଲ୍ ସାଇନ୍‌ସେସ୍, ଫ୍ୟାକଲ୍ଟି ଅଫ୍ ଲ ଏବଂ ଫ୍ୟାକଲ୍ଟି ଅଫ୍ ଡେଂଟାଲ ସାଇନ୍‌ସେସ୍ ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗରେ ଯଥାକ୍ରମେ ୨୬, ୨୧ ଏବଂ ୯ମ ସ୍ଥାନ ହାସଲ କରିଛି। ସୋଆ ପରିଚାଳିତ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଭୁବନେଶ୍ୱର, ଫୁଲନଖରା, ଶୀତଳାପଲ୍ଲୀ ହସ୍ପିଟାଲ୍ ସମେତ ସମ୍ ଅଲ୍ଟିମେଟ ମେଡିକେୟାର (ସମ୍ମମ୍) ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଆସୁଛି।

## ପଦାକୁ ଆସିଲା ପୂର୍ତ୍ତ ବିଭାଗର ଅପାରଗତା

# ହେଉନି ରାସ୍ତା ମରାମତି, ପ୍ରତିବାଦରେ ରାସ୍ତାରୋକ

**ନୟାଗଡ଼,୨୦।୧ (ସଂଚାର ବ୍ୟୁରୋ):** ପଦାକୁ ଆସିଲା ପୂର୍ତ୍ତ ବିଭାଗର ଅପାରଗତା । ରାସ୍ତା ମରାମତି ନକରିବାରୁ ରାସ୍ତା ରୋକ କରିଛନ୍ତି ସ୍ଥାନୀୟ ବାସିନ୍ଦା । ନୟାଗଡ଼ ସହରରୁ ଓଡ଼ଗାଁକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ



କୋଏନା ଢାବାଠାରୁ ଲେଙ୍କୁଡ଼ିପଡ଼ା ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି । ବର୍ଷେ ହେବ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ବର୍ଷା ଦିନରୁ ଏହି ରାସ୍ତା ସମସ୍ୟା ନେଇ ସ୍ଥାନୀୟ ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଥିବା ବେଳେ ପୂର୍ତ୍ତ ବିଭାଗ ଏଥିପ୍ରତି କର୍ଣ୍ଣପାତ କରୁନାହିଁ । ଯାହାକୁ ନେଇ ଆଜି ଉତ୍ୟକ୍ତ ଲୋକେ ରାଜ୍ୟ ରାଜପଥକୁ ଅବରୋଧ କରିଛନ୍ତି । ଏହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଦୀର୍ଘଦିନ ତଳୁ ଶେଷ ହୋଇଥିଲେ ମଧ୍ୟ କାମ ଆରମ୍ଭ ହେଉନାହିଁ । ଫଳରେ ଆଜି ଲୋକେ ରାସ୍ତା ଅବରୋଧ ପରେ ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ଓ ପୂର୍ତ୍ତ ବିଭାଗ କର୍ମଚାରୀମାନେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଆସନ୍ତାକାଲିଠାରୁ ରାସ୍ତା କାମ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତା ଅବରୋଧ ହଟିଥିବା ସୂଚନା ମିଳିଛି ।

# କଣାସରେ ଝାଡାବାନ୍ତି ଅଣାୟତ: ୪ମୃତ, ଶତାଧିକ ଆକ୍ରାନ୍ତ

**କଣାସ,୨୦।୧ (ସଂଚାର ବ୍ୟୁରୋ):** କଣାସ ବ୍ଲକର ଗଡ଼ିଶାଗୋଦା ଗ୍ରାମପଞ୍ଚାୟତ ନୂଆଗାଁ ଗ୍ରାମରେ ୧୮ଦିନ ତଳେ ଝାଡାବାନ୍ତି ଆରମ୍ଭ ହୋଇ ବର୍ତ୍ତମାନ ସୁଧା ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପାଖ ଗ୍ରାମ ନଇକୂଳପାଟଣା ଗ୍ରାମରେ ଝାଡାବନ୍ତିରେ କେତେକ ବ୍ୟକ୍ତି ଆକ୍ରାନ୍ତ ହୋଇଥିବା ବେଳେ ଗତକାଲି ଆଉ ଜଣେ ମୃତ୍ୟବରଣ କରିଛନ୍ତି। ଜିଲ୍ଲା ପ୍ରଶାସନ ଅଧିକାରୀମାନେ ଓ ଚିକିତ୍ସକ ଦଳ ୬ଦିନ ହେଲା ଝାଡାବାନ୍ତି ଥମିବା ପାଇଁ ବିଭିନ୍ନ ପଦେକ୍ଷପ ନେଉଥିବା ବେଳେ ଝାଡାବାନ୍ତି ଗୋଟିଏ ଗ୍ରାମରୁ ଅନ୍ୟ ଗ୍ରାମକୁ ବ୍ୟାପି ଚାଲିଛି। ନୂଆଗାଁ, ନଇକୂଳପାଟଣା, ଯାଗୁଲେଇପଦର, କଳାପଦର, ଗୋପିନାଥପୁର, ହରିପୁର, ଗଡ଼ିଶାଗୋଦା, ଯାମଳଗୋଦା, ପାଣ୍ଡିଆକେରା ପଞ୍ଚାୟତ ଶିମିଳିପାଟଣା, ବଡାସ ପଞ୍ଚାୟତ ବାଲିପାଟଣା ଗ୍ରାମରେ କେତେକ ବ୍ୟକ୍ତି ଝାଡାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଦୟାନଦୀ ଜଳ ପ୍ରଦୂଷିତ ଯୋଗୁଁ ଝାଡାବାନ୍ତି ବ୍ୟାପୁଥିବା ପୁରୀ ମୁଖ୍ୟ ଚିକିତ୍ସା ଅଧିକାରୀ ରୂପଭାନୁ ମିଶ୍ର, ଉପଜିଲ୍ଲାପାଳ ରାଜକିଶୋର ଦାସ ସୂଚନା ଦେବାସହ ଆଖପାଖ ଗ୍ରାମବାସୀଙ୍କୁ ସଚେତନ କରାଉଛନ୍ତି। ଆଜି ନୂଆଗାଁକୁ ଛାଡିଦେଲେ ଅନ୍ୟ ଗ୍ରାମଗୁଡିକରେ କେତେକ ବ୍ୟକ୍ତି ଆକ୍ରାନ୍ତ ହୋଇ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ଓ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ଦେଖିବାକୁ ମିଳିଛି।

## ଡାକ୍ତରଖାନାରେ ଝାଡାବାନ୍ତି ରୋଗୀଙ୍କୁ ଭେଟିଲେ ପୁରୀ ସାଂସଦ ଓ ସତ୍ୟବାଦୀ ବିଧାୟକ



**କଣାସ:** ପୁରୀ ସାଂସଦ ଡ. ସମ୍ବିଦ ପାତ୍ର, ସତ୍ୟବାଦୀ ଯୁବ ବିଧାୟକ ଓମ୍ ପ୍ରକାଶ ମିଶ୍ର ଆଜି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିବାପରେ ଡାକ୍ତରଖାନା ଭିତରେ ଚିକିତ୍ସିତ ହେଉଥିବା ୭ଜଣ ରୋଗୀଙ୍କ ନିକଟକୁ ଯାଇ ଜଣ ଜଣ କରି ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ରୋଗୀ ଓ ପାଖରେ ଥିବା ସମ୍ପର୍କୀୟ ମାନଙ୍କୁ ପଚାରି ବୁଝିବା ସହିତ ଡାକ୍ତରଙ୍କ ଠାରୁ ବୁଝିବାପରେ ସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହ ମଧ୍ୟରେ ଏକ ବୈଠକରେ ଯୋଗଦେଇ କିପରି ଝାଡାବନ୍ତି ଆୟତ ହେବା ସେ ସମ୍ପର୍କରେ ଆଲୋଚନା କରିଥିଲେ।

ସଂଚାର THE SANCHAR

## ରାଜଭବନ ଛକ ଦୁର୍ଘଟଣା ମାମଲାରେ ଡ୍ରାଇଭର୍ ଗିରଫ



ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ): ଗତ ସପ୍ତାହରେ ସ୍ଥାନୀୟ ରାଜଭବନ ଛକରେ ବେପରୁଆ ଗାଡ଼ି ଚାଳନା ଯୋଗୁଁ ୨ ଭାଇଙ୍କ ଜୀବନ ଯାଇଥିବା ବେଳେ ଏହି ମାମଲାରେ ଆଜି ସମ୍ପୃକ୍ତ ଡ୍ରାଇଭରକୁ ପୁଲିସ୍ ଗିରଫ କରିଛି। ରଙ୍ଗ୍ ରୁଟ୍‌ରେ ଗାଡ଼ି ଚଲାଇ ଉକ୍ତ ଡ୍ରାଇଭର୍ ଜଣଙ୍କ ବାମ ପଟରେ ଆସୁଥିବା ଏକାଧିକ ଗାଡ଼ି ଉପରେ କାର୍ ଚଢ଼ାଇ ଦେଇଥିଲା। ଆଜି ଏହି ମଣିଷମରା କାର ଡ୍ରାଇଭର୍‌କୁ କ୍ୟାପିଟାଲ ଥାନା ପୁଲିସ ଗିରଫ କରିଛି। ତା'ର ନାମ ଲଲାଟେନ୍ଦୁ ବାରିକ (୪୦) ଓ ତା'ର ଘର ଖୋର୍ଦ୍ଧା ଟାଙ୍ଗୀର ମଙ୍ଗଳାଯୋଡିରେ ବୋଲି ଜଣାପଡ଼ିଛି। ସେ ବର୍ତ୍ତମାନ ନନ୍ଦନକାନନ ରଘୁନାଥପୁର ଅଞ୍ଚଳର ରାଜମନୋହର ରେସିଡେନ୍ସି ବ୍ଲକ୍ ନଂ-୧ର ଫ୍ଲାଟ୍ ନଂ ୧୦୩ରେ ରହୁଥିବା ପୁଲିସ୍ ସୂଚନା ଦେଇଛି।

### ରାଜ୍ୟ ବିଜେପି କାର୍ଯ୍ୟାଳୟରେ ନେହରୁଙ୍କୁ ଟାର୍ଗେଟ୍ କଲେ ଅନୁରାଗ ଠାକୁର

# ଆମ୍ବେଦକରଙ୍କୁ ଅସମ୍ମାନ କରିଛି କଂଗ୍ରେସ

ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ): ସମ୍ବିଧାନ ଗୌରବ ଅଭିଯାନରେ ଓଡ଼ିଶା ଆସି କଂଗ୍ରେସକୁ କଡ଼ା ଭାଷାରେ ଟାର୍ଗେଟ କରିଛନ୍ତି ବିଜେପି ସାଂସଦ ଅନୁରାଗ ଠାକୁର। ସ୍ଥାନୀୟ ବିଜେପି ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମରାଓ ଆମ୍ବେଦକରଙ୍କୁ କଂଗ୍ରେସ ଅସମ୍ମାନ କରିଛି। ଏହି ଦଳ ସମ୍ବିଧାନକୁ ଖଣ୍ଡବିଖଣ୍ଡିତ କରିଦେଇଛି। ଦଳିତ ଓ ପଛୁଆବର୍ଗଙ୍କୁ ବିକାଶରେ ମୁଖ୍ୟ ଅନ୍ତରାୟ ସୃଷ୍ଟି କରିଛି। ଗୋଟିଏ ଦିନରେ ୭ ସରକାର ସହ ଦେଶରେ ମୋଟ ୮୮ ଥର ସରକାର ଭାଙ୍ଗି ସମ୍ବିଧାନକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ କ୍ଷତାକ୍ତ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।



ସେ କହିଛନ୍ତି ଯେ ଆମ୍ବେଦକର ସମ୍ବିଧାନ ଗୌରବ। ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହରୁ ଆମ୍ବେଦକରଙ୍କ ବିରୋଧୀ ଥିଲେ। କଂଗ୍ରେସ ଓ କମ୍ୟୁନିଷ୍ଟ ପାର୍ଟି ନିର୍ବାଚନ ବେଳେ ଆମ୍ବେଦକରଙ୍କୁ ନିର୍ବାଚନରେ ହରାଇଥିଲେ। ଖାଲି ସେତିକି ନୁହେଁ ଏସ୍‌ସି, ଏସ୍‌ଟି, ଓବିସି ବିରୋଧୀ ମଧ୍ୟ ଥିଲେ ନେହରୁ। ଆମ୍ବେଦକରଙ୍କୁ ଏନ୍‌ସିଇଆର୍‌ଟି ପାଠ୍ୟକ୍ରମରେ କାର୍ଟୁନ ମାଧ୍ୟମରେ ଅପମାନିତ କଲେ। ଉଚିତ ସମ୍ମାନ ଆମ୍ବେଦକରଙ୍କୁ ଦିଆଯାଇନାହିଁ। ଏପରିକି ମୃତ୍ୟୁ ପରେ ଆମ୍ବେଦକରଙ୍କ ଅନ୍ତିମ ସଂସ୍କାର ମଧ୍ୟ ନେହରୁ କରାଇଦେଲେନି କି କଂଗ୍ରେସ କୌଣସି ସହାୟତା ଦେଇନାହିଁ। ସେତେବେଳେ ଆମ୍ବେଦକରଙ୍କୁ ଭାରତରତ୍ନ ଦିଆଗଲା ନାହିଁ। ସମ୍ବିଧାନ ଦେଶର ଜନତାଙ୍କ ଅଧିକାର ସୁନିଶ୍ଚିତ କରିଛି। ଭାରତ ବାହାରେ ଆମ୍ବେଦକରଙ୍କ ଅବଦାନକୁ ମନେ ପକାଯାଉଛି। କିନ୍ତୁ ଦୀର୍ଘ ବର୍ଷ ଧରି କ୍ଷମତାରେ ରହିବା ପରେ କଂଗ୍ରେସ ତାଙ୍କୁ ସମ୍ମାନ ଦେବା ତ ଦୂରର କଥା, ବରଂ ଅସମ୍ମାନିତ କରିବାକୁ ଚେଷ୍ଟା କରିଛି। ଅଧିକନ୍ତୁ ସମ୍ବିଧାନ ଆତ୍ମାକୁ ମାରିବା କାମ ଇନ୍ଦିରା ଗାନ୍ଧୀ ହିଁ କରିଛନ୍ତି। ରାହୁଲ ଗାନ୍ଧୀଙ୍କ ପରିବାର ହିଁ ସମ୍ବିଧାନର ହତ୍ୟାକାରୀ। ବିନା କାରଣରେ ୮୮ ଥର ସରକାର ଭାଙ୍ଗିଛି ଏହି ଦଳ। ବରଂ ରାଷ୍ଟ୍ରହିତ ପାଇଁ ସମ୍ବିଧାନ ସଂଶୋଧନ ବିଜେପି କରିଛି। ଜନତାଙ୍କ ହିତ ପାଇଁ ବିଜେପି ଏହି ସଂଶୋଧନ କରିଛି। ମଣ୍ଡଳ କମିଶନର ଓ କାକା କାଲେଲକରଙ୍କ ରିପୋର୍ଟ ଲାଗୁ କରାଗଲାନି କାହିଁକି। ଗରିବ ଓ ପଛୁଆବର୍ଗଙ୍କୁ ଆଗକୁ ବଢ଼ିବାକୁ ଦିଆନଯିବାକୁ ଏମିତି ହୋଇଥିଲା। ହେଲେ ବିଜେପି ସରକାର ଆସିବା ପରେ ସେମାନଙ୍କୁ ସେମାନଙ୍କ ଅଧିକାର ଦିଆଯାଇଛି ବୋଲି ଶ୍ରୀ ଠାକୁର କହିଛନ୍ତି।

## ଆହୁରି ୩ ଦିନ ଘନ କୁହୁଡ଼ି

ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ): ରାଜ୍ୟରେ ଜାରି ରହିଛି ଶୀତ । ଉପକୂଳରୁ ଆଭ୍ୟନ୍ତରୀଣ, ସବୁଠି ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଆଗାମୀ ୨ ଦିନ ଯାଏ ସର୍ବନିମ୍ନ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାକୁ ନଥିବାବେଳେ ଏଭଳି ଶୀତ ଜାରି ରହିବ। ବାୟୁମଣ୍ଡଳରେ ଆର୍ଦ୍ରତାର ପରିମାଣ ରହୁଥିବାରୁ ରାତିରେ ଶୀତର ପ୍ରକୋପ ଅଧିକ ରହୁଥିବାବେଳେ ଘନ କୁହୁଡ଼ି ଦୃଶ୍ୟମାନ ହେଉଛି। ଘନ କୁହୁଡ଼ିକୁ ନେଇ ଆଗାମୀ ୩ ଦିନ ଯାଏଁ କିଛି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଆଗାମୀ ୨ ଦିନ ପର୍ଯ୍ୟନ୍ତ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ସର୍ବନିମ୍ନ ତାପମାତ୍ରାରେ କୌଣସି ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଏହାପରେ ୩ ଦିନ ପର୍ଯ୍ୟନ୍ତ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବା ସହ ଶୀତ ସାମାନ୍ୟ କମିବାର ସମ୍ଭାବନା ରହିଛି । ସେପଟେ ରାଜ୍ୟରେ ଘନ କୁହୁଡ଼ି ଲାଗି ରହିଥିବା ବେଳେ ବିଶେଷ କରି ଉପକୂଳ ଓଡ଼ିଶାର ଜିଲ୍ଲାଗୁଡ଼ିକୁ ସତର୍କ ଜାରି କରାଯାଇଛି । ଆଗାମୀ ୨ ଦିନ ପାଇଁ ୪ ଜିଲ୍ଲା କନ୍ଧମାଳ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁରକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୨ ତାରିଖରେ ଘନ କୁହୁଡ଼ି ସମ୍ପୂର୍ଣ୍ଣ ଉପକୂଳ ଓଡ଼ିଶାକୁ କବଳିତ କରିବ। ଘନ କୁହୁଡ଼ି ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏହି ଜିଲ୍ଲାଗୁଡ଼ିକରେ ଦୃଶ୍ୟମାନର ଦୂରତା ୨୦୦ ମିଟର ରହିବ ।

## ଜଗନ୍ନାଥ ହେବେ ଭୁବନେଶ୍ୱର ଜିଲ୍ଲା ସଭାପତି



ଭୁବନେଶ୍ୱର,୨୦।୧ (ସଂଚାର ବ୍ୟୁରୋ): ବିଜେପି ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ସଭାପତି ହେବେ ଜଗନ୍ନାଥ ପ୍ରଧାନ। ଏକମାତ୍ର ପ୍ରାର୍ଥୀ ଭାବେ ସେ ନାମାନଙ୍କପତ୍ର ଦାଖଲ କରିଛନ୍ତି। ତାଙ୍କ ବିରୋଧରେ କେହି ପ୍ରତିଦ୍ୱନ୍ଦ୍ୱୀ ନଥିବାରୁ ସେ ଜିଲ୍ଲା ସଭାପତି ହେବା ଏକ ପ୍ରକାର ନିଶ୍ଚିତ।ରାଜ୍ୟ ବିଜେପିର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଭିତରେ ସବୁ ସାଙ୍ଗଠନିକ ଜିଲ୍ଲାର ନୂଆ ସଭାପତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ବହୁ ଜିଲ୍ଲାରେ ଜଣେ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ବେଳେ କିଛି ଜିଲ୍ଲାରେ ଦ୍ୱନ୍ଦ୍ୱ ରହିଛି। ତେବେ ରାଜ୍ୟ ସଭାପତି ମନମୋହନ ସାମଲ ସବୁ ଜିଲ୍ଲାରେ ଏକକ ନାମାଙ୍କନ ପାଇଁ ଚେଷ୍ଟା କରୁଛନ୍ତି। ଜଗନ୍ନାଥ ପ୍ରଧାନ ଦୀର୍ଘ ବର୍ଷ ଧରି ରାଜ୍ୟ ବିଜେପିର ବିଭିନ୍ନ କାର୍ଯ୍ୟକ୍ରମରେ ଜଡିତ ହୋଇ ରହିଛନ୍ତି। ଗତ ସାଧାରଣ ନିର୍ବାଚନରେ ସେ ମଧ-ଭୁବନେଶ୍ୱର ଆସନରୁ ପ୍ରାର୍ଥୀ ହୋଇ ଖୁବ କମ ବ୍ୟବଧାନରେ ହାରିଯାଇଥିଲେ। ହେଲେ ମଧ-ଭୁବନେଶ୍ୱର ଆସନରେ ବିଜେପିକୁ ଶକ୍ତିଶାଳୀ କରିବା ଏବଂ ବିଜେଡିକୁ ଚେକ ଦେବାରେ ସେ ସଫଳ ହୋଇଛନ୍ତି। ଏପରିକି ରାଜଧାନୀରେ ବିଜେପିର ରାଜନୈତିକ କାର୍ଯ୍ୟକ୍ରମରେ ସେ ନିଜ ସାଙ୍ଗଠନିକ ଦକ୍ଷତା ମଧ୍ୟ ପ୍ରତିପାଦିତ କରିଛନ୍ତି।

● ପାରିବାରିକ କଳହ କାଳ

## ସ୍ତ୍ରୀକୁ ଇଟାରେ ଛେଚି ମାରିଲା ସ୍ୱାମୀ



ଝାରସୁଗୁଡ଼ା, ୨୦।୧ (ସଂଚାର ବ୍ୟୁରୋ) : ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ଗୁଡ଼ମ ଗାଁରେ। ଏଠାରେ ଜଣୈକ ବ୍ୟକ୍ତି ତାଙ୍କ ପତ୍ନୀଙ୍କୁ କ୍ରୋଧାନ୍ୱିତ ହୋଇ ଇଟାରେ ଛେଚି ଅତି ବୀଭତ୍ସବ ଭାବେ ହତ୍ୟା କରିଛି। ଏହି ଘଟଣାରେ ସ୍ଥାନୀୟ ପୁଲିସ୍ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଏଥିସହ ଘଟଣାସ୍ଥଳରୁ ପୁଲିସ୍ ରକ୍ତଲଗା ଇଟା ଜବତ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ରେଙ୍ଗାଲି ଥାନା ଅନ୍ତର୍ଗତ ଗୁଡମ ଗାଁର ନେହେରୁ ପ୍ରଧାନ ଓ ସ୍ତ୍ରୀ ସରସ୍ୱତୀ ପ୍ରଧାନଙ୍କ ମଧ୍ୟରେ କୌଣସି କାରଣରୁ କଳହ ହୋଇଥିଲା। ଏହାକୁ ନେଇ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଯୁକ୍ତିତର୍କ ଅଧିକ ତୀବ୍ର ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ନେହେରୁ ପତ୍ନୀ ସରସ୍ୱତୀଙ୍କୁ ଆକ୍ରମଣ କରିବା ସହ ଏକ ଇଟାରେ ଛେଚି ଛେଚି ହତ୍ୟା କରିଥିଲା। ଫଳରେ ଘଟଣାସ୍ଥଳରେ ସରସ୍ୱତୀଙ୍କର ମୃତ୍ୟୁ ଘଟିଛି। ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ନେହେରୁକୁ ଗିରଫ କରିଛି। ତେବେ ଏପରି ଏକ ହତ୍ୟାକାଣ୍ଡ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ଖେଳାଇଦେଇଛି।

### ବର୍ଷା ଜଳ ନିଷ୍କାସନ ଆଳରେ ହରିଲୁଟ୍ ଯୋଜନା

# 'ପରାମର୍ଶ ସେବା' ପାଇଁ ୪ କୋଟିର ଟେଣ୍ଡର୍

କଟକ,୨୦।୧(ସଂଚାର ବ୍ୟୁରୋ): କଟକ ସହରକୁ ଜଳବନ୍ଦୀମୁକ୍ତ କରିବା ତଥା ସହରରୁ ବର୍ଷାଜଳ ନିଷ୍କାସନ କରିବା ଆଳରେ ପୁଳା ପୁଳା ଟଙ୍କା ହରିଲୁଟ୍ ଯୋଜନା ଆରମ୍ଭ କରିବାକୁ ଯାଉଛି କଟକ ମହାନଗର ନିଗମ (ସିଏମ୍‌ସି)। ଆସନ୍ତା ୩ ବର୍ଷ ପାଇଁ ପୁଣି ଏକ ପ୍ରୋଗାମ୍ ମ୍ୟାନେଜ୍‌ମେଣ୍ଟ୍ କନ୍‌ସଲ୍‌ଟାଣ୍ଟ୍ (ପିଏମ୍‌ସି) ସର୍ଭିସ୍ କାର୍ଯ୍ୟକ୍ଷମ କରାଯିବ। ପାଖାପାଖି ୧୫ ଜଣ ଯନ୍ତ୍ରୀ ଓ ଏକ୍ସପର୍ଟଙ୍କୁ ନେଇ ଗଠନ ହେବାକୁ ଥିବା ଏହି ପିଏମ୍‌ସି ସହରର ବର୍ଷା ଜଳ ନିଷ୍କାସନ କ୍ଷେତ୍ରରେ ଡ୍ରେନ୍ ନିର୍ମାଣ ଦିଗରେ ପରାମର୍ଶ ପ୍ରଦାନ କରିବା ସହ ପୂରା ବ୍ୟବସ୍ଥାର




ତଦାରଖ କରିବ। ଅର୍ଥାତ୍ ପରାମର୍ଶ ସେବା ଯୋଗାଇବ। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଯେ ସିଏମ୍‌ସିରେ ନିଜର ୨୫ରୁ ଅଧିକ ଅଭିଜ୍ଞ ଯନ୍ତ୍ରୀ ରହିଛନ୍ତି। ସେମାନଙ୍କୁ ସହଯୋଗ କରିବା ପାଇଁ ପିଏମ୍‌ୟୁ (ପ୍ରୋଗ୍ରାମ୍ ମ୍ୟାନେଜ୍‌ମେଣ୍ଟ୍ ୟୁନିଟ୍) ସେଲ୍‌ରେ ଅନେକ ଯନ୍ତ୍ରୀ ବି ରହିଛନ୍ତି। ଏମାନଙ୍କୁ ଛାଡ଼ି ପୁଣି ୩ ବର୍ଷ ପାଇଁ ପରାମର୍ଶ ସେବା ଯୋଗାଇବାକୁ ପିଏମ୍‌ସି କାର୍ଯ୍ୟକ୍ଷମ ହେବ। ଏଣୁ ସିଏମ୍‌ସି କର୍ତ୍ତୃପକ୍ଷ ପିଏମ୍‌ସି ଆଳରେ ୪ କୋଟିର ଟେଣ୍ଡର୍ ଡାକିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ସେତିକି ନୁହେଁ, ଏହି ୪ କୋଟି ଟଙ୍କାର ଟେଣ୍ଡର୍ ସମ୍ପର୍କରେ କାଉନ୍‌ସିଲ୍ ଆଦୌ ଅବଗତ ନ ଥିବାରୁ ଟେଣ୍ଡରର ସ୍ୱଚ୍ଛତା ଉପରେ ବି ସନ୍ଦେହ ପ୍ରକାଶ ପାଇଛି। କଟକ ସହରରେ ଡ୍ରେନ୍ ବ୍ୟବସ୍ଥା ସହି ସମସ୍ତ ପ୍ରକାରର ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ସିଏମ୍‌ସିର ସ୍ୱତନ୍ତ୍ର ଯନ୍ତ୍ରୀ ବିଭାଗ ରହିଛି। ଏହି ବିଭାଗରେ ପୂର୍ଣ୍ଣ ଅଭିଜ୍ଞତାସମ୍ପନ୍ନ ଜଣୈକ ନଗର ଯନ୍ତ୍ରୀ, ୩ ଜଣ ନିର୍ବାହୀ ଯନ୍ତ୍ରୀ, ୩ ଜଣ ସହକାରୀ ଯନ୍ତ୍ରୀ, ପାଖାପାଖି ୧୨ ଜଣ କନିଷ୍ଠ ଯନ୍ତ୍ରୀ ଓ ପ୍ରାୟ ୧୫ ଜଣ ୱାର୍କର୍ସ ରହିଛନ୍ତି।

ସେମାନଙ୍କୁ ସହଯୋଗ କରିବା ପାଇଁ ୩ ବର୍ଷ ହେବ ଏକ ପ୍ରୋଗ୍ରାମ୍ ମ୍ୟାନେଜ୍‌ମେଣ୍ଟ୍ ୟୁନିଟ୍ (ପିଏମ୍‌ୟୁ) ସେଲ୍ ରହିଛି। ସେଠାରେ ମଧ ୫ରୁ ଅଧିକ ଅଭିଜ୍ଞ ଯନ୍ତ୍ରୀ ରହିଛନ୍ତି। ସରକାରୀ ଯନ୍ତ୍ରୀମାନଙ୍କ ଦରମା ବାଦ୍ ସିଏମ୍‌ସି ପାଣ୍ଠିରୁ ପିଏମ୍‌ୟୁ ସେଲ୍ ବାବଦକୁ ମାସିକ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଏବେ ପୁଣି ଅଧିକରୁ ଅଧିକ ଯନ୍ତ୍ରୀ ଆବଶ୍ୟକ ହେବା ସହ ସିଏମ୍‌ସି ୪ କୋଟି ଟଙ୍କାର ଟେଣ୍ଡର୍ ଆହ୍ୱାନ କରିଛି। ତେବେ ଏତେ ସଂଖ୍ୟକ ଯନ୍ତ୍ରୀ ଥାଇ ମଧ ସେମାନେ କିଭଳି ଫେଲ୍ ମାରିଲେ, ତାହାକୁ ନେଇ ଚିନ୍ତା। ଏ ସମ୍ପର୍କରେ ପୂର୍ବରୁ କାଉନ୍‌ସିଲ୍‌ରେ ଅନୁମୋଦନ କରାନଯିବା କିମ୍ବା ଆଲୋଚନା ହୋଇନଥିବା ୱାର୍କସ୍ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ ଅଭିଯୋଗ କରିଛନ୍ତି। ଏନେଇ ବିରୋଧୀ ଦଳ କର୍ପୋରେଟର ସନ୍ତୋଷ ଭୋଳ ଏହା କେବଳ ଟଙ୍କା ହରିଲୁଟ୍ କରିବାର ଏକ ନୂଆ ବାଟ ବୋଲି କହିବା ସହ କମିଶନର୍ ଅନାମ ଚରଣ ପାତ୍ର ମଧ ଯୋଜନାକୁ ସମାଲୋଚନା କରିଛନ୍ତି।




### ସୀମାନ୍ତରେ ଆନ୍ତଃରାଜ୍ୟ ଅଭିଯାନ

## ୨ ମହିଳା ନକ୍ସଲଙ୍କ ମୃତ୍ୟୁ, ଅସ୍ତ୍ରଶସ୍ତ୍ର ଜବତ

ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ): ଓଡ଼ିଶାର ନୂଆପଡ଼ା ଜିଲ୍ଲା ଓ ଛତିଶଗଡ଼ର ଗରିଆବନ୍ଧ ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ଓଡ଼ିଶା ଓ ଛତିଶଗଡ଼ ପୁଲିସ ଏବଂ ସିଆରପିଏଫ ଯବାନଙ୍କ ଏକ ସମ୍ମିଳିତ ଆନ୍ତଃରାଜ୍ୟ ଅଭିଯାନ ଆରମ୍ଭ ହୋଇଥିଲା। ଏହି ଅଭିଯାନରେ ୨ ଜଣ ମହିଳା ନକ୍ସଲଙ୍କ ମୃତ୍ୟୁ ଘଟିଥିବା ବେଳେ ଘଟଣାସ୍ଥଳରୁ ବ୍ୟାପକ ମାତ୍ରାରେ ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ମଧ ଜବତ କରାଯାଇଛି। ଏଥିସହ ସମ୍ପୃକ୍ତ ଅଞ୍ଚଳରେ ମଧ ପୁଲିସ ପକ୍ଷରୁ ବ୍ୟାପକ ତଲାସୀ ଅଭିଯାନ ଜାରି ରହିଛି। ଗତ ରାତିରୁ ଓଡ଼ିଶାର ନୂଆପଡ଼ା ଜିଲ୍ଲା ସୀମାଠାରୁ ମାତ୍ର ୫ କିମି ଦୂର ଛତିଶଗଡ଼ର କୁଲାରୀଘାଟ ସଂରକ୍ଷିତ ଜଙ୍ଗଲରେ ବହୁ ସଂଖ୍ୟାରେ ମାଓବାଦୀ ଲୁଚି ରହିଥିବା ନେଇ ଗୁଇନ୍ଦା ସୂତ୍ରରୁ ସୂଚନା ମିଳିଥିଲା। ଉକ୍ତ ସୂଚନାକୁ ଆଧାର କରି ଉଭୟ ରାଜ୍ୟର ସୁରକ୍ଷା ବାହିନୀଙ୍କ ସହ କେନ୍ଦ୍ରୀୟ ସୁରକ୍ଷା ବାହିନୀ ମିଶି ଏହି ସମ୍ମିଳିତ ଅଭିଯାନ ଆରମ୍ଭ କରିଛନ୍ତି। ଆଜି ସକାଳୁ ଉଭୟ ପକ୍ଷରୁ ଗୁଳି ବିନିମୟ ଜାରି ରହିଥିଲା।

## ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ରାଇକିଆ,୨୦।୧(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଅନ୍ତର୍ଗତ ପେଟାପାଙ୍ଗା ପଞ୍ଚାୟତ ବେଲକଟି ଗ୍ରାମର ଚୁଆ ନିକଟରେ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଉକ୍ତ ମୃତଦେହର ବ୍ୟବଚ୍ଛେଦ ପାଇଁ ଜି ଉଦୟଗିରି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ପେଟାପାଙ୍ଗା ପଞ୍ଚାୟତର ଜଣେ ମହିଳା ଆଜି ସକାଳେ ଗାଧୋଇବା ପାଇଁ ଚୁଆକୁ ଯାଇଥିଲେ। ତେବେ ସେଠାରେ ସେ ଜଣେ ଅଜଣା ବୃଦ୍ଧଙ୍କ ମୃତଦେହ ଚୁଆ ନିକଟରେ ପଡ଼ି ରହିଥିବା ଦେଖିବାକୁ ପାଇଥିଲେ। ଏହା ଦେଖି ସେ ପେଟାପାଙ୍ଗା ପୂର୍ବତନ ସରପଞ୍ଚ ପ୍ରଭାକର ପ୍ରଧାନଙ୍କୁ ଜଣାଇଥିଲେ। ପ୍ରଭାକର ଜି ଉଦୟଗିରି ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳକୁ ପୁଲିସ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଉକ୍ତ ବୃଦ୍ଧଙ୍କ ପରିଚୟ ମିଳିପାରିନାହିଁ।

### ଜଙ୍ଗଲରୁ ଯୁବତୀ ଉଦ୍ଧାର ମାମଲା

## ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ବରଗଡ଼,୨୦।୧(ସଂଚାର ବ୍ୟୁରୋ): ଗତ ସପ୍ତାହରେ କୁର୍ଲା ଜଙ୍ଗଲରୁ ଗୁରୁତର ଅବସ୍ଥାରେ ଜଣୈକା ଯୁବତୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଆଜି ଏହି ଘଟଣାରେ ସ୍ଥାନୀୟ ପୁଲିସ୍ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ୩ ଜଣ ମୁଖ୍ୟ ଅଭିଯୁକ୍ତକୁ ଫେରାର ହୋଇଯିବାରେ ଓ ପ୍ରମାଣ ନଷ୍ଟ କରିବାରେ ସହଯୋଗ କରିଥିଲେ ବୋଲି ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ବରଗଡ଼ କୁର୍ଲା ଜଙ୍ଗଲରୁ ଗୁରୁତର ଅବସ୍ଥାରେ ଯୁବତୀ ଉଦ୍ଧାର ଘଟଣାରେ ଆଜି ଗିରଫ ହୋଇଥିବା ୩ ଅଭିଯୁକ୍ତ ହେଲେ ସର୍ଜନ ତନସେନା, ପ୍ରହ୍ଲାଦ ଦାସ ଓ ଜୟକୃଷ୍ଣ ତନସେନା। ସର୍ଜନ ଓ ପ୍ରହ୍ଲାଦ ବିଜେପୁର ବ୍ଲକ ପୁଟକା ଗ୍ରାମର ହୋଇଥିବା ବେଳେ ଜୟକୃଷ୍ଣ ପଦ୍ମପୁର ଉପଖଣ୍ଡ ଜଗଦଳପୁର ଡୁମାଭଟା ଗ୍ରାମର ନିବାସୀ ବୋଲି ଜଣାପଡ଼ିଛି। ତେବେ ମୁଖ୍ୟ ଅଭିଯୁକ୍ତ ଅଦ୍ୟାବଧି ଫେରାର୍ ରହିଛି।

ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କ ସହ ପୀଡ଼ିତାଙ୍କର କ'ଣ ସମ୍ପର୍କ ରହିଛି, ସେନେଇ ପୁଲିସ୍ ଅଦ୍ୟାବଧି କିଛି ବି ଜାଣିବାରେ ସକ୍ଷମ ହୋଇପାରିନାହିଁ। ସେହିପରି ଗତ ୧୨ ତାରିଖ ରାତିରେ ଯୁବତୀଙ୍କ ଘରକୁ ଆସିଥିବା ଫୋନ କଲ ପଛରେ କାହାର ଭୂମିକା ରହିଛି, ସେ ସମ୍ପର୍କରେ

**ଦୁଷ୍କର୍ମ ହୋଇନଥିବା ସ୍ପଷ୍ଟ କଲେ ଡାକ୍ତର**

ମଧ କିଛି ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଫେରାର୍ ଥିବାରୁ ତାକୁ ତୁରନ୍ତ ଗିରଫ କରିବା ସକାଶେ ପୁଲିସ୍ ପକ୍ଷରୁ ଛାନ୍‌ଭିନ୍ ଜାରି ରହିଛି। ସୂଚନାଯୋଗ୍ୟ ଯେ ଗତ ୧୨ ତାରିଖରେ ଧନୁଯାତ୍ରା ଦେଖିବାକୁ ଯାଇ ନିଖୋଜ ହୋଇଥିଲେ ପୀଡ଼ିତା ଯୁବତୀ। ୪୮ ଘଣ୍ଟା ପରେ ତାଙ୍କୁ କୁର୍ଲା ଅଞ୍ଚଳର ଜଙ୍ଗଲରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପୀଡ଼ିତା ଜଣଙ୍କ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଗତ ୧୪ ତାରିଖରେ କୁର୍ଲା ଜଙ୍ଗଲରୁ ତାଙ୍କୁ ଉଦ୍ଧାର କରଥିଲେ। ଏହା ପୂର୍ବରୁ ୧୨ ତାରିଖ ରାତିରେ ଜଣେ ଯୁବକ ପୀଡ଼ିତାଙ୍କ ଫୋନରୁ ତାଙ୍କ ଘରକୁ କଲ କରିଥିଲେ। ଯୁବତୀ ଜଣଙ୍କ ଜଙ୍ଗଲରେ ଗୁରୁତର ଅବସ୍ଥାରେ ପଡ଼ିଥିବା ଉକ୍ତ ଯୁବକ ଜଣଙ୍କ ପରିବାର ଲୋକଙ୍କୁ କହିଥିଲେ। ତେବେ ଯୁବତୀଙ୍କ ଡାକ୍ତରୀ ମାଇନା କରାଯିବା ପରେ ତାଙ୍କ ସହ ଦୁଷ୍କର୍ମ ହୋଇ ନଥିବା ଜଣାପଡ଼ିଥିଲା। ପୁଲିସ୍ ଅଧିକ ତଦନ୍ତ ଜାରି ରଖିଛି।

## ସିକ୍ୟୁରିଟି ସଂସ୍ଥା ମାଲିକଙ୍କ ନାଁରେ ଏତଲା



ମହିଳା ସୁରକ୍ଷାକର୍ମୀଙ୍କୁ ଅସଦାଚରଣ

ଭଦ୍ରକ,୨୦।୧(ସଂଚାର ବ୍ୟୁରୋ): ଏବେ ଅନେକ ଯୁବତୀ ଆତ୍ମନିର୍ଭରଶୀଳ ହେବା ପାଇଁ ଘରୁ ଗୋଡ଼ କାଢୁଥିଲେ ହେଁ ସେମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ବିଭିନ୍ନ ସମୟରେ ନିର୍ଯାତନାର ଶିକାର ହେବାକୁ ପଡୁଛି। ଆଜି ଭଦ୍ରକରେ ଏପରି ଏକ ଘଟଣାର ପର୍ଦ୍ଦାଫାସ ହୋଇଛି। ଜଣେ ମହିଳା ସୁରକ୍ଷାକର୍ମୀଙ୍କ ପ୍ରତି ଉକ୍ତ ସିକ୍ୟୁରିଟ ସଂସ୍ଥାର ମାଲିକ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିବା ସହ ବିଭିନ୍ନ ସମୟରେ ଶାରୀରିକ ସମ୍ପର୍କ ରଖିବା ପାଇଁ ଇଙ୍ଗିତ କରୁଥିଲେ। ଏପରିକି ଉକ୍ତ ମହିଳା ଜଣଙ୍କ ପ୍ରତିବାଦ କରିବାରୁ ତାଙ୍କୁ ସଂସ୍ଥାର ମାଲିକ ଚାକିରିରୁ ଛଟେଇ କରିବା ସହ ବକେୟା ଦରମା ଦେଇନାହାନ୍ତି। ତେଣୁ ତାଙ୍କ ନାମରେ ସମ୍ପୃକ୍ତ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି। ନ୍ୟାୟ ଭିକ୍ଷା କରିଛନ୍ତି ମହିଳା ସିକ୍ୟୁରିଟି ଗାର୍ଡ । ମିଳିଥିବା ସୂଚନାନୁସାରେ, ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସୁରକ୍ଷା ଦାୟିତ୍ୱ ଭବାନୀ ସିକ୍ୟୁରିଟି ସଂସ୍ଥାକୁ ଦିଆଯାଇଥିବା ବେଳେ ମାଲିକ ଅକ୍ଷୟ କୁମାର ଦାସ ଜଣେ ମହିଳାଙ୍କୁ ସେଠାରେ ସୁରକ୍ଷାକର୍ମୀ ଭାବେ ନିଯୁକ୍ତି ଦେଇଥିଲେ। ତେବେ ପରେ ସେ ଉକ୍ତ ମହିଳାଙ୍କୁ ଶାରୀରିକ ନିର୍ଯାତନା ଦେବା ସହ ଅସଦାଚରଣ କରିଥିଲେ। ଏଥିରେ ପ୍ରତିବାଦ କରିବାରୁ ଶ୍ରୀ ଦାସ ଉକ୍ତ ମହିଳାଙ୍କୁ ଚାକିରିରୁ ବାହାର କରିଦେଇଥିଲେ। କିନ୍ତୁ ତାଙ୍କର ୬ ମାସର ଦରମା ଦେବା ନେଇ ଟାଳଟୁଳ ନୀତି ଅବଲମ୍ବନ କରିଆସୁଥିଲେ। ତେଣୁ ଶେଷରେ ମହିଳା ଜଣଙ୍କ ଶ୍ରୀ ଦାସଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ କରିବା ପରେ ଟାଉନ ଥାନାରେ ଏକ ମାମଲା ରୁଜୁ କରି ପୁଲିସ୍ ତଦନ୍ତ ଆରମ୍ଭ କରିଛି। ତେବେ ତାଙ୍କୁ ପୁଲିସ୍ ପକ୍ଷରୁ ନ୍ୟାୟ ନ ମିଳିଲେ ସେ ଆଗାମୀ ଦିନରେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ଅଭିଯୁକ୍ତ ଏପରି ଅଭିଯୋଗକୁ ମିଥ୍ୟା ବୋଲି କହିବା ସହ ଠିକ୍ ଭାବେ କାମ ନ କରିବାରୁ ଅନ୍ୟ ଷ୍ଟାଫ୍‌ମାନଙ୍କ ଅଭିଯୋଗ କ୍ରମେ ତାଙ୍କୁ ଚାକିରିରୁ ବାହାର କରିଛନ୍ତି। ସେ କଦାପି ଉକ୍ତ ମହିଳାଙ୍କୁ କଦାପି ଅସଦାଚରଣ କିମ୍ବା ଅଶୋଭନୀୟ ଆଚରଣ ପ୍ରଦର୍ଶନ କରି ନ ଥିବା ଶ୍ରୀ ଦାସ କହିଛନ୍ତି।

# ବଢ଼ିବ ବେଦାନ୍ତ ଆଲୁମିନିୟମର ପରିଚାଳନାଗତ ଦକ୍ଷତା

ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଜାମଖାନି କୋଇଲା ଖଣିରେ ଏକ ଅତ୍ୟାଧୁନିକ କାର୍ଯ୍ୟକ୍ଷମ ଡାସବୋର୍ଡର ଶୁଭାରମ୍ଭ କରିଛି। ଏହି ଅତ୍ୟାଧୁନିକ ଡିଜିଟାଲ ପ୍ଲାଟଫର୍ମ ରିଅଲ-ଟାଇମ୍ ଡାଟାକୁ ସମନ୍ୱିତ କରେ, କାର୍ଯ୍ୟଦକ୍ଷତା ମେଟ୍ରିକ୍ସକୁ ଅପ୍ଟିମାଇଜ୍ କରେ ଏବଂ ନିୟମିତ ପ୍ରକ୍ରିୟାକୁ ସ୍ୱୟଂଚାଳିତ କରେ। ଏକ ଉତ୍ସର୍ଗୀକୃତ ଟିମ୍ ଦ୍ୱାରା ବିକଶିତ ଏହି ଡାସବୋର୍ଡ ସେମାନଙ୍କର ମୌଳିକ ସ୍ତରରେ ଖଣି କାର୍ଯ୍ୟକୁ ଟ୍ରାକ୍ କରିବା ପାଇଁ ପ୍ରଥମ ନୀତି ପଦ୍ଧତିର ଉପଯୋଗ କରେ।

ଏହା ଟାଇମ୍-ଇନ୍-ୟୁଜ୍ ମଡେଲ୍ (ଟିୟୁଏମ୍) ମାଧମରେ କାର୍ଯ୍ୟକ୍ଷମ ଉତ୍କର୍ଷତା ହାସଲ କରିବା ପାଇଁ ଦୃଷ୍ଟିକୋଣ ପ୍ରଦାନ କରେ, ଯାହା ଯୋଜନାବଦ୍ଧ ଏବଂ ବାସ୍ତବ ବ୍ୟୟ ହ୍ରାସ ହାର, କୋଇଲାର ସଠିକ ଆକଳନ, ବ୍ୟାପକ ଯନ୍ତ୍ରପାତି ବ୍ୟବହାର, ପ୍ରେରଣ ଏବଂ ମହଜୁଦ ଗୁଣବତ୍ତା



ଜାମଖାନିରେ ଅତ୍ୟାଧୁନିକ କାର୍ଯ୍ୟକ୍ଷମ ଡାସବୋର୍ଡ ଉଦ୍‌ଘାଟିତ

ବିଶ୍ଳେଷଣକୁ ମାପିଥାଏ। ଜାମଖାନି କୋଇଲା ଖଣି ବେଦାନ୍ତର ପ୍ରଥମ ଗ୍ରୀନଫିଲ୍ଡ କୋଇଲା ଖଣି ଓ ଓଡ଼ିଶାର ପ୍ରଥମ ଘରୋଇ ଗ୍ରୀନଫିଲ୍ଡ ଖଣି। ଏହି ଖଣି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି ଓ ବିଶ୍ୱର ସର୍ବବୃହତ ଆଲୁମିନିୟମ ସ୍ମେଲଟର ବେଦାନ୍ତର ଝାରସୁଗୁଡ଼ା କାରଖାନାର କୋଇଲା ଆବଶ୍ୟକତା ପୂରଣ କରୁଛି। ବେଦାନ୍ତ ଆଲୁମିନିୟମର ଅଭିବୃଦ୍ଧିରେ ନବସୃଜନର ଭୂମିକା ଉପରେ ଗୁରୁତ୍ୱାରୋପ କରି ସିଓଓ ସୁନୀଲ ଗୁପ୍ତା କହିଛନ୍ତି ଯେ ଜାମଖାନି କୋଇଲା ଖଣିରେ କାର୍ଯ୍ୟକ୍ଷମ ଡାସବୋର୍ଡ ଡିଜିଟାଲାଇଜେସନ୍ ଦିଗରେ ଆମର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ପ୍ରତିନିଧିତ୍ୱ କରୁଛି। ଏହା ଆମ ଟିମ୍ କାର୍ଯ୍ୟକୁ ଅନୁକୂଳ କରିବାକୁ ସଶକ୍ତ କରେ ଓ ନିରନ୍ତର ଉନ୍ନତିର ସଂସ୍କୃତିକୁ ପ୍ରୋତ୍ସାହିତ କରେ, ଯାହାଦ୍ୱାରା ପରିଚାଳନା ଦକ୍ଷତା ବୃଦ୍ଧି ପାଇଥାଏ।

ବେଦାନ୍ତ ଆଲୁମିନିୟମର କୋଇଲା ଖଣିର ସିଇଓ ଡେଭିଡ ଷ୍ଟୋନ କହିଛନ୍ତି ଯେ ଜାମଖାନି କୋଇଲା ଖଣିରେ କାର୍ଯ୍ୟକ୍ଷମ ଡାସବୋର୍ଡକୁ ବିକଶିତ କରାଯାଇଛି। ଭବିଷ୍ୟତର ଅଗ୍ରଗତି, ଯେପରିକି ଏସଏପି ଏକୀକରଣ ଓ ଫ୍ଲିଟ୍ ମ୍ୟାନେଜମେଣ୍ଟ ପରିଚାଳନାର ସଠିକତା ଏବଂ ସ୍ଥାୟିତ୍ୱକୁ ଆହୁରି ଉନ୍ନତ କରିବ।ବେଦାନ୍ତର କୋଇଲା ଖଣି ବ୍ୟବସାୟ ଉନ୍ନତ ଜ୍ଞାନକୌଶଳକୁ କେନ୍ଦ୍ର କରି ଡିଜିଟାଲ-ପ୍ରଥମ ଆଭିମୁଖ୍ୟ ମାଧମରେ ଏହାର ଡିଜିଟାଲ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ବ୍ୟବସାୟ ପ୍ରକ୍ରିୟାଗୁଡ଼ିକୁ ସୁବ୍ୟବସ୍ଥିତ କରିବା, ସହଯୋଗ ବୃଦ୍ଧି କରିବା ଏବଂ ଶିକ୍ଷଣ ଓ ଉଦ୍ଭାବନ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ଅଭିନବ ଡିଜିଟାଲ୍ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଛି।

ବେଦାନ୍ତ ଲିମିଟେଡର ବ୍ୟବସାୟ ବେଦାନ୍ତ ଆଲୁମିନିୟମ ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ, ଯାହା ଆର୍ଥିକ ବର୍ଷ ୨୪-୨୫ରେ ଭାରତର ଆଲୁମିନିୟମର ଅଧାରୁ ଅଧିକ ଅର୍ଥାତ୍ ୨.୩୭ ନିୟୁତ ଟନ୍ ଉତ୍ପାଦନ କରିବାର କ୍ଷମତା ରଖେ। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦରେ ଆଗୁଆ ଯାହା ମୁଖ୍ୟ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ପାଇଥାଏ। ବେଦାନ୍ତ ଆଲୁମିନିୟମ ଶିଳ୍ପ ପାଇଁ ଏସ୍‌ଆଣ୍ଡପି ଗ୍ଲୋବାଲ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ-୨୦୨୪ ବିଶ୍ୱ ମାନ୍ୟତାରେ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ ସ୍ମେଲଟର, ଆଲୁମିନା ବିଶୋଧନାଗାର ଏବଂ ପାୱାର ପ୍ଲାଣ୍ଟ ସହ କମ୍ପାନୀ ଏକ ସବୁଜ ଭବିଷ୍ୟତ ପାଇଁ 'ଭବିଷ୍ୟତର ଧାତୁ' ଭାବେ ଆଲୁମିନିୟମର ଉଦୀୟମାନ ପ୍ରୟୋଗକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ପୂରଣ କରିଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଆଜିର ସୁନା ଦର



ପୁଣି ଥରେ ସୁନା ମହଙ୍ଗା ହୋଇଛି। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୪ ହଜାର ୩୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୮୧ ହଜାର ୧୧୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୪, ୫୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୧ , ୨୩୦ ଟଙ୍କା ରହିଛି। ସୁନା ଦର ୧୫୦ ଓ ୧୨୦ ଟଙ୍କା ୧୦ ଗ୍ରାମକୁ ବୃଦ୍ଧି ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୪,୫୦୦ ଟଙ୍କା ଓ ୮୧, ୨୩୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୪,୬୫୦ ଟଙ୍କା ଓ ୮୧, ୨୩୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୪,୫୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୧, ୨୩୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୪,୫୦୦ ଟଙ୍କା ଓ ୮୧,୨୩୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୧,୦୪, ୦୦୦ ହଜାର ଟଙ୍କା ହୋଇଛି।

# ଆଜିର ପେଟ୍ରୋଲ, ଡିଜେଲ ଦର

ସବୁଦିନ ପରି ଆଜି ବି ପେଟ୍ରୋଲ ଓ ଡିଜେଲ ଦରରେ କିଛିଟା ପରିବର୍ତ୍ତନ ହୋଇଛି। ତେବେ ଆଜିର ଦାମ ବିଷୟରେ ଜାଣିବା ପୂର୍ବରୁ ଆପଣଙ୍କୁ କହିରଖିବାକୁ ଚାହିଁବୁ ଯେ ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପ୍ରଥମେ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦. ୯୨ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୦ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ଟୟୋଟା ଫର୍ଚୁନରକୁ ଟକ୍କର ଦେବ ମାଜେଷ୍ଟର



**ନୂଆଦିଲ୍ଲୀ, ୨୦।୧:** ଏମଜି ମୋଟର ଇଣ୍ଡିଆ ଅଟୋ ଏକ୍ସପୋରେ ଏହାର ନୂତନ ଏସୟୁଭି ମାଜେଷ୍ଟରର ପ୍ରଦର୍ଶନ କରିଛି। ଏହି ଏସୟୁଭିକୁ ଗ୍ଲୋଷ୍ଟରର ଫେସଲିଫ୍ଟ ସଂସ୍କରଣ ଭାବରେ ଦେଖାଯାଉଛି। କମ୍ପାନୀ କହିଛି ଯେ ଏହି ଫ୍ଲାଗସିପ୍ ମଡେଲ୍ କମ୍ପାନୀର ଗ୍ଲୋଷ୍ଟର ରେଞ୍ଜର ଶ୍ରେଷ୍ଠ ଭାରିଆଣ୍ଟ ହେବ। ଏହାର ବୋଲ୍ଡ ଡିଜାଇନ୍ ଏବଂ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ ଏହାକୁ ଟୟୋଟା ଫର୍ଚୁନରର ପ୍ରକୃତ ପ୍ରତିଦ୍ୱନ୍ଦ୍ୱୀ କରିଥାଏ। ଏହି କାରର ଡିଜାଇନ୍ ବୋଲ୍ଡ ଏବଂ ସ୍ପୋର୍ଟି ଦିଆଯାଇଥିବାବେଳେ ଏଥିରେ ବହୁତ ବୈଶିଷ୍ଟ୍ୟ ରହିଛି। ଏହି କାରରେ ୧୨.୩ ଇଞ୍ଚ ଟଚସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମ, ପାନୋରାମିକ୍ ସନରୁଫ୍, ନୂତନ ସମ୍ପୂର୍ଣ୍ଣ ଡିଜିଟାଲ୍ ଇଣ୍ଡଷ୍ଟ୍ରୁମେଣ୍ଟ କନସୋଲ୍, କ୍ଲାଇମେଟ୍ କଣ୍ଟ୍ରୋଲ୍ ଏବଂ ୱାୟାରଲେସ୍ ମୋବାଇଲ୍ ଚାର୍ଜିଂ ଭଳି ବିଶେଷ ବୈଶିଷ୍ଟ୍ୟ ଦେଖିବାକୁ ମିଳିଛି।

କାର୍ଯ୍ୟଦକ୍ଷତା ପାଇଁ, ଏଥିରେ ୨.୦ ଲିଟର ଟ୍ୱିନ୍ ଟର୍ବୋ ଡିଜେଲ୍ ଇଞ୍ଜିନ୍ ଅଛି ଯାହା ୨୧୩ବିଏଚପି ପାୱାର ଏବଂ ୪୭୮ଏନଏମ ଟର୍କ ଜେନେରେଟ୍ କରେ। ଏଥିରେ ୮ ସ୍ପିଡ୍ ଅଟୋମେଟିକ୍ ଟ୍ରାନ୍ସମିସନ୍ ରହିବ, ଏହି ବୈଶିଷ୍ଟ୍ୟ ଏହି କାରର ସମସ୍ତ ପ୍ରକାରରେ ଉପଲବ୍ଧ ହେବ। ମାଜେଷ୍ଟରର ମୂଲ୍ୟ ବାବଦରେ ଖୁଲାସା ହୋଇନଥିଲେ ବି ଏହାର ମୂଲ୍ୟ ୪୦ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ରୁ ୪୫ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ମଧ୍ୟରେ ରହିବ।

ଅନ୍ୟପଟେ ଏମଜି ଗ୍ଲୋଷ୍ଟର ବିଷୟରେ କହିବାକୁ ଗଲେ, ଏହି ଏସୟୁଭିର ମୂଲ୍ୟ ୩୯.୫୭ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ରୁ ୪୪.୦୩ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ମଧ୍ୟରେ ରହିଛି। ଏହି ସେଗମେଣ୍ଟରେ ମାଜେଷ୍ଟର ସିଧାସଳଖ ଟୟୋଟା ଫର୍ଚୁନର ସହିତ ପ୍ରତିଯୋଗିତା କରିବ। ଏହାର ମୂଲ୍ୟ ୪୪.୧୧ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ଏବଂ ୪୮.୦୯ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ମଧ୍ୟରେ ରହିଛି । ମାଜେଷ୍ଟର ବଜାରରେ ଆସିବା ପରେ କେତେ ପ୍ରଭାବ ପକାଇବ ତାହା ଦେଖିବାକୁ ବାକି ରହିଲା।

# ଲଞ୍ଚ ହେଲା ନୂଆ ଇଲେକ୍ଟ୍ରିକ୍ ସ୍କୁଟର୍ ଡେଫି ୨୨



**ନୂଆଦିଲ୍ଲୀ, ୨୦।୧:** ଦିଲ୍ଲୀରେ ୨୨ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ଭାରତ ମୋବିଲିଟି ୨୦୨୫ ର ଆୟୋଜିତ କରାଯିବ। ଏହି ଅଧୀନରେ ଅଟୋ ଏକ୍ସପୋ ୨୦୨୫ରେ ଅନେକ ଦମଦାର୍ ଗାଡିକୁ ଲଞ୍ଚ କରାଯିବ। ନିକଟରେ ଡେଫି ୨୨ ଏକ ନୂଆ ଇଲେକ୍ଟ୍ରିକ୍ ସ୍କୁଟର ଭାବରେ ଓପିଜି ମୋବିଲିଟି ଦ୍ୱାରା ଲଞ୍ଚ କରାଯାଇଛି। କମ୍ପାନୀ ଏଥିରେ ଦମଦାର୍ ଫିଚର୍ସ ପ୍ରଦାନ କରିଛି। ତେବେ ଆପଣଙ୍କୁ କହିବୁ ଯେ ଏହାର ରେଞ୍ଜ ଏବଂ ପ୍ରାଇସ୍ ବିଷୟରେ। ଅଟୋ ଏକ୍ସପୋ ୨୦୨୫ ସମୟରେ ଓପିଜି ମୋବିଲିଟି ଦ୍ୱାରା ଡେଫି ୨୨ ଇଲେକ୍ଟ୍ରିକ୍ ସ୍କୁଟର ଲଞ୍ଚ କରାଯାଇଛି। ଏହି ସ୍କୁଟରକୁ କମ୍ପାନୀ ୮୦ କିଲୋମିଟର ରେଞ୍ଜରେ ଆଣିଛି।

କମ୍ପାନୀ ଡେଫି ୨୨ ଇଲେକ୍ଟ୍ରିକ୍ ସ୍କୁଟରରେ ମ୍ୟୁଜିକ୍ ଫିଚର୍ସ ସହିତ ୭-ଇଞ୍ଚର ଡିସପ୍ଲେ, ୧୨ ଇଞ୍ଚର ଆଲଏ ହୁଇଲ୍, ଏଲ୍ଇଡି ଭଳି ଫିଚର୍ସ ଦିଆଯାଇଛି। ଏହା ବ୍ୟତୀତ ଏଥିରେ ୨.୨ କେଡବ୍ଲ୍ୟୁଏଚର କାପାସିଟି ପାଇଁ ଏଲଏଫପି ବ୍ୟାଟେରୀ ଦିଆଯାଇଛି। ଯାହା ସିଙ୍ଗଲ ଚାର୍ଜରେ ୮୦ କିଲୋମିଟର ପର୍ଯ୍ୟନ୍ତ ଚଲାଇପାରିବେ। ଏଥିରେ ୧୨୦୦ ୱାଟ ପାୱାର ମୋଟର ଦିଆ ଯାଇଛି। ଯାହାକି ୨୫୦୦ ୱାଟର ପିକ୍ ପାୱାର ଅଫର କରିଥାଏ। ଏହାର ଟପ୍ ସ୍ପିଡ୍ ଘଣ୍ଟା ପ୍ରତି ୭୦ କିଲୋମିଟର ପର୍ଯ୍ୟନ୍ତ ରହିଛି। ଏହା ସହିତ ଆଇପି-୬୫ ରେଟିଙ୍ଗ ସହିତ ଏକ ଚାର୍ଜର ଦିଆଯିବ। ଏହି ଇଲେକ୍ଟ୍ରିକ୍ ସ୍କୁଟରକୁ କମ୍ପାନୀ ଏକ୍ସ-ସୋରୁମ୍ ପ୍ରାଇସ୍ ୯୯୯୯୯ ଟଙ୍କା ମୂଲ୍ୟରେ ଲଞ୍ଚ କରିଛି। ୪୯୯ ଟଙ୍କାରେ ସ୍କୁଟର ପାଇଁ ପ୍ରି ବୁକିଂ ଆରମ୍ଭ ହୋଇଛି। ଏଥିରେ ୭ଟି କଲର ଅପ୍ସନ ମଧ୍ୟ ରହିଛି ଯାହା ହେଉଛି- ଚାମ୍ପାଜିନ କ୍ରିମ, ବ୍ଲାକ ଫାୟାର, କୋଷ୍ଟାଲ ଆଇଭରି, ୟୁନିଟି ହ୍ୱାଇଟ, ରେସିଲିୟେନ୍ସ ବ୍ଲାକ, ଡୋଭ ଗ୍ରେ ଏବଂ ମେଟ ଗ୍ରିନ୍ ସାମିଲ ଅଛି।

## ଆଣ୍ଡରସନ୍‌ଙ୍କ ନାଁରେ ମାମଲା

# ବିପଦରେ ପଡ଼ିବେ ହିଣ୍ଡେନ୍‌ବର୍ଗ ପ୍ରତିଷ୍ଠାତା



**ନୂଆଦିଲ୍ଲୀ, ୨୦।୧:** ଆଦାନୀ ଗ୍ରୁପ୍ ବିରୋଧରେ ଗମ୍ଭୀର ଅଭିଯୋଗ ଆଣି ଭାରତରେ ହଇଚଇ ସୃଷ୍ଟି କରିଥିବା ତଥା ନିକଟରେ ବନ୍ଦ ହୋଇଯାଇଥିବା ଆମେରିକୀୟ ସର୍ଟ ସେଲିଂ ସଂସ୍ଥା ହିଣ୍ଡେନ୍‌ବର୍ଗ ରିସର୍ଚ୍ଚର ମୁଖ୍ୟ ନାଥନ୍ ଆଣ୍ଡରସନ୍‌ଙ୍କ ପ୍ରତି ବଡ଼ ବିପଦ ମାଡ଼ିଆସୁଛି। ତାଙ୍କ ନାମରେ ଓଣ୍ଟାରିଓର ସୁପରିଅର୍ କୋର୍ଟ ଅଫ୍ ଜଷ୍ଟିସ୍‌ରେ ଏକ ମାନହାନି ମାମଲା ରୁଜୁ କରାଯାଇଛି। ଏକ ହେଜ୍ ଫଣ୍ଡ ସହ ମିଶି ସେ ବିଭିନ୍ନ ସଂସ୍ଥାକୁ ଟାର୍ଗେଟ୍ କରି ରିପୋର୍ଟ ପ୍ରସ୍ତୁତ କରୁଥିବା ଅଭିଯୋଗ ହୋଇଛି। କାନାଡାର ଆନ୍‌ସନ୍ ହେଜ୍ ଫଣ୍ଡର ମୁଖ୍ୟ ମୋଏଜ୍ କାସମ ସ୍ୱୀକାର କରିଛନ୍ତି ଯେ ଆଣ୍ଡରସନ୍‌ଙ୍କ ସମେତ ବିଭିନ୍ନ ଉତ୍ସକୁ ତାଙ୍କ ସଂସ୍ଥା ତଥ୍ୟ ଦେଉଥିଲା। ଏକ ରିପୋର୍ଟ ତିଆରି କରିବା ଲାଗି ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଆନ୍‌ସନ୍ ସହ ମିଶି କାମ କରାଯାଇଥିଲା। ଯଦି ତାହା ସତ୍ୟ ହୋଇଥିବ ତେବେ ହିଣ୍ଡେନ୍‌ବର୍ଗର କାର୍ଯ୍ୟକୁ ଆମେରିକା ନିୟମ ଅନୁସାରେ ସିକ୍ୟୁରିଟି ଠକେଇ ଭାବେ ବିବେଚନା କରାଯିବ। ସର୍ଟ ସେଲିଂ କମ୍ପାନିଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ପଦ୍ଧତିରେ କାମ କରିଥାନ୍ତି। କିନ୍ତୁ ସେଥିରେ ହେଜ୍ ଫଣ୍ଡର ସହଯୋଗ ଲୋଡ଼ିବାକୁ ଠକେଇ ଭାବେ ବିଚାର କରାଯାଉଛି। ଆନ୍‌ସନ୍ ଫଣ୍ଡ ଓ ନାଥନ୍ ଆଣ୍ଡରସନ୍ ବହୁ ପରିମାଣର ସିକ୍ୟୁରିଟି ଠକେଇ କରିଥିବା ଅଭିଯୋଗ ହୋଇଛି। ଏପର୍ଯ୍ୟନ୍ତ ସେଥିରୁ ମାତ୍ର ୫ ପ୍ରତିଶତ ସାମ୍ନାକୁ ଆସିଛି। ଆଣ୍ଡରସନ୍‌ଙ୍କ ବିରୋଧରେ ସିକ୍ୟୁରିଟି ଠକେଇ ଅଭିଯୋଗ ହେବା ନିଶ୍ଚିତ ବୋଲି କୁହାଯାଉଛି। ବିଶ୍ୱର ବିଭିନ୍ନ ଦେଶର କମ୍ପାନିଗୁଡ଼ିକୁ ଟାର୍ଗେଟ୍ କରି ସଙ୍ଗିନ ରିପୋର୍ଟ ଜାରି କରୁଥିବା ହିଣ୍ଡେନ୍‌ବର୍ଗ ୨୦୧୭ରେ ଏହାର ଯାତ୍ରା ଆରମ୍ଭ କରିଥିଲା। କିନ୍ତୁ କିଛି ଦିନ ତଳେ ହଠାତ୍ କମ୍ପାନି ବନ୍ଦ କରାଯାଉଥିବା ନେଇ ଆଣ୍ଡରସନ୍ ଘୋଷଣା କରିଥିଲେ। କିନ୍ତୁ କୁହାଯାଉଛି ଯେ ଆମେରିକାର ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ୍ ଦାୟିତ୍ୱ ନେବାକୁ ଯାଉଥିବାରୁ ଭୟରେ ଆଣ୍ଡରସନ୍ ନିଜ କମ୍ପାନିକୁ ବନ୍ଦ କରିଦେଇଛନ୍ତି। ତାଙ୍କ ବିରୋଧରେ ଟ୍ରମ୍ପ୍ କଠୋର କାର୍ଯ୍ୟାନୁଷ୍ଠାନ ନେଇପାରନ୍ତି ବୋଲି ସନ୍ଦେହ କରାଯାଉଛି।

# ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ହ୍ରାସ ୮୭୦ କୋଟି ଡଲାର ଖସିଲା



**ମୁମ୍ବାଇ, ୨୦।୧:** ଜାନୁଆରୀ ୧୦ରେ ଶେଷ ହୋଇଥିବା ସପ୍ତାହରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ୮୭୦ କୋଟି ଡଲାର ହ୍ରାସ ପାଇଛି। ଫଳରେ ଏହା ୬୨, ୫୮୦ କୋଟି ଡଲାରକୁ ଖସିଆସିଥିବା ଭାରତୀୟ ରିଜର୍ଭ ବ୍ୟାଙ୍କର ସଦ୍ୟ ତଥ୍ୟରୁ ସୂଚନା ମିଳିଛି। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ଏବେ ବଡ଼ ହ୍ରାସ ଘଟିଛି। ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଆର୍‌ବିଆଇ ଏଥିରେ ହସ୍ତକ୍ଷେପ କରିଛି। ସର୍ବୋଚ୍ଚ ବ୍ୟାଙ୍କ ଏବେ ପ୍ରଚୁର ମାତ୍ରାରେ ଡଲାର ବିକ୍ରି କରି ଟଙ୍କାକୁ ସଜାଡ଼ିବା ପାଇଁ ଚେଷ୍ଟା କରୁଥିବା ମୁଦ୍ରା ଭଣ୍ଡାରର ପତନରୁ ଅନୁମେୟ। ଆଲୋଚ୍ୟ ସପ୍ତାହରେ ଫରେନ୍ କରେନ୍ସି ଆସେଟ୍ ୯୫୦ କୋଟି ଡଲାର ହ୍ରାସ ପାଇ ୫୩, ୬୦୦ କୋଟି ଡଲାରକୁ ଖସିଆସିଛି। ସେହିଭଳି ସୁନା ଭଣ୍ଡାର ୭୯.୨ କୋଟି ଡଲାର ବଢ଼ି ୬୭୮୦ କୋଟି ଡଲାରରେ ପହଞ୍ଚିଥିବା ଆର୍‌ବିଆଇ ପ୍ରଦତ୍ତ ତଥ୍ୟରୁ ଜଣାପଡ଼ିଛି।

# ଗ୍ରାମାଞ୍ଚଳ ଯୋଜନା ବ୍ୟୟ ବଢ଼ିବ, ନିବେଶ ସହ ଲୋକଙ୍କ ଆୟରେ ଉନ୍ନତି ଆଶା



**ନୂଆଦିଲ୍ଲୀ,୨୦।୧:** ଦେଶର ସିଂହ ଭାଗ ଲୋକ ଗ୍ରାମାଞ୍ଚଳରେ ବସବାସ କରିଥାନ୍ତି। ସରକାର କୌଣସି ଯୋଜନା ପ୍ରଣୟନ ବେଳେ ଗ୍ରାମାଞ୍ଚଳ ବିକାଶକୁ ଧ୍ୟାନରେ ରଖିଥାନ୍ତି। ଫେବୃଆରି ପହିଲାରେ ଆସିବ ସାଧାରଣ ବଜେଟ। ଏଥର ବଜେଟରେ କେନ୍ଦ୍ର ସରକାର ଗ୍ରାମାଞ୍ଚଳ ଇଲାକା ସହ ଜଡିତ ଯୋଜନା ଗୁଡିକରେ ବ୍ୟୟ ବରାଦ ବଢ଼ାଇବାର ଢ଼େର ସମ୍ଭାବନା ରହିଛି। ବ୍ରୋକରେଜ ଫାର୍ମ ଗୋଲ୍ଡମ୍ୟାନ ସ୍ୟାଚ୍ ଏ ନେଇ ଆକଳନ କରିଛି। ଏଥିରେ ଜନକଲ୍ୟାଣକାରୀ ଯୋଜନା ସହ ଅନ୍ୟ ଯୋଜନା ଗୁଡିକ ସାମିଲ ରହିବ। ତେବେ ଆଗାମି ଦିନରେ ଏଭଳି ଯୋଜନାରେ ସରକାରଙ୍କ ଖର୍ଚ୍ଚ ଜିଡିପି ଅଭିବୃଦ୍ଧି ତୁଳନାରେ କମ୍ ରହିପାରେ ବୋଲି କୁହାଯାଉଛି। ସରକାର ବଜେଟରେ ଗ୍ରାମାଞ୍ଚଳ ଯୋଜନା ଗୁଡିକରେ ବ୍ୟୟବରାଦ ବଢ଼ାଇଲେ ଏହା ଗ୍ରାମାଞ୍ଚଳ ଅର୍ଥନୀତିକୁ ଚଳଚଞ୍ଚଳ କରିବାରେ ସହାୟକ ହେବ ବୋଲି ବିଶେଷଜ୍ଞ କହିଛନ୍ତି।

ଏହା ଦ୍ୱାରା ଲୋକଙ୍କ ଆୟ ଉପରେ ଏହା ଭଲ ପ୍ରଭାବ ପକାଇବ। ଫଳରେ ଲୋକଙ୍କ ହାତକୁ ପୁଞ୍ଜି ଆସିଲେ ସେମାନେ ଏହାକୁ ଖର୍ଚ୍ଚ କରିବେ କିମ୍ବା ଖର୍ଚ୍ଚ ବଢ଼ାଇବେ। ତେବେ ଏଭଳି ସ୍ଥିତି ସଞ୍ଚୟ ବୃଦ୍ଧି ମଧ ଆବଶ୍ୟକତା ରହିଛି। ଲୋକଙ୍କ ଆୟରେ ସୁଧାର ଆସିଲେ ଏହା ଗ୍ରାମାଞ୍ଚଳରେ ଚାହିଦା ବଢ଼ାଇବାରେ ସହାୟକ ହେବ। ସେହିଭଳି ଗ୍ରାମୀଣ ବିକାଶ ପ୍ରକ୍ରିୟାକୁ ମଧ ତ୍ୱରାନ୍ୱିତ କରାଯିବାର ଆବଶ୍ୟକତା ମଧ ରହିଛି। ଏ କ୍ଷେତ୍ରରେ ବ୍ୟାଙ୍କିଙ୍ଗ କ୍ଷେତ୍ର ଶାଖା ବିସ୍ତାର କରିବାକୁ ପ୍ରୟାସ ଜାରି ରଖିବେ। ଆୟରେ ସୁଧାର ହେଲେ ଲୋକମାନେ ଭବିଷ୍ୟତ ସମ୍ପର୍କରେ ଚିନ୍ତା କରିବେ। ଏହା ସହ ଗ୍ରାମାଞ୍ଚଳରେ ବୀମା ସୁବିଧା ମଧ ତ୍ୱରାନ୍ୱିତ ହେବ। ଆଇସିଆଇସିଆଇ ପ୍ରୁଡେନସିଆଲ ଏଏମ୍‌ସିର ଫଣ୍ଡ ମ୍ୟାନେଜର ପ୍ରିୟଙ୍କା ଖଣ୍ଡେଲୱାଲ କହିଛନ୍ତି, ଦେଶର ଯୁବ ଶ୍ରମଶକ୍ତିର ଏକ ବଡ ଭାଗ ଗ୍ରାମାଞ୍ଚଳରେ ବସବାସ କରୁଛନ୍ତି। ଏମାନଙ୍କ ବିକାଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶର ୬୪% ଭାଗ ଲୋକ ଗ୍ରାମାଞ୍ଚଳରେ ବସବାସ କରୁଛନ୍ତି। ଅର୍ଥନୀତିକୁ ସେମାନଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ। ଗତ ୧୦ ବର୍ଷରେ ସରକାର ଗ୍ରାମାଞ୍ଚଳର ବିକାଶ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏ କ୍ଷେତ୍ରରେ ଆଖିଦୃଶିଆ ନିବେଶ ସହ ବହୁତ ଲୋକଙ୍କୁ ଦାରିଦ୍ର୍ୟତାରୁ ବାହାରକୁ ବାହାର କରାଯାଇଛି। ସାମାଜିକ କଲ୍ୟାଣକାରୀ ଯୋଜନା ଗୁଡିକ ବାଦ ଗତ କିଛି ବର୍ଷରେ କୃଷି ଆୟ ବୃଦ୍ଧି ଉପରେ ମଧ ଉଦ୍ୟମ ଜାରି ରହିଛି। ତେବେ ଏ କ୍ଷେତ୍ରରେ ସରକାରଙ୍କୁ ଏତେଟା ସଫଳତା ମିଳିନି। ଆସୋସିଏସନ ଅଫ୍ ମ୍ୟୁଚୁଆଲ ଫଣ୍ଡସ ଇନ୍ ଇଣ୍ଡିଆ (ଏଏମ୍‌ଏଫ୍‌ଆଇ) ର ପରାମର୍ଶଦାତା ବିକାଶ ଆନନ୍ଦ କହିଛନ୍ତି, ଗତ ୧ ଦଶନ୍ଧି ଧରି ଅଣ କୃଷି କ୍ଷେତ୍ରରେ କାର୍ଯ୍ୟରତ ଲୋକଙ୍କ ଜୀବନରେ ସେଭଳି ଆଖିଦୃଶିଆ ପରିବର୍ତ୍ତନ ଆସିନାହିଁ। ଏବେ ଅଧିକ

## ଗୋଲ୍ଡମ୍ୟାନ ସ୍ୟାଚ୍‌ର ଅନୁମାନ

ଲୋକ କୃଷି ଉପରେ ନିର୍ଭରଶୀଳ ହେଉଥିବାରୁ ଏ କ୍ଷେତ୍ରରେ ଦେଶକୁ ଆହୁରି ଅଧିକ କାମ କରିବାକୁ ହେବ। କାରଣ କୃଷି ଆୟର ଏକ ସୀମା ରହିଛି। ମାତ୍ର ସହରାଞ୍ଚଳରେ ଲୋକଙ୍କ ଆୟ ବଢ଼ୁଛି। ଏଭଳି କାରଣରୁ ସହରୀ ଭାରତ ଗ୍ରାମୀଣ ଭାରତ ତୁଳନାରେ ଆୟ ଏବଂ ଚାହିଦା ବୃଦ୍ଧି କ୍ଷେତ୍ରରେ ଏକ ଉନ୍ନତ ସ୍ଥାନରେ ରହିଛି। ଚଳିତ ଦଶନ୍ଧିରେ ଗ୍ରାମୀଣ ଭାରତ ଲାଗି ଦୃଷ୍ଟିକୋଣ ଅଲଗା ହୋଇପାରେ। କାରଣ ଅଣ କୃଷି ନିଯୁକ୍ତି କ୍ଷେତ୍ର ଉନ୍ନତ ସ୍ଥିତିରେ ରହିବ ବୋଲି ଆଶା କରାଯାଉଛି। ଘରୋଇ ଆବଶ୍ୟକତା ସହ ଦେଶ ବିନିର୍ମାଣ କ୍ଷେତ୍ର ରପ୍ତାନି ବୃଦ୍ଧି ଉପରେ ଏବେ ଫୋକସ କରୁଛି। ଲାଡଲି ବହନ ଭଳି ଯୋଜନା ଗ୍ରାମାଞ୍ଚଳ ଚାହିଦା ଏବଂ ଆୟ କ୍ଷେତ୍ରରେ ଉନ୍ନତ ସଙ୍କେତ ଦେଉଛି।

# ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନୀ ଟପିଲା ୬୦ ହଜାର କୋଟି



**ନୂଆଦିଲ୍ଲୀ, ୨୦।୧:** ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନୀ(ସି ଫୁଡ୍ ଏକ୍ସପୋର୍ଟ) ୨୦୨୪-୨୫ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ୬୦ ହଜାର କୋଟି ଟଙ୍କା ପାର କରିଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସରକାର କହିଛନ୍ତି ଯେ ମୋଟ ରପ୍ତାନିରେ ବରଫଦିଆ ଚିଙ୍ଗୁଡ଼ିର ଭାଗ ଦୁଇ ତୃତୀୟାଂଶରୁ ଅଧିକ। ଆର୍ଥିକ ବର୍ଷ ୨୦୨୪ରେ ସମୁଦାୟ ସାମୁଦ୍ରିକ ଖାଦ୍ୟ ରପ୍ତାନୀ ୧.୭୮ ନିୟୁତ ମେଟ୍ରିକ୍ ଟନ୍ ରହିଥିଲା। ଯାହାର ମୂଲ୍ୟ ୬୦,୫୨୩.୮୯ କୋଟି ଟଙ୍କା ଥିଲା। ଫେବୃଆରୀ ୧ ତାରିଖରୁ ବଜେଟ୍ ବସିବାକୁ ଥିବା ବେଳେ ତା' ପୂର୍ବରୁ ଏହି ସୂଚନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କୁହାଯାଉଛି। ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନିକୁ ଆହୁରି ମଜବୁତ କରିବା ପାଇଁ ସରକାର ଚିଙ୍ଗୁଡ଼ି ଏବଂ ମାଛ ଫିଡ୍ ଉତ୍ପାଦନ ପାଇଁ ପ୍ରମୁଖ ଇନପୁଟ ଉପରେ ବେସ୍ କଷ୍ଟମ୍ସ ଡ୍ୟୁଟି କୁ ୫% କୁ ହ୍ରାସ କରିବାକୁ ପ୍ରସ୍ତାବ ଦିଆଯାଇଛି।

ସରକାରଙ୍କ ଅନୁଯାୟୀ, ଚିଙ୍ଗୁଡ଼ି ଏବଂ ମାଛ ଫିଡ୍ ଉତ୍ପାଦନରେ ବ୍ୟବହୃତ ଇନପୁଟ ଉପରେ ଅତିରିକ୍ତ ରିହାତି ଲାଗୁ ହେବ। ସରକାର କହିଛନ୍ତି ଯେ ସୀମା ଶୁଳ୍କ ହ୍ରାସ ହେଲେ ଏହି କ୍ଷେତ୍ରର ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ। ଫଳରେ ଉତ୍ପାଦନ ବଢ଼ିଲେ ଏହା ଅର୍ଥନୀତିକୁ ବଳ ଦେବ। ଏଥିରେ କେନ୍ଦ୍ରୀୟ ବୋର୍ଡ ଅଫ୍ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ଜଳଚର ଶିଳ୍ପ(ଏକ୍ୱାକଲଚର ଇଣ୍ଡଷ୍ଟ୍ରୀ)କୁ ସମର୍ଥନ କରିବା ପାଇଁ ଅନେକ ଟିକସ ସଂସ୍କାର କାର୍ଯ୍ୟକାରୀ କରିଛି। ଏଥିରେ କ୍ରିଲ୍ ମିଲ, ଫିସ୍ ଲିପିଡ୍ ଅଏଲ୍, କ୍ରୁଡ ମାଛ ତେଲ, ଆଲଗାଲ୍ ପ୍ରାଇମ୍ (ମଇଦା) ଏବଂ ଆଲଗାଲ୍ ତେଲ ଉପରେ ଟିକସ ହ୍ରାସ ଏବଂ ଅତ୍ୟାବଶ୍ୟକ ଫିଡ୍ ଉପାଦାନ ପାଇଁ BCD କୁ ୫% କୁ ହ୍ରାସ ଆଦି ନିଷ୍ପତ୍ତି ହୋଇଛି। ଆର୍ଥିକ ବର୍ଷ ୨୦୨୪ରେ ଆମେରିକା ଭାରତୀୟ ସାମୁଦ୍ରିକ ଖାଦ୍ୟର ସବୁଠାରୁ ବଡ ଗ୍ରାହକ ଥିଲା। ଦେଶର ସମୁଦାୟ ସାମୁଦ୍ରିକ ଖାଦ୍ୟ ରପ୍ତାନିରେ ଏହାର ଅଂଶ ୩୪.୫୩ ବା ୨.୫୫ ବିଲିୟନ ଡଲାର ରହିଥିଲା। ଏହି ଅବଧିରେ, ଆମେରିକାକୁ ସାମୁଦ୍ରିକ ଖାଦ୍ୟ ରପ୍ତାନିରେ ବରଫଦିଆ ଚିଙ୍ଗୁଡ଼ିର ଅଂଶ ୯୧.୯% ଥିଲା। ଆମେରିକା ପରେ ଚୀନ ଭାରତ ଠାରୁ ଅଧିକ ସାମଦ୍ରିକ ଖାଦ୍ୟ ଆମଦାନୀ କରୁଥିଲା। ଚୀନକୁ ୧.୩୮ ବିଲିୟନ ଡଲାର ମୂଲ୍ୟର ୪,୫୧,୦୦୦ ମେଟ୍ରିକ୍ ଟନ୍ ସାମୁଦ୍ରିକ ଖାଦ୍ୟ ରପ୍ତାନି କରାଯାଇଛି। ଏହା ପରେ ଜାପାନ ତୃତୀୟ, ତା ପରେ ଭିଏତନାମ, ଥାଇଲ୍ୟାଣ୍ଡ, କାନାଡା, ସ୍ପେନ୍, ବେଲଜିୟମ, ୟୁଏଇ ଏବଂ ଇଟାଲିକୁ ମଧ ଭାରତ ସାମୁଦ୍ରିକ ଖାଦ୍ୟ ରପ୍ତାନୀ କରିଛି।

## ଇନଷ୍ଟାଗ୍ରାମ ୟୁଜର୍ସଙ୍କ ପାଇଁ ଖୁସି ଖବର

# ଏଣିକି ୩ ମିନିଟ୍ ପର୍ଯ୍ୟନ୍ତ ରିଲ୍ସ ଅପ୍‌ଲୋଡ୍ କରିପାରିବେ




**ନୂଆଦିଲ୍ଲୀ,୨୦।୧:** ଇନଷ୍ଟାଗ୍ରାମ କ୍ରିଏଟର୍ସମାନଙ୍କୁ ଏକ ବଡ଼ ଉପହାର ଦେଇଛି। ଏବେ କ୍ରିଏଟରମାନେ ଲମ୍ବା ରିଲ୍ସ ଅପଲୋଡ କରିବାର ସୁବିଧା ମଧ୍ୟ ପାଇବେ। ଏବେ ଇନଷ୍ଟାଗ୍ରାମରେ ୩ ମିନିଟ ପର୍ଯ୍ୟନ୍ତ ରିଲ ଅପଲୋଡ କରାଯାଇପାରିବ। ଏହା ବ୍ୟତୀତ, କମ୍ପାନୀ ଏବେ ୟୁଜର୍ସଙ୍କ ପ୍ରୋଫାଇଲ ଗ୍ରୀଡ ମଧ୍ୟ ପରିବର୍ତ୍ତନ କରିବାକୁ ଯାଉଛି। ଏବେ ଏଠାରେ ବର୍ଗକ୍ଷେତ୍ର ବଦଳରେ ଆୟତାକାର ବାକ୍ସ ଦୃଶ୍ୟମାନ ହେବ।

ଇନଷ୍ଟାଗ୍ରାମ ମୁଖ୍ୟ ଆଡାମ ମୋସେରି ଏହି ନିଷ୍ପତ୍ତି ବିଷୟରେ ସୂଚନା ଦେଇ ଏକ ଭିଡିଓ ଜାରି କରିଛନ୍ତି। ସେ କହିଥିଲେ, ଏବେ ଆପଣ ଇନଷ୍ଟାଗ୍ରାମରେ ୩ ମିନିଟର ରିଲ ଅପଲୋଡ କରିପାରିବେ। ପୂର୍ବରୁ କେବଳ ୯୦ ସେକେଣ୍ଡର ରିଲ ଅପଲୋଡ ହେଉଥିଲା। କାରଣ ଇନଷ୍ଟାଗ୍ରାମର ଧ୍ୟାନ ଛୋଟ ଭିଡିଓ ଉପରେ ଥିଲା। ଅନେକ ୟୁଜର୍ସ ତାଙ୍କୁ ମତାମତ ଦେଇଥିଲେ ଯେ, ୯୦ ସେକେଣ୍ଡ ବହୁତ କମ। ତେଣୁ ବର୍ତ୍ତମାନ ଅବଧି ବୃଦ୍ଧି କରାଯାଉଛି। ସେ ଆଶା କରିଥିଲେ, ଏହା ଲୋକମାନଙ୍କୁ ସେମାନଙ୍କର କାହାଣୀ କହିବାରେ ସାହାଯ୍ୟ କରିବ। ଇନଷ୍ଟାଗ୍ରାମ ପୂର୍ବରୁ, ୟୁଟ୍ୟୁବ ମଧ୍ୟ ଏହାର ସର୍ଟ ଭିଡିଓର ଅବଧିକୁ ୩ ମିନିଟକୁ ବୃଦ୍ଧି କରିଥିଲା।

## ବନବିଭାଗର ଚଢ଼ାଉ: ପିକ ଅପ୍ ସହ ୧୫ କ୍ୱିଣ୍ଟାଲ କାଠ ଜବତ



ଖପ୍ରାଖୋଲ,୨୦ା୧ (ସଂଚାର ବ୍ୟୁରୋ): ଖପ୍ରାଖୋଲ ବ୍ଲକ ହରିଶଙ୍କର ବନବିଭାଗ ତରଫରୁ ଶନିବାର ବିଳମ୍ବିତ ରାତିରେ ପେଟ୍ରୋଲିଂ କଲା ବେଳେ ବଡଗୁର୍ଜିଭଟା ଘୁନସର ରାସ୍ତାରେ ଖଇର କାଠ ବୋଝେଇ ଏକ ପିକ୍ ଅପ୍ ଗାଡ଼ି ଜବତ କରିଥିବା ବନବିଭାଗ ସୂଚନା ଦେଇଛି । ବନବିଭାଗ ର ଚଢ଼ାଉ ବେଳେ ଗାଡ଼ି ଛାଡ଼ି ଗାଡ଼ି ଚାଳକ ଫେରାର ମାରିଥିବା ବେଳେ ଗାଡ଼ି ଓ ଖଇର କାଠ ଜବତ କରି ଖପ୍ରାଖୋଲ ବନବିଭାଗ କାର୍ଯ୍ୟାଳୟ କୁ ଅଣା ଯାଇଥିବା ଜଣା ଯାଇଛି । ଜବତ କାଠ ହାରାହାରି ୧୫ କୁଇଣ୍ଟାଲ୍ ହେବ ଏବଂ ତାର ମୂଲ୍ୟ ୧୫ ହଜାର ହେବ ବୋଲି ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା ପ୍ରକାଶ କରିଛନ୍ତି । ଚଢ଼ାଉ ବେଳେ ଏ ସି ଏଫ୍ ତଥା ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ବନପାଳ ଜେନା, ବନରକ୍ଷୀ ରାଜେନ୍ଦ୍ର ଧରୁଆ, ସଂଜୀବ ପ୍ରଧାନ ସହ ବନ୍ୟ ପ୍ରାଣୀ ସ୍କୋଆର୍ଡ ଉପସ୍ଥିତ ଥିଲେ । ଏନେଇ ଏକ ମାମଲା ରୁଜୁ କରି ବନ ବିଭାଗ ତଦନ୍ତ କରୁଥିବା ଜଣାଯାଇଛି । ବନବିଭାଗ ତତ୍ପରତା ପ୍ରକାଶ କରି ଚୋରି କାଠ ଜବତ କରୁଛି ସତ ହେଲେ କୌଣସି ଅଭିଯୁକ୍ତ କିମ୍ବା ଗାଡି ମାଲିକ, ବେନିୟମ ଭାବେ କିଏ କାଠ ଚୋରି କରି ନେଉଥିଲା ମୁଖ୍ୟ କାର୍ପଦାର କିଏ କାହିଁକି ଜଣା ପଡୁନାହିଁ ବୋଲି ଜନସାଧାରଣ ମାନଙ୍କ ମଧ୍ୟରେ ପ୍ରଶ୍ନ ଉଙ୍କି ମାରୁଛି ।

# ଉତ୍କଳ ଆଲୁମିନା ବିରୋଧରେ ବଢ଼ୁଛି ଅସନ୍ତୋଷ

- ରୋଜଗାର ନାହିଁ ଲୋକେ ରାଜରାସ୍ତାରେ
- ଡିଏମଏଫ ଫଣ୍ଡ ରାଜଧାନୀରେ ଖର୍ଚ୍ଚ ଏଠି କମ୍ପାନୀ ଭୁଲି ଯାଇଛି ଉନ୍ନୟନ କାର୍ଯ୍ୟ




### ବାପ୍ଳିମାଳି ଖଣି ପ୍ରଭାବିତ ଅଞ୍ଚଳର ବିକାଶ ଦିଗହରା

ରାୟଗଡ଼ା,୨୦ା୧ (ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ଦରାଗୁଡ଼ା ଠାରେ ଗଢି ଉଠିଥିବା ବହୁରାଷ୍ଟ୍ରୀୟ କମ୍ପାନୀ ଉତ୍କଳ ଆଲୁମିନା କାରଖାନା ବିରୋଧ ରେ ଜନ ଅସନ୍ତୋଷ ତେଜିବାରେ ଲାଗିଛି। ଦୀର୍ଘ ଦିନ ଧରି ଦାବୀ କରିଆସୁଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ଜାଣିଶୁଣି ନିରୋବଦ୍ରଷ୍ଟା ସାଜିଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରି କୋଡିପାରୀ ଜିପି ଜୋଗୀପାରୀ ତୁଣ୍ଡା ଗ୍ରାମ ର ପ୍ରାୟ ୨୫୦ ରୁ ଉର୍ଦ୍ଧ୍ୱ ପରିବାର ଲୋକେ ଆଜିକୁ ଦୁଇ ସପ୍ତାହ ପାଖାପାଖି ହେବ ମୌଳିକ ସୁବିଧାରୁ ବଞ୍ଚିତ ଥିବା ଅଭିଯୋଗ କରି କମ୍ପାନୀ ରାସ୍ତା ଅବରୋଧ କରିଛନ୍ତି ଏବଂ ଇଣ୍ଟେକ ପାଣି ଟାଙ୍କି କୁ ପାଣି ଯୋଗାଉଥିବା ନଦୀକୁ ଅବରୋଧ କରି ବିପରୀତ ଦିଗରେ ପ୍ରବାହିତ କରିଥିବା ଦେଖିବାକୁ ମିଳିଛି। ଇଣ୍ଟେକ ପାଣି ଟ୍ୟାଙ୍କ ନିକଟରେ ବୃଦ୍ଧ, ବୃଦ୍ଧା, କୁନି କୁନି ପିଲାଛୁଆ ଙ୍କ ସହ ହାଡଭାଙ୍ଗା ସିତ ରେ ଅହରହ ସଂଘର୍ଷ ରେ ରାତ୍ରି ଜାପାନ କରି ଦାବୀ ପୂରଣ ପାଇଁ ଅଡିସୀଛନ୍ତି ଏବଂ ପାଣିକୁ ସମ୍ପୂର୍ଣ ଅବରୋଧ କରିଛନ୍ତି। ମୁଖ୍ୟ ବିଷୟ ହେଲା ଏହି ଗ୍ରାମ ଖଣି ଖନନ ମାଇନ୍ସ ଠାରୁ ମାତ୍ର ୩ କିଲୋମିଟର ବ୍ୟବଧାନ ରେ ଅବସ୍ଥିତ। ଗ୍ରାମ ମଧ୍ୟ ଦେଇ କମ୍ପାନୀ ର ମୁଖ୍ୟ ସଡ଼କ ଓ କନଭେର ବେଲ୍ଟ ଯାଇଅଛି। କିନ୍ତୁ ଦୀର୍ଘ ବର୍ଷ ହେବ କାହାରିକୁ କମ୍ପାନୀ ରୋଜଗାର କିମ୍ବା ପାରିପାର୍ଶ୍ୱିକ ବିକାଶ ଦିଗରେ ସମ୍ପୂର୍ଣ ଅବହେଳିତ କରିଛି ବୋଲି ଲୋକେ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ଘଟଣା ସମ୍ପର୍କ ରେ ଉପସ୍ଥିତ ମାଜିଷ୍ଟ୍ରେଟ ଦାୟିତ୍ୱ ରେ ଥିବା କାଶୀପୁର ତହସିଲଦାର ଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲା କିନ୍ତୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ। ଉକ୍ତ ସ୍ଥାନରେ କାଶୀପୁର ଓ ଅଣ୍ଡିରାକଞ୍ଚ ଥାନା ଅଧିକାରୀ ଏବଂ କମ୍ପାନୀ କତୃପକ୍ଷ ଉପସ୍ଥିତ ଥିଲେ। ଏହିଭଳି ପ୍ରଶାସନିକ ଅଧିକାରୀ ଓ କମ୍ପାନୀ କତୃପକ୍ଷ, ଲୋକଙ୍କ ଦାବୀ ସମୂହ ସମାଧାନ ପାଇଁ ଚେଷ୍ଟା କରୁଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସମାଧାନ ର ବାଟ ଫିଟି ନ ଥିବା ଦେଖିବାକୁ ମିଳିଛି ।

## ନଈଗୁଆଁ ସେବା ସମବାୟ ସମିତିରେ ଖୋଲିଲା ଧାନ ମଣ୍ଡି



କାକଟପୁର/ଅସ୍ତରଙ୍ଗ,୨୦ା୧ (ସଂଚାର ବ୍ୟୁରୋ): ଖରିଫ ଋତୁ ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଈଗୁଆଁ ସେବା ସମବାୟ ସମିତି ରେ ଖୋଲିଲା ଧାନ ମଣ୍ଡି । ଏଣିକି ଚାଷୀ ମାନେ ନିଜ କଷ୍ଟ ଅର୍ଜିତ ଫସଲ ବିକ୍ରି କରି ପାରିବେ । ପୁରୀ ଜିଲ୍ଲା ସମ୍ମିଳିତ ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଂ ଅସ୍ତରଙ୍ଗ ଶାଖା ଅଧୀନ ନଈଗୁଆଁ ସେବା ସମବାୟ ସମିତି ତରଫରୁ ସୋମବାର ଧାନମଣ୍ଡିରେ ଚାଷୀଙ୍କ ଠାରୁ ଖରିଫ ଧାନ କ୍ରୟ ଶୁଭାରମ୍ଭ ହୋଇଛି। ନଈଗୁଆଁ ସମିତିର ସଭାପତି ପର୍ଶୁରାମ ସ୍ୱାଇଁ ଙ୍କ ଦ୍ୱାରା ଆନୁଷ୍ଠାନିକ ପୂଜାପାଠ ପରେ ନଈଗୁଆଁ ମଣ୍ଡି ନୋଡାଲ ଅଧିକାରୀ,ନଈଗୁଆଁ ସେବା ସମିତି ସମ୍ପାଦକ ପ୍ରକାଶ ମହାନ୍ତି , ସମାଜସେବୀ ଦେବେନ୍ଦ୍ର ପ୍ରଧାନ, ବିଜୟ ସାହୁ, ଶିବ ମୁଦୁଲି, ନରେନ୍ଦ୍ର ମୁଦୁଲି ଓ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ଅସ୍ତରଙ୍ଗ ବ୍ଲକର ୧୦ଟି ସେବା ସମବାୟ ସମିତିରେ ୨୭୧୩ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି। ଧାର୍ଯ୍ୟ ବାରରେ ସକାଳ ୮ଟାରୁ ଦିନ ୨ଟା ମଧ୍ୟରେ ଧାନ ବିକ୍ରି କରି ପାରିବେ ଚାଷୀ। ତେବେ ସାଧାରଣ ମାନ କୁଇଣ୍ଟାଲ ପିଛା ୨୩ଶହ ଟଙ୍କା ଏବଂ ଗ୍ରେଡ୍ ଏ ମାନର ଧାନ କୁଇଣ୍ଟାଲ ପିଛା ୨୩ଶହ ୨୦ଟଙ୍କା ରେ ସଂଗ୍ରହ କରାଯାଉଛି। ଚଳିତ ବର୍ଷ ନଈଗୁଆଁ ସେବା ସମବାୟ ସମିତି ରେ ୧୮୪ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନରେ ୭ଜଣ ଚାଷୀ ୫ଶହ କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଛନ୍ତି। ଉପସ୍ଥିତ ଅତିଥି ମାନେ ନିଜ ବକ୍ତବ୍ୟ ରେ କହିଥିଲେ ଚଳିତ ବର୍ଷ ସୁରୁଖୁରୁରେ ଧାନ କିଣିବା ପାଇଁ ବିସ୍ତୃତ ଭାବେ ଆଲୋଚନା ହୋଇଛି। ସୋସାଇଟି ସମ୍ପାଦକ, ମିଲରଙ୍କ ମଧ୍ୟ ଆଲୋଚନା କରାଯାଇଛି। ଧାନ ଦେବାର ଚାଷୀ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି।

## କାର୍ ଓ ବାଇକ୍ ଜବତ: ୨ ଗିରଫ



କେନ୍ଦୁଝର,୨୦ା୧(ସଂଚାର ବ୍ୟୁରୋ): କେନ୍ଦୁଝର ପୋଲିସ ପୂର୍ବରୁ ଡକାୟତି କେସ୍‌ରେ ସାମିଲ ହୋଇ ଫେରାର ଥିବା ଏକ ଡକାୟତ ଗ୍ୟାଙ୍ଗର ଦୁଇ ଜଣ ସଦସ୍ୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନାମରେ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ରାଜ୍ୟରେ ଅନେକ ମାମଲା ରହିଛି। ଗିରଫମାନଙ୍କ ଘର ଝାଡ଼ଖଣ୍ଡ ରାଜ୍ୟରେ କିନ୍ତୁ ସଦର ଥାନା ପଦ୍ମପୁର ଗ୍ରାମରେ ରହୁଥିଲେ ବୋଲି ଜାଣିବାକୁ ପାଇଛି। ସେମାନେ ହେଲେ ଲଖନପୁର ଗାଁର ଏମ୍‌ଡି ସାଲାହୁଦ୍ଦିନ (୩୧) ଏବଂ ବାବୁଣ୍ଡିହା ଗାଁର ଏମଡି ତାଜୁଦ୍ଦିନ (୨୧) ଏବଂ ଉଭୟ ଝାରଖଣ୍ଡ ରାଜ୍ୟର ଗିରିଡିହ ଜିଲାର ଅହିଲ୍ୟାପୁର ଥାନା ଅଧୀନରେ ଅଛନ୍ତି। ପୋଲିସ ସେମାନଙ୍କଠାରୁ ଏକ କାର୍ (ଓଡି ୦୯ ଏସି ୦୪୬୭) ଜବତ କରିଛି। ଗୋଟିଏ ବାଇକ୍ ( ଓଡି ୦୯ ଏକ୍ସ ୦୭୯୫) ନକଲି ନମ୍ବର ଥିବା ବାଇକ (ଓଆର୍ ୦୯ ଏମ୍ ୭୧୫୭), ବିନା ନମ୍ବର ପ୍ଲେଟର ଏକ ବାଇକ୍, ନକଲି ନମ୍ବର୍ ଥିବା ବାଇକ୍ ଜେଏଚ୍ ୦୯ ଏଜେ ୭୬୯୧ ଜବତ କରିଛି। ସେମାନଙ୍କ ନାମରେ ଟାଉନ ଥାନାରେ କେସ୍ ନମ୍ବର ୫୬୧/୧୧.୧୧.୨୪ ରହିଛି। ସେହିପରି ପଶ୍ଚିମବଙ୍ଗ କୁଲ୍ଟି ପୋଲିସ ଥାନାରେ ମାମଲା ନଂ- ୩୩୭, ୧୪.୭.୨୧ରେ ମାମଲା ରହିଥିବା ବେଳେ କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା କେସ୍ ନଂ-୨୯ ତା-୮.୧୨.୨୪ରେ ମାମଲା ରହିଛି। ସୋମବାର ସେମାନଙ୍କୁ ଗିରଫ କରାଯାଇ କୋର୍ଟରେ ହାଜର କରାଯାଇଥିଲା। ଅନ୍ୟ ମାମଲାରେ ସମ୍ପୃକ୍ତ ଥିବା ତଥା ଅନ୍ୟ ପୋଲିସ ଥାନାରେ କୌଣସି କେସ ରହିଛି କି ସେ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି।

## ପ୍ରହସନ ପାଲଟିଛି ବରୁଣେଶ୍ୱର ମେଳା ପ୍ରସ୍ତୁତି

ବିଞ୍ଝାରପୁର,୨୦ା୧(ସଂଚାର ବ୍ୟୁରୋ): ଓଡିଶା ପ୍ରସିଦ୍ଧ ବରୁଣେଶ୍ୱର ମେଳା ପାଇଁ ଦୁଇ ଦୁଇ ଥର ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା ।ବରୁଣେଶ୍ୱର ମେଳା କିପରି ସୁରୁଖୁରୁରେ ସମାପନ ହେବ ତାକୁ ନେଇ ଆଲୋଚନା ଏବଂ ବିଶ୍ଳେଷଣ ମଧ୍ୟ କରଯାଇଥିଲା। ଖୋଦ୍ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ସ୍ଥାନୀୟ ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରସ୍ତୁତି ବୈଠକ ରେ ବିଭିନ୍ନ ଦିଗକୁ ଆଖି ଆଗରେ ରଖି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ବିଶେଷ କରି ମେଳା ରେ ଯେପରି ବାଶି ଖାଦ୍ୟ ବିକ୍ରୀ ନ ହୁଏ, ସମସ୍ତ ଦୋକାନ ରେ କମର୍ସିଆଲ ଗ୍ୟାସ୍ ର ବ୍ୟବହାର, ଚୋରା ମଦ ବିକ୍ରୀ କିଭଳି ବନ୍ଦ ହେବ ତାକୁ ନେଇ ପ୍ରସ୍ତୁତି ବୈଠକ ରେ ବିଶେଷ ଆଲୋଚନା କରାଯାଇଥିଲା ।କିନ୍ତୁ ବରୁଣେଶ୍ୱର ମେଳା ପାଇଁ ମାସକ ତଳେ ହୋଇଥିବା ଏହି ପ୍ରସ୍ତୁତି ବୈଠକ ପ୍ରହସନ ପାଲଟିଥିବା ଅଭିଯୋଗ ହୋଇଛି ।ଅଭିଯୋଗ ଅନୁଯାୟୀ ମେଳା ରେ ଚାଟ, ଚାଓମିନ ଏବଂ ଅନ୍ୟାନ୍ୟ ଖାଦ୍ୟ ଜଳଖିଆ ଦୋକାନ ରେ ବସି ଖାଦ୍ୟ ବିକ୍ରି ହେଉଥିବା ଅଭିଯୋଗ ଆସିଛି। ଦିନକ ପୂର୍ବରୁ ହୋଇଥିବା ବାସି ଖାଦ୍ୟ କୁ ଗରମ୍ କରି ମୁନଫାଖୋର୍ ଦୋକାନୀ ମାନେ ବିକ୍ରୀ କରୁଥିବା ମେଳା ବୁଲି ଆସୁଥିବା ଶ୍ରଦ୍ଧାଳୁ।କେବଳ ସେତିକି ନୁହେଁ ମେଳା ରେ କେତେକ ଆଇସକ୍ରିମ ଷ୍ଟଲ୍ ରେ ବିକ୍ରୀ ହେଉଥିବା ଆଇସ କ୍ରିମ ର ମନୁଫେକ୍ଚରିଂ ତାରିଖ ଏବଂ ଏକ୍ସପାୟରି ତାରିଖ ନ ଥିବା ମଧ୍ୟ ଅଭିଯୋଗ ହୋଇଛି। ଏ ନେଇ ବ୍ଲକ୍ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନାହିଁ।

## ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କଳାହାଣ୍ଡି,୨୦ା୧(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ଶଗଡା ଠାରେ ବାର୍ଷିକ ଉତ୍ସବ(ପୂଜ୍ୟ ପ୍ରଣାମ)-୨୦୨୫ ଏକ ସୃଜନଶୀଳ ବାତାବରଣ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଯୋଗାଚାର୍ଯ୍ୟ ତଥା ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ କଳାହାଣ୍ଡି ଡାକ୍ତର ନୀହାରେନ୍ଦ୍ର ପଣ୍ଡା ଯୋଗଦେଇ ଶାରୀରିକ ସୁସ୍ଥତା ପାଇଁ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ବଂଶୀବାଦକ ତଥା ଧର୍ମଗଡ଼ ମହିଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ସଂଜୀବ ମୁଣ୍ଡ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ବଂଶୀ ବାଦନ କରିବା ସହ ବାଦ୍ୟଶିଳ୍ପୀ ହେବାର କୌଶଳ ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଚିତ୍ରଶିଳ୍ପୀ ମୁକୁନ୍ଦ ରେଡ୍ଡୀ ଜୀବନରେ ଚିତ୍ରକଳାର ପ୍ରୟୋଜନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ତଥା କଣ୍ଠଶିଳ୍ପୀ ଜଗନ୍ନାଥ ତ୍ରିପାଠୀ ସୁନ୍ଦର କଣ୍ଠ ସଙ୍ଗୀତ ପରିବେଷଣ ପୂର୍ବକ ଜୀବନରେ ସଙ୍ଗୀତ କଳାର ଆବଶ୍ୟକତା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ବୋଧଗମ୍ୟ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସର୍ଗୀଗୁଡା କ୍ଲଷ୍ଟରର ସି.ଆର.ସି.ସି ମହମ୍ମଦ ଜାକିର୍, ଶଗଡା ଗ୍ରାମପଞ୍ଚାୟତର ସରପଞ୍ଚ ଗୋବିନ୍ଦ ନାଏକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆସନ୍ତ ନାଏକ ଯୋଗଦେଇଥିଲେ। ଆୟୋଜିତ ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ମୁଦୁଲି ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଜୟାପ୍ରଦା ସେଠୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଚର୍ଚ୍ଚାରେ ସରକାରୀ ବାବୁଙ୍କ ନାଲିବତୀ ଗାଡ଼ି ପ୍ରୀତି




ସୁବର୍ଣ୍ଣପୁର,୨୦ା୧(ସଂଚାର ବ୍ୟୁରୋ): ସୋନପୁର ସହରରେ ସରକାରୀ ବାବୁଙ୍କ ନାଲିବତୀ ଗାଡ଼ି ପ୍ରେମ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ପିଡି ଡିଆରଡିଏ ଅଶ୍ୱିନୀ ମେହେର ଘରୋଇ ନମ୍ବର ଥିବା ଏକ ଚାରିଚକିଆ ଗାଡ଼ି ମାହିନ୍ଦ୍ରା ଏକ୍ସୟୁଭି ୭୦୦ ଯାହାର ନମ୍ବର ଓଡି୦୩ଏଡି ୪୮୧୬ ବ୍ୟବହାର କରୁଛନ୍ତି ଏବଂ ସେଥିରେ ଲାଗିଛି ନାଲିବତୀ। ନିୟମାନୁସାରେ, ସରକାରୀ ଅଧିକାରୀ ମାନଙ୍କୁ ବିଭିନ୍ନ କାର୍ଯ୍ୟ ତଦାରଖ ପାଇଁ ବ୍ୟବସାୟିକ ନମ୍ବର ଥିବା ଗାଡ଼ି ଉପଲବ୍ଧ କରାଯାଇଥାଏ କିନ୍ତୁ ସୁବର୍ଣ୍ଣପୁର ଜିଲ୍ଲାରେ ଏହାର ଗୁରୁତର ବ୍ୟତିକ୍ରମ ଦେଖାଯାଇଛି। ଏହି ଘଟଣା ସହର ସାରା ଚର୍ଚ୍ଚାର ବିଷୟ ପାଲଟିଛି। ସୁବର୍ଣ୍ଣଉତ୍ସବ ବେଳେ ଲୋକେ ଗାଡ଼ିକୁ ଦେଖି ବିରୋଧ କରୁଥିଲେ ହେଁ ବାବୁଙ୍କ ବାବୁଗିରୀ ଭୟରେ କିଛି କହିପାରୁ ନ ଥିବା ଆମ ପ୍ରତିନିଧି ଙ୍କ ଆଗରେ କିଛି ଭଦ୍ରବ୍ୟକ୍ତି। ଏନେଇ ଜିଲ୍ଲା ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନାଙ୍କୁ ଯୋଗାଯୋଗ କରାଯିବାରୁ ଏ ଘଟଣା ଆଜି ମୋର ନଜରକୁ ଆସିବାରୁ ମୁଁ ତାଙ୍କ ସହ ଯୋଗାଯୋଗ କରିବାରୁ ସେ ଦଶହଜାର ଟଙ୍କାର ଫାଇନ୍ କାଟି ଦିଅନ୍ତୁ ଓ ପ୍ରକୃତ ଗାଡ଼ିର ମାଲିକ ଆଜି ବଲାଙ୍ଗୀର ଆରଟିଓ ଙ୍କୁ ଟେକ୍ସି ନମ୍ବର ପାଇଁ ଆବେଦନ କରିସାରିଲେଣି ଏଣୁ ଆଗାମୀ ଦିନେ ଦୁଇଦିନ ରେ ଟେକ୍ସି ନମ୍ବର ହୋଇଯିବ ତେବେ କଥା ହେଉଛି ଯେବେ ସରକାରୀ କାର୍ଯ୍ୟ ରେ ଗାଡ଼ି ବ୍ୟବହାର ପାଇଁ ଟେଣ୍ଡର ଆହ୍ୱାନ ର ନିୟମ ଥିଲେ ହେଁ ଏଦିଗକୁ ମୋଟେ ଧ୍ୟାନ ନଦେଇ ସିଡିଓ ନିଜ ଆତ୍ମୀୟଙ୍କ ନାମରେ ଥିବା ଏକ ପରସନାଲ ନମ୍ବର ଥିବା ଗାଡ଼ି କୁ ବ୍ୟବହାର ପାଇଁ କିପରି ଚାହିଁଲେ ତାହା ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ଏଣୁ ଏଦିଗରେ ଜିଲ୍ଲାପାଳ ତଦନ୍ତ କରି ଉଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ଜନସାଧାରଣରେ ଦାବି ହେଉଛି।

## ପ୍ଲାଷ୍ଟିକ ବ୍ୟବହାର ବର୍ଜନ କାର୍ଯ୍ୟକ୍ରମ



ବୈଶିଙ୍ଗା,୨୦ା୧(ସଂଚାର ବ୍ୟୁରୋ): ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଏକକ ପ୍ଲାଷ୍ଟିକ ବ୍ୟବହାର ବର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତଜିଲ୍ଲାସ୍ତରୀୟ ହୋଇ ଯାଇଛି। ଓଡ଼ିଶା ସରକାର ଙ୍କ ଜଙ୍ଗଲ, ପରିବେଶ ଓ ଜଙ୍ଗଲ ମନ୍ତ୍ରାଳୟ ଅଧୀନ ସେଣ୍ଟର୍ ଫୋର୍ ଏନଭିରନମେଣ୍ଟାଲ ଷ୍ଟଡିଜ୍ ସହଯୋଗ ରେ ଅନୁଷ୍ଠିତ ଏହି ଦିବସ ବ୍ୟାପୀ କାର୍ଯ୍ୟ କ୍ରମରେ ସେଣ୍ଟର୍ ଫୋର୍ ଏନଭିରନ ମେଣ୍ଟାଲ ଷ୍ଟଡିଜ୍ ର କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀ ମୋହନ କୁମାର ରାଉତ୍ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ।ବିଦ୍ୟାଳୟର ଛାତ୍ର ଛାତ୍ରୀ, ଶିକ୍ଷକ ତଥା ଅଣ ଶିକ୍ଷକ ମାନଙ୍କୁ ଏକକ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ସମ୍ବନ୍ଧୀୟ ସବୁଜ ଶପଥ ପାଠ କରାଇଥିଲେ। ଏହି ଉପଲକ୍ଷେ ଆୟୋଜିତ ଏକ ସଚେତନତା ରାଲି କୁ ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ପତାକା ଦେଖାଇ ଶୁଭାରମ୍ଭ କରିଥଲେ। ବିଦ୍ୟାଳୟର ତିନି ଶହରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ପ୍ଲାଷ୍ଟିକ ବର୍ଜନ ଓ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ସ୍ଲୋଗାନ ଦେଇ, ଗ୍ରାମ୍ୟ ରାସ୍ତା ସଫେଇ କରିବା ସହିତ ଗ୍ରାମ ପରିକ୍ରମା କରି ସଚେତନ ସୃଷ୍ଟି କରିଥଲେ। ଏହାପରେ ଛାତ୍ର ଛାତ୍ରୀ ମାନେ 'ଏକକ ପ୍ଲାଷ୍ଟିକ ବ୍ୟବହାରକୁ ନା କରିବା' ବିଷୟ ବସ୍ତୁ ଉପରେ ଏକ କ୍ଷୁଦ୍ର ନାଟକ ପ୍ରଦର୍ଶନ କରି ସଚେତନତା ସୃଷ୍ଟି କରିଥିଲେ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

### ୧୦୦ରୁ ୮୭ ବ୍ୟକ୍ତିଗତ ଅଭିଯୋଗ




ଉଲୁଣ୍ଡା,୨୦ା୧(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୧୦୯ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୮୭ ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୫ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ୦୭ ଗୋଟି ଦରଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ରୁ ସହାୟତା ନିମନ୍ତେ ଗ୍ରହଣ କରାଯାଇଛି। ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ କରିସ୍ମା ବେସ୍ରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ , ସମେତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର , ଉପଜିଲ୍ଲାପାଳ ବୀରମହାରାଜପୁର, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

## ଜୟନାରାୟଣଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ, ବାର୍ଷିକୀ ସ୍ମୃତିଚାରଣ ସଭା



ବାଲିଆପାଳ,୨୦ା୧(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ର ବିଶ୍ୱକର୍ମା ସ୍ୱର୍ଗତ ଜୟନାରାୟଣ ମହାନ୍ତି ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବ୍ଲକ ଛକ ସ୍ଥିତ ଇନ୍ଦିରା ଶିଶୁ ଉଦ୍ୟାନ ପରିସର ରେ ଜୟନାରାୟଣ ଙ୍କ ପ୍ରତିମୂର୍ତ୍ତି ଅନାବରଣ, ସ୍ମରଣିକା ଉନ୍ମୋଚନ ଏବଂ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଜୟନାରାୟଣ ମହାନ୍ତି ସ୍ମୃତି ପରିଷଦ କମିଟି ପକ୍ଷରୁ ଆୟୋଜିତ ସଭାରେ ପ୍ରଧ୍ୟାପକ ହୃଦୟ ରଞ୍ଜନ ତ୍ରିପାଠୀ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଏବଂ ଉଦଘାଟକ ଭାବେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ଡଃ ଗିରିଧାରୀ ଗମାଙ୍ଗ ଯୋଗଦେଇ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ବରେଣ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାଶିନ ଜେନା, ବାଲେଶ୍ୱର ସାଂସଦ ପ୍ରାର୍ଥୀ ଡଃ ଲେଖାଶ୍ରୀ ସାମନ୍ତସିଂହାର, ବିଧାୟକ ପ୍ରାର୍ଥୀ ବିଜନ ନାୟକ, ରବିନ୍ଦ୍ର ଅଣ୍ଡିଆ, କମିଟି ର ଆବାହକ ଶିକ୍ଷକ ଜଗନ୍ନାଥ ମହାନ୍ତି, ଇଂ ସୁଶାନ୍ତ ଚକ୍ରବର୍ତ୍ତୀ, ସମାଜସେବୀ ପ୍ରଫୁଲ୍ଲ ସାହୁ, ବ୍ରଜକିଶୋର ଭୂୟାଁ ଯୋଗଦେଇ ଦିବ୍ୟଙ୍ଗତ ଆତ୍ମାର ଙ୍କ ପାଇଁ ସ୍ମୃତି ଚାରଣ କରିବା ସହିତ ଜୟନାରାୟଣ ଙ୍କ ଅଭୁଲା କୀର୍ତ୍ତି ପାଇଁ ସେ ଆଜି ମଧ୍ୟ ଲୋକଙ୍କ ଜନମାନସ ମଧ୍ୟରେ ପୂଜନୀୟ ହୋଇପାରିଛନ୍ତି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ରେମୁଣା ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ସମାଜସେବୀ ସୁବ୍ରତ ପଣ୍ଡା, ଭିଟାମାଟି ସୁରକ୍ଷା କମିଟି ର ଆବାହକ ଅରୁଣ ଜେନା ଙ୍କ ସହିତ ବାଲେଶ୍ୱର, ଜଳେଶ୍ୱର, ବାଲିଆପାଳ ଏବଂ ବିଭିନ୍ନ ସ୍ଥାନରୁ ବହୁ ନେତୃବୃନ୍ଦ ସମାଜସେବୀ ଯୋଗଦେଇ ଥିଲେ। ରବିନାରାୟଣ ମହାନ୍ତି ଏବଂ ସେଇଠୁ ଆରମ୍ଭ ର ସମ୍ପାଦକ ଶୁଭେନ୍ଦୁ ଦାସ ମଞ୍ଚ ପରିଚାଳନା କରିଥିଲେ। ଡଃ ସୁଶାନ୍ତ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।ପୁତ୍ର ସତ୍ୟକାମ ମହାନ୍ତି ଏବଂ ଦିବ୍ୟକାମ ଙ୍କ ସମେତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ମରଣିକା ଜନନେତା ଜୟନାରାୟଣ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। କମିଟି ର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ।

## ବଳଭଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ

ନିଶ୍ଚିନ୍ତକୋଇଲି,୨୦ା୧(ସଂଚାର ବ୍ୟୁରୋ): ରାଷ୍ଟ୍ରବାର୍ତ୍ତା: ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବଳଭଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୋଲଣପୁର ର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ବ୍ୟାପୀ ଆୟୋଜିତ କ୍ରୀଡା ଉତ୍ସବର ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାତ କୁମାର ବେହେରା ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ କୋଲଣପୁର ପଞ୍ଚାୟତର ସରପଞ୍ଚ ଗୋପବନ୍ଧୁ ସେଠୀ, ମୁଖ୍ୟବକ୍ତା ଭାବେ ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ଜେନା, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଶିବ ଚରଣ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଦନମୋହନ ସାମଲ ପ୍ରମୁଖ ଯୋଗଦେଇ ପିଲାମାନଙ୍କ ପାଇଁ କ୍ରୀଡାର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ପ୍ରଧାନଶିକ୍ଷକ ଶ୍ରୀ ବେହେରା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ମାଧ୍ୟମରେ କ୍ରୀଡାର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ନିଜର ମତବ୍ୟକ୍ତ ରଖିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଅନୁଷ୍ଠିତ ବିଭିନ୍ନ କ୍ରୀଡାରେ କୃତୀତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ମନୋରମା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷୀ ପଞ୍ଜିକରଣରେ ଅନିୟମିତତା

### ଖୋଲିଲା ଧାନ ମଣ୍ଡି, ସରପଞ୍ଚ ଆଣିଲେ ସାଙ୍ଘାତିକ ଅଭିଯୋଗ



କାକଟପୁର /ଅସ୍ତରଙ୍ଗ ,୨୦ା୧(ସଂଚାର ବ୍ୟୁରୋ): ଖରିଫ ଋତୁ ପାଇଁ ପୁରୀ ଜିଲ୍ଲା କାକଟପୁର ବ୍ଲକ ବାଙ୍ଗୁରିଗାଁ ସେବା ସମବାୟ ସମିତିରେ ଖୋଲିଲା ଧାନ ମଣ୍ଡି। ଏଣିକି ଚାଷୀ ମାନେ ନିଜ କଷ୍ଟ ଅର୍ଜିତ ଫସଲ ବିକ୍ରି କରିପାରିବେ। ଅନ୍ୟ ପଟେ ଖରିଫ ଧାନ କ୍ରୟକୁ ନେଇ ଚାଷୀ ପଞ୍ଜିକରଣରେ ବ୍ୟାପକ ଅନିୟମିତତା ହୋଇଛି ବୋଲି ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ବାଙ୍ଗୁରିଗାଁ ସରପଞ୍ଚ ପାର୍ଥ ବେହେରା। ଖବର ମୁତାବକ ପୁରୀ ଜିଲ୍ଲା ସମ୍ମିଳିତ ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଂ କାକଟପୁର ଶାଖା ଅଧୀନ ବାଙ୍ଗୁରିଗାଁ ସେବା ସମିତିତରଫରୁ ସୋମବାର ଧାନ ମଣ୍ଡିରେ ଚାଷୀଙ୍କ ଠାରୁ ଖରିଫ ଧାନ କ୍ରୟ ଶୁଭାରମ୍ଭ ହୋଇଛି। ବାଙ୍ଗୁରିଗାଁ ସମିତିର ସଭାପତି ବିଜୟ ଖଟୋଇ ଙ୍କ ଦ୍ୱାରା ଅନୁଷ୍ଠାନିକ ପୂଜା ପାଠ ପରେ ନୋଡାଲ ଅଧିକାରିଣୀ ଜସ୍ମିନ ଦାସ, ସ୍ଥାନୀୟ ସରପଞ୍ଚ ପାର୍ଥ ବେହେରା, ବାଙ୍ଗୁରିଗାଁ ସେବା ସମବାୟ ସମ୍ପାଦକ ସୁନାକର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ସାଧାରଣ ମାନ କୁଇଣ୍ଟାଲ ପିଛା ୨୩ଶହ ଟଙ୍କା ଏବଂ ଗ୍ରେଡ଼ ଏ ମାନର ଧାନ କୁଇଣ୍ଟାଲ ପିଛା ୨୩ଶହ ୨୦ଟଙ୍କା ରେ ସଂଗ୍ରହ କରାଯାଇଛି। ଚଳିତ ବର୍ଷ ବାଙ୍ଗୁରିଗାଁ ସେବା ସମବାୟ ସମିତିରେ ୨୩୦ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। କିନ୍ତୁ ମଣ୍ଡି ରେ ଚାଷୀ ପଞ୍ଜିକରଣ ରେ ଅନିୟମିତତା ନେଇ ସରପଞ୍ଚ ପାର୍ଥ ବେହେରା ପଂଚାୟତ କାର୍ଯ୍ୟାଳୟ ରେ ଏକ ସାମ୍ବାଦିକ ସମ୍ମିଳନୀ କରି ବାଙ୍ଗୁରିଗାଁ ସେବା ସମବାୟ ସମିତିରେ ୨୪-୨୫ ଖରିଫ ଧାନ କ୍ରୟ କୁ ନେଇ ଅନିୟମିତତା ନେଇ ଅଭିଯୋଗ କରିଥିଲେ। ତାଙ୍କ ଉକ୍ତି ଅନୁଯାୟୀସେବା ସମବାୟ ସମିତି ସଭାପତି ଓ ସମ୍ପାଦକ ଙ୍କ ମିଳିତ ଉଦ୍ୟମରେ ପ୍ରକୃତ ଚାଷୀ ମାନଙ୍କୁ ଅଣଦେଖା କରାଯାଇ ଚତୁରତାର ସହିତ ନିଜ ସମ୍ପର୍କୀୟଙ୍କ ନାମରେ ଏକାଧିକ ଖାତା ଖୋଲି ସ୍ୱଳ୍ପ ଜମିଥିବା ଚାଷୀ ମାନଙ୍କୁ ଭାଗ ଚାଷୀ ବୋଲି ଉଲ୍ଲେଖ କରି ଗୋଟେ ଲେଖାଏଁ ଚକଜମିରେ ବିଭିନ୍ନ ଚାଷୀ ମାନଙ୍କ ନାମରେ ଏପଟ ସେପଟ କରି ଆସାଧୁ ଉପାୟରେ ସେମାନଙ୍କ ନାମରେ କୁଇଣ୍ଟାଲ କୁଇଣ୍ଟାଲ ଟାର୍ଗେଟ କରି ସେମାନଙ୍କ ଟଙ୍କାକୁ ବାଟ ମାରଣା କରିବା ପାଇଁ ମସୁଧା ଚଳାଇଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ସରପଞ୍ଚ ଶ୍ରୀ ବେହେରା ଦର୍ଶାଇଥିବା ବେଳେ ଏକକିତା ନକଲ ଓଡିଶା ସରକାର ମାନ୍ୟବର ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ସମବାୟ ମନ୍ତ୍ରୀ, ଖାଉଟି ଓ ଯୋଗାଣ ବିଭାଗ ଅଧିକାରୀ ପୁରୀ, ସହକାରୀ ନିବନ୍ଧକ ପୁରୀ ସର୍କଲ, ତହସିଲଦାର କାକଟପୁର ଙ୍କୁ ପ୍ରେରଣ କରିଛନ୍ତି।

## ପ୍ରଶିକ୍ଷଣ ଶିବିରର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ

କଳିଙ୍ଗନଗର,୨୦ା୧(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା କଳିଙ୍ଗନଗରରେ ନିର୍ମାଣ ହେବାକୁ ଯାଉଛି ଏକ ପ୍ରଶିକ୍ଷଣ ଶିବିର, ଜିଲ୍ଲା ଖଣିଜ ପାଣ୍ଠି ଦ୍ୱାରା ନିର୍ମାଣହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିର ଟିର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ ମାନ୍ୟବର ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଦ୍ୱାରା ହୋଇଛି, ଏହି ପ୍ରଶିକ୍ଷଣ ଶିବିର ଶୁଭ ଦେବା ସମୟରେ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପଦାନକରି ଦୀପ ପ୍ରଜ୍ୱଳନ କରି ପୂଜାପାଠ କରାଯାଇଥିଲା କରାଯାଇଥିଲା, ସ୍ଥାନୀୟ ସାରଙ୍ଗପୁର ପଞ୍ଚାୟତର ଅରୁଣକୁମାର ସାହୁ ଓ ବାରଗଡ଼ିଆ ଗ୍ରାମର ବିଶ୍ୱଜିତ ରାଜଙ୍କ ସମେତ ଅନେକ ଗୁରୁଜନ ମାନେ ଉପସ୍ଥିତ ଥିଲେ ଏହି ଅବସରରେ ମାନ୍ୟବର ମନ୍ତ୍ରୀ କହିଥିଲେ ପ୍ରଶିକ୍ଷଣ ଶିବିରର କାର୍ଯ୍ୟ ସଫଳ କରାଇ ଆଗାମୀଦିନରେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ତାଲିମ ଦିଆଯିବା ସହ ସମସ୍ତ କାରଖାନା ମାନଙ୍କରେ ନିଯୁକ୍ତି ମିଳିବା ପାଇଁଚେଷ୍ଟା କରାଯିବ, ଏ ଅଞ୍ଚଳବାସୀ ଉନ୍ନତି ସହ ଶିକ୍ଷିତ ଯୁବକ ଯୁବତୀ ମାନେ ସ୍ଥାନୀୟ କାରଖାନା ମାନଙ୍କରେ ନିଯୁକ୍ତି ମଧ୍ୟ ପାଇବେ, କଳିଙ୍ଗନଗର ଅଞ୍ଚଳ ର ଉନ୍ନତି ମଧ୍ୟ ହେବ।